
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୦୯ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 MAY 2022
Vol.No. 33 ■ No. 120 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ୟୁକ୍ରେନ୍‌ର ସ୍କୁଲ ଉପରେ ରୁଷର ବୋମା ମାଡ଼ : ୬୦ ମୃତ



କିଭ୍, ୦୮/୦୫ : ୟୁକ୍ରେନ୍ ଉପରେ ଆକ୍ରମଣକୁ ଅଧିକ ଯୋରଦାର କରିଛି ରୁଷ। ପୂର୍ବ ୟୁକ୍ରେନ୍‌ର ଲୁହାନ୍ସକ୍‌ରେ ଏକ ସ୍କୁଲ ଉପରେ ବୋମା ମାଡ଼ କରିବାରୁ ୬୦ ଜଣଙ୍କର ମୃତ୍ୟୁ ଘଟିଛି। ରବିବାର ସ୍ଥାନୀୟ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ ସେରହିୟ ଗାଇଡାଇ କହିଛନ୍ତି ଯେ, ରୁଷର ସୈନ୍ୟମାନେ ଶନିବାର ଅପରାହ୍ନରେ ବିଲୋହରିବକାରେ ଥିବା ଏକ ସ୍କୁଲରେ ବୋମା ମାଡ଼ କରିଛନ୍ତି। ଯେଉଁଠି ୯୦ ଜଣ ଲୋକେ ଆଶ୍ରୟ ନେଇଥିଲେ। ଏହି ବୋମା ମାଡ଼ରେ ସ୍କୁଲ ବିଲଡିଂ ନଷ୍ଟ ହେବା ସହ ୬୦ ଜଣଙ୍କର ମୃତ୍ୟୁ ଘଟିଛି। ୪ ଘଣ୍ଟା ଧରି ଏହି ବିଲଡିଂଟି ଜଳିଥିଲା। ଅନ୍ୟମାନ ଜୀବନ୍ତ ଦଗ୍ଧ ହୋଇ ଥିବା ବେଳେ କେବଳ ୨ ଜଣଙ୍କ ମୃତ ଦେହ ମିଳିଛି । ଉକ୍ତ ସ୍କୁଲ ବିଲଡିଂରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି। ନ୍ୟୁଜ୍ ଏଜେନ୍ସି ଏଏଫପି ଅନୁଯାୟୀ, ଏହି ବିସ୍ଫୋରଣରେ ୬୦ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଗଭର୍ଣ୍ଣର ଆଶଙ୍କା କରିଛନ୍ତି। ସୂଚନାନୁସାରେ, ପୂର୍ବ ୟୁକ୍ରେନର ଲୁହାନ୍ସକ୍ ଅଞ୍ଚଳର ବିଲୋହରିବକା ଗାଁରେ ଥିବା ରୁଷର ସେନା ବୋମା ବିସ୍ଫୋରଣ କରିଥିଲେ। ରୁଷର ଏହି ଭୟଙ୍କର ବିସ୍ଫୋରଣରେ ୬୦ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଆଶଙ୍କା କରାଯାଉଥିବା ବେଳେ ଏନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଅନ୍ୟପକ୍ଷେ ୟୁକ୍ରେନ୍‌ର ଉପକୂଳ ସହର ଓଡ଼େଶାରେ ରୁଷ୍ ଆଜି ୪ଟି କ୍ରୁଜ୍ ମିସାଇଲ୍ ମାଡ଼ କରିଛି। ଖାରକିଭରେ ରୁଷ୍ ପୁଣି ବୋମାମାଡ଼ ଆରମ୍ଭ କରିଦେଇଛି। ଖାରକିଭରେ ରୁଷ୍ ପଶ୍ଚିମ ରାଷ୍ଟ୍ରମାନେ ପଠାଇଥିବା ଅସ୍ତ୍ର ଧ୍ୱଂସ କରିଥିବା ଦାବି କରିଛି। ଗତ ୨୪ ଘଣ୍ଟାରେ ରୁଷ୍ ଖାରକିଭରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଖାରକିଭରେ ଜଣେ ପ୍ରଖ୍ୟାତ ୟୁକ୍ରେନ୍ ଦାର୍ଶନିକଙ୍କ ସ୍ମୃତିରେ ଥିବା ମ୍ୟୁଜିୟମ୍‌କୁ ରୁଷ୍ ବୋମାମାଡ଼ କରି ଧ୍ୱଂସ କରିଦେଇଛି। ଏହା ସହ ମାରିୟୁପୋଲ୍‌ର ଆଜବଷ୍ଟଲ୍ ଷ୍ଟିଲ୍ ପ୍ଲାଣ୍ଟରୁ ଆଜି ପୁଣି ୫୦ ଜଣ ଉଦ୍ଧାର ହୋଇଛନ୍ତି। ଆଗାମୀ ୯ ତାରିଖରେ ରୁଷ୍‌ରେ ବିଜୟ ଦିବସ ଥିବାବେଳେ ଏହା ପୂର୍ବରୁ ରୁଷ୍ ମାରିୟୁପୋଲ୍ ସଂପୂର୍ଣ୍ଣ ଅକ୍ତିଆର କରିବାକୁ ଚାହିଛି। କେବଳ ଆଜବଷ୍ଟଲ୍‌କୁ ଛାଡ଼ିଦେଲେ ରୁଷ୍ ମାରିୟୁପୋଲ୍‌ର ଅନ୍ୟ ସବୁ ଅଞ୍ଚଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିସାରିଛି।

## ପୁରୀ ଠାରୁ ୯୦ କିମି ଦୂରରେ ଯିବ ବାତ୍ୟା ଅସାନି !



ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଦକ୍ଷିଣପୂର୍ବ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ବାତ୍ୟା ଅସାନି ସମ୍ପର୍କରେ ବଡ଼ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା। ବାତ୍ୟା ଅସାନି ଏବେ ପୁରୀ ଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ପ୍ରାୟ ୯୨୦ କିମି ଦୂରରେ ରହିଛି। ବାତ୍ୟା ୧୦ ତାରିଖ ସନ୍ଧ୍ୟା ସମୟରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ଅତିକ୍ରମ କରିବ। ହେଲେ ସ୍ଥଳ ଭାଗକୁ ଆସିବ ନାହିଁ। ସମୁଦ୍ର ମଧ୍ୟରେ ସମାନ୍ତରଳ ଭାବେ ଏହା ଉତ୍ତର ବଙ୍ଗୋପସାଗର ମୁହଁ ହେବ। ପୁରୀ ଠାରୁ ଏହା ପ୍ରାୟ ୯୦ରୁ ୧୦୦ କିମି ଦୂରରେ ଅତିକ୍ରମ କରିବ। ବାତ୍ୟା ଅତିକ୍ରମ କରିବା ବେଳେ ପବନର ସର୍ବାଧିକ ଘଣ୍ଟାପ୍ରତି ବେଗ ୫୦ କିମି ଯାଏ ରହିବ। ୧୦ ତାରିଖରେ ବାତ୍ୟା ଯୋଗୁ ଗଜପତି, ଗଞ୍ଜାମ ଓ ପୁରୀରେ ମଧ୍ୟମରୁ ପ୍ରବଳ ବର୍ଷା ହେବ। ସେହିପରି ୧୧ ତାରିଖରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁରରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ୧୨ରେ ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱରର ଗୋଟିଏ ଦୁଟି ସ୍ଥାନରେ ୭ରୁ ୧୧ ସେମି ଯାଏ ବର୍ଷା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି। ▶▶ପୃଷ୍ଠା ୭

## ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ କଲେ ସାଂସଦ ଅପରାଜିତା

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଭୁବନେଶ୍ୱର ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଆଜି ଅନାରାଜନୈତିକ ସଂଗଠନ ଆଜିତା ଏବଂ ସମର୍ଥ ଆନୁକୂଲ୍ୟରେ ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ୱାର୍ଡ -୩୯ ଠାରେ ଆୟୋଜିତ ସ୍ୱାସ୍ଥ୍ୟ ମେଳା ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟକ ପାର୍ଥୀ ଜଗନ୍ନାଥ ପ୍ରଧାନ, କର୍ପୋରେଟର ସମସ୍ତ କାର୍ଯ୍ୟକର୍ତା ଏବଂ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିବଦ୍ଧତା ଉଲ୍ଲେଖ କରିଥିଲେ ।

## ଫାର୍ମା କମ୍ପାନୀ ଉପରେ ଏନସିବି ରେଡ

ନୂଆଦିଲ୍ଲୀ, ୦୮/୦୫ : ହାଇଦ୍ରାବାଦରେ ଅବୈଧ ଔଷଧ ଯୋଗାଣ ଅଭିଯୋଗରେ ଏନସିବି ରେଡ କରିଛି । ଫାର୍ମା କମ୍ପାନୀ ଉପରେ ଚଢାଉ କରି ୩.୭୧ କୋଟି ଟଙ୍କା, ମାଦକ ପଦାର୍ଥ, ଲାପଟପ, ମୋବାଇଲ ଜବତ କରିଛି । କମ୍ପାନୀର କର୍ମଚାରୀ ବିଦେଶକୁ ବେଆଇନ ଭାବେ ଔଷଧ ଯୋଗାଣ କରୁଥିଲେ । ଏନସିବି ଟିମ ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି । ଜେଆର ଇନଫେନିଟି ପ୍ରାଇଭେଟ ଲିମିଟେଡ ନାମକ ଏହି କମ୍ପାନୀରେ ଚଢାଉ କରି ଏହି ଟଙ୍କା ଜବତ କରିଛି । ଏନସିବି ପକ୍ଷରୁ କୁହାଯାଇଛି ହାଇଦ୍ରାବାଦର ସବରିଜନ ଅଧିକାରୀ ଡୌମଲଗୁଡା ଅଞ୍ଚଳରେ ▶▶ପୃଷ୍ଠା ୭

## ଆଉ ନାହାନ୍ତି ପଦ୍ମଶ୍ରୀ ରଜତ କର



ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଆଉ ନାହାନ୍ତି ବିଶିଷ୍ଟ ସାହିତ୍ୟିକ ତଥା ବାଗ୍ମୀ ରଜତ କର। ଭଞ୍ଜ ସାହିତ୍ୟର ବିଶିଷ୍ଟ ବ୍ୟାଖ୍ୟାକାର ତଥା ପଦ୍ମଶ୍ରୀ ରଜତ କର ଆଜି ରାଜଧାନୀର ଗୋଟିଏ ଘରୋଇ ହସ୍ପିଟାଲରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ହୃଦଘାତରେ ତାଙ୍କର ପରଲୋକ ହୋଇଥିବା ବଡ଼ ପୁଅ ରଂଜିତ କର ସୂଚନା ଦେଇଛନ୍ତି। ୨୦୨୧ରେ ଶ୍ରୀ କର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିଲେ। ୧୯୩୪ ମସିହା ଅକ୍ଟୋବର ୨ରେ ଜନ୍ମ ଗ୍ରହଣ କରିଥିବା ରଜତ କର ଜଣେ ଶିକ୍ଷାବିତ, ନାଟ୍ୟକାର ଓ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଭାବେ ଖ୍ୟାତି ଅର୍ଜନ କରିଥିଲେ। ସେ ପ୍ରାୟ ୭ଟି ନନ୍ ଫିକ୍ସନ ବହି ଓ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଅନେକ ପୁସ୍ତକ ରଚନା କରିଥିଲେ। ଦୀର୍ଘ ୬୦ ବର୍ଷ ଧରି ସେ ବିଭିନ୍ନ ଟିଭି ଓ ରେଡିଓରେ ଜଗନ୍ନାଥ ସଂସ୍କୃତି ବିଷୟରେ ସମସ୍ତଙ୍କୁ ଅବଗତ କରାଉଥିଲେ। ସେ ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରି ଓଡ଼ିଶାର ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାକୁ ସକ୍ଷମ ହୋଇଥିଲେ। ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ଜଣେ ସୁବକ୍ତା ଭାବେ ତାଙ୍କର ଖ୍ୟାତି ରହିଛି। ରଜତ କର ▶▶ପୃଷ୍ଠା ୭

## ଛୋଟପିଲାଙ୍କୁ କରୋନା ସଂକ୍ରମଣ ବଢ଼ାଇଲା ଚିନ୍ତା

ନୂଆଦିଲ୍ଲୀ, ୦୮/୦୫ : ଚିନ୍ତା ବଢାଇଲା ଶିଶୁ, କିଶୋରଙ୍କୁ କରୋନା ସଂକ୍ରମଣ । ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୬୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୋଟ୍ ୭୧ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ଭିତରେ ୬୬ ଜଣ ଶିଶୁ ଓ କିଶୋର ଅଛନ୍ତି । ତେବେ ଗତକାଲି ରାୟଗଡାରୁ ଚିହ୍ନଟ ହୋଇଥିବା ୬୪ କରୋନା ପଜିଟିଭ ପିଲାଙ୍କ ବାବଦରେ ଆଜି ସରକାରୀ କୋଭିଡ ଡ୍ୟାସବୋର୍ଡରେ ସୂଚନା ଦିଆଯାଇଛି । ରାୟଗଡ଼ା ଜିଲ୍ଲାର ୨ଟି ସ୍ଥାନରୁ ୬୪ ଜଣ ପିଲା କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । କୋଟଲାଗୁଡ଼ା ସ୍ଥିତ ଏକ ହଷ୍ଟେଲର ୪୪ ଜଣ ଛାତ୍ର କରୋନା ଆକ୍ରାନ୍ତ ହୋଇଥିବା ବେଳେ ହାଟମୁନିଗୁଡ଼ା ସରକାରୀ ବିଦ୍ୟାଳୟର ୨୦ ଜଣ ପିଲା କରୋନା ▶▶ପୃଷ୍ଠା ୭

## ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ




ଭୁବନେଶ୍ୱର, ୦୮/୦୫ (ନି.ପ୍ର): ବିଶ୍ୱ ରେଡକ୍ରସ୍ ଦିବସ ତଥା ରେଡକ୍ରସ୍‌ର ପ୍ରତିଷ୍ଠାତା ଜାଁ ହେନେରୀ ଦୁନାଁଙ୍କ ୧୯୫ ତମ ଜନ୍ମ ଦିବସ ଆଜି ରେଡକ୍ରସ୍ ଭବନରେ ପାଳିତ ହୋଇଯାଇଛି । ଏହି ଅବସରରେ ରେଡକ୍ରସ୍ ରାଜ୍ୟ ଶାଖା ସଚିବ ସିଟିଏମ୍ ସୁଗୁଣା ମୁଖ୍ୟ ଅତିଥି ଓ ରେଡକ୍ରସ୍‌ର ବରିଷ୍ଠ ସଦସ୍ୟ ଡ. ଦ୍ୱାରୀକାନାଥ ମହାନ୍ତି ସମ୍ମାନୀତ ଅତିଥୀ ଭାବେ ଯୋଗ ଦେଇ ରେଡକ୍ରସ୍ ଭବନ ପରିସରରେ ଥିବା ହେନେରୀ ଦୁନାଁଙ୍କ ପ୍ରତିମୂର୍ତି ର ମାଲ୍ୟାର୍ପଣ କରିଥିଲେ । ରେଡକ୍ରସ୍ ରାଜ୍ୟ ଶାଖାର ଚାରୋଟି ଗୋଡ ଯଥା - ଜିଲ୍ଲା/ଆଂଚଳିକ ଶାଖା, ୟୁଥ ରେଡକ୍ରସ୍, ଜୁନିଅର ରେଡକ୍ରସ୍ ଓ ରେଡକ୍ରସର ସଦସ୍ୟ/ସଦସ୍ୟା ମାନେ। ଏଥିରୁ କୌଣସି ଗୋଟିଏକୁ ଛାଡିଲେ ଚଳିବ ନାହିଁ, ଏଣୁ ସମସ୍ତଙ୍କୁ ନେଇ ▶▶ପୃଷ୍ଠା ୭

## ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ହେବେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା



ଭୁବନେଶ୍ୱର, ୦୮/୦୫ (ନି.ପ୍ର): ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀ ରୁପେ ଘୋଷଣା କରାଯାଇଛି । ବିଜେପି କେନ୍ଦ୍ରୀୟ ନେତୃତ୍ୱ ତରଫରୁ ବିଧିବଦ୍ଧ ଭାବେ ତାଙ୍କର ନାମ ଘୋଷଣା କରାଯାଇଛି । ରାଧାରାଣୀ ୨୦୧୪ରେ ବ୍ରଜରାଜନଗରରୁ ବିଜେପି ଟିକେଟରେ ନିର୍ବାଚନ ଜିତିଥିଲେ। ହେଲେ ୨୦୧୯ରେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତିଙ୍କ ଠାରୁ ସେ ପରାଜିତ ହୋଇଥିଲେ । ଗତ ଡିସେମ୍ବର ୩୦ରେ ବିଧାୟକ କିଶୋର ମହାନ୍ତିଙ୍କ ବିୟୋଗ ପରେ ଏହି ଆସନ ଖାଲି ପଡ଼ିଥିଲା। ଚଳିତ ମେ'୩୧ରେ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ତାରିଖ ଘୋଷଣା କରିଛନ୍ତି। ଏହା ପୂର୍ବରୁ କଂଗ୍ରେସ ଦଳ ପକ୍ଷରୁ ମଧ ପାର୍ଥୀଙ୍କ ନାମ ଘୋଷଣା କରାଯାଇ ସରିଛି । କିଶୋର ପଟେଲ ଦଳୀୟ ପ୍ରାର୍ଥୀ ହେବେ ବୋଲି ଘୋଷଣା କରାଯାଇଛି । ବର୍ତ୍ତମାନ ସୁଦ୍ଧା ବିଜେଡି ପକ୍ଷରୁ କିଏ ପ୍ରାର୍ଥୀ ହେବ ସେ ନେଇ ଘୋଷଣା ହୋଇ ନାହିଁ ।

## ୨ ବର୍ଷ ପରେ ଭକ୍ତଙ୍କ ଲାଗି ଖୋଲିଲା ବଦ୍ରିନାଥ ମନ୍ଦିର



ବଦ୍ରିନାଥ, ୦୮/୦୫ (ନି.ପ୍ର): ବଦ୍ରିନାଥ ଦର୍ଶନ ଲାଗି ଖୋଲିଲା ମନ୍ଦିରର ଦ୍ୱାର। ୨ ବର୍ଷର କରୋନା କଟକଣା ପରେ ଚଳିତ ବର୍ଷ ବଦ୍ରିନାଥରେ ପ୍ରଭୁଙ୍କୁ ଦର୍ଶନ ଲାଗି ଭକ୍ତଙ୍କ ପାଇଁ ମନ୍ଦିରର ଦ୍ୱାର ଖୋଲାଯାଇଛି । ଆଜି ଗଙ୍ଗା ସପ୍ତମୀ ଅବସରରରେ ସକାଳ ୬ଟା ୧୫ମିନିଟ୍ ରେ ପୂଜାର୍ଚ୍ଚନା ଓ ମନ୍ତ୍ରପାଠ ସହ ମନ୍ଦିରର ଦ୍ୱାର ଖୋଲାଯାଇଛି । ଏହି ଅବସରରେ ସଂପୂର୍ଣ୍ଣ ମନ୍ଦିରକୁ ଫୁଲରେ ସଜ୍ଜିତ କରାଯାଇଥିଲା। ଚଳିତ ବର୍ଷ ଦର୍ଶନ ପାଇଁ ଅନୁମତି ମିଳିଥିବାରୁ ଭକ୍ତଙ୍କ ମନରେ ବେଶ୍ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା। ଭକ୍ତମାନେ ମନ୍ଦିର ଖୋଲିବା ନେଇ ବେଶ୍ ଖୁସିର ସହ ମନ୍ଦିର ସମ୍ମୁଖରେ ନାଚଗୀତ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଆଗାମୀ ୬ ମାସ ଯାଏ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲା ରହିବ ମନ୍ଦିର । ପୌରାଣିକ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ହଜାର ହଜାର ଭକ୍ତଙ୍କ ଖୁସି ମଧ୍ୟରେ ଆଜି ସକାଳେ ବଦ୍ରିନାଥ ଧାମର ଦ୍ୱାର ଖୋଲା ଯାଇଛି। ଅଳକା ନଦୀ କୂଳରେ ଥିବା ଚାମୋଲି ଜିଲ୍ଲାର ଗଡ଼ୱାଲ ପାହାଡ ଟ୍ରାକରେ ଅବସ୍ଥିତ ବଦ୍ରିନାଥ ମନ୍ଦିର ଭଗବାନ ବିଷ୍ଣୁଙ୍କୁ ଉତ୍ସର୍ଗ କରାଯାଇଛି। ରବିବାର ସକାଳୁ ବଦ୍ରିନାଥ ଧାମରେ ବହୁ ଭକ୍ତ ଉପସ୍ଥିତ ଥିଲେ । ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା ସମୟରେ ଚଳିତ ବର୍ଷ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ସଂଖ୍ୟା ନିର୍ଦ୍ଧାରଣ କରାଯାଇଛି । ବଦ୍ରିନାଥ ଧାମରେ ଦୈନିକ ୧୫ ହଜାର, କେଦାରନାଥରେ ୧୨ ହଜାର, ଗଂଗୋତ୍ରୀରେ ୭ ହଜାର ଓ ଯମୁନୋତ୍ରୀରେ ୪ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବେ । ଏହି ମନ୍ଦିରଟି ଚାରୋଟି ପ୍ରାଚୀନ ତୀର୍ଥସ୍ଥାନ ▶▶ପୃଷ୍ଠା ୭

## ବାବା ଜମ୍ବେଶ୍ୱର ମହାଦେବଙ୍କର ୧୦୦ ତମ ପୂର୍ତ୍ତି ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ




ବାଲେଶ୍ୱର, ୦୮/୦୫ (ନି.ପ୍ର): ଜମ୍ବେଶ୍ୱର ମହାଦେବଙ୍କ ୧୦୦ ବର୍ଷ ପୂର୍ତ୍ତି ଅବସରରେ ଗ୍ରାମବାସୀ ତଥା ପରିବାରବର୍ଗଙ୍କ ସହଯୋଗରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଳସ ଯାତ୍ରା ପରେ ଯଜ୍ଞ ଆରମ୍ଭ ଓ ରୂଦ୍ରାଭିଷେକ ଦିବସବ୍ୟାପି ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଏକ ଆଧ୍ୟାତ୍ମିକ ସଭାରେ ମନ୍ଦିରର ପୂଜକ ପୀତବାସ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମାନବାଧିକାର କର୍ମୀ ସୁଧାକର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ମନ୍ଦିର କମିଟି ତରଫରୁ ବୃନ୍ଦାବନ ବେହେରା ଧନ୍ୟବାଦ ଦେଇଥିଲେ । ଏହି ଆଧ୍ୟାତ୍ମିକ ସଭାରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଥିଲେ । ସେହିପରି ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ କୁମାର ଗୋପାଳ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି କଲେଜର ଅଧ୍ୟକ୍ଷ ମଞ୍ଜୁଲତା ପାଣିଗ୍ରାହୀ, କମିଟିର ସଭାପତି ଇଂ ଭବାନୀ ଶଙ୍କର ପାଣିଗ୍ରାହୀ ଓ ଭରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ବାବା ଜମ୍ବେଶ୍ୱର ନାଥଙ୍କ ୧୦୦ ବର୍ଷ ପୂର୍ତ୍ତି ଅବସରରେ ତାଙ୍କର ମହିମା ଗାନ କରିବା ସଙ୍ଗେ ସଙ୍ଗେ ମନ୍ଦିରର ମାହାତ୍ମ୍ୟ ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ପରିଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନବକଳେବର ପାଇଁ ନୂଆଦିଲ୍ଲୀ ଗସ୍ତ : ହାଇକମାଣ୍ଡଙ୍କୁ ଭେଟିବେ ରାଜ୍ୟ କଂଗ୍ରେସ ନେତା

ନୂଆଦିଲ୍ଲୀ, ୦୮/୦୫ : ଓଡିଶା ଉପରେ ବାତ୍ୟାର ବାଦଲ ଘୂରି ବୁଲୁଥିବା ବେଳେ, ରାଜ୍ୟର କଂଗ୍ରେସ ସଂଗଠନରେ ମଧ ନେତୃତ୍ୱକୁ ନେଇ ଝଡ ଉଠିଛି । ପିସିସିର ମଙ୍ଗ କିଏ ଧରିବ, ସେ ନେଇ ୯ ବିଧାୟକଙ୍କ ସହ ୧୭ ନେତା ହାଇକମାଣ୍ଡଙ୍କ ସହ ଆଲୋଚନା କରିବାକୁ ଦିଲ୍ଲୀ ଯାଇଛନ୍ତି । ରାହୁଲ ଗାନ୍ଧୀଙ୍କୁ ଭେଟିବାକୁ ନୂଆଦିଲ୍ଲୀ ଗସ୍ତରେ ରାଜ୍ୟ କଂଗ୍ରେସ ନେତା । ଦଳୀୟ ସଂଗଠନକୁ ଆମୂଳଚୁଳ ପରିବର୍ତନ ପାଇଁ ହେବ ବିଚାର ବିମର୍ଷ । କାହାକୁ ସଭାପତି କଲେ ଦଳର ସ୍ଥିତିକୁ ପୁଣି ମଜବୁତ କରି ହେବ ସେ ନେଇ ହାଇକମାଣ୍ଡଙ୍କ ସହ ହେବ ଆଲୋଚନା । ଏହା ସହ ବିଧାୟକଦଳ ନେତା, କାର୍ଯ୍ୟକାରୀ ସଭାପତି, ପଦାଧିକାରୀଙ୍କ ତାଲିକା ବି ବଦଳିବ ବୋଲି କୁହାଯାଉଛି । କେବଳ ସଂଗଠନ ନୁହେଁ, ୨୦୨୪ ସାଧାରଣ ନିର୍ବାଚନ ପାଇଁ ରୋଡମ୍ୟାପ ବିଷୟରେ ତର୍ଜମା ହେବ ବୋଲି କହିଛନ୍ତି ଦିଲ୍ଲୀ ଗସ୍ତରେ ଥିବା ଓଡିଶା କଂଗ୍ରେସ ନେତା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବରୁ ସଭାପତି ପଦ ରେସରେ ପୂର୍ବତନ ସଭାପତି ଶରତ ପଟ୍ଟନାୟକଙ୍କ ନାଁ ସଭୁଠାରୁ ଆଗରେ ଥିବା ଚର୍ଚ୍ଚା ହେଉଥିବା ବେଳେ, ସେ କିନ୍ତୁ ରେସରେ ନଥିବା କଥା କହିଛନ୍ତି । ଅପରପକ୍ଷରେ ବିଧାୟକ ମାନଙ୍କ ଭିତରୁ ଜଣଙ୍କୁ ସଭାପତି କରିବା ପାଇଁ ଦାବି ମଧ ଉଠିଛି । ଏହା ସହ ବିଧାୟକଦଳ ପଦବୀ କରିବର୍ତନ ପାଇଁ ମଧ ଭିଡି ବସିଛନ୍ତି କିଛି ବିଧାୟକ । ବଡ କଥା ହେଉଛି କଂଗ୍ରେସର ୯ ଜଣ ବିଧାୟକ ଦ୍ୱିଇଟି ▶▶ପୃଷ୍ଠା ୭

# କେନ୍ଦୁଝରରେ ଗ୍ରହଣଖଣ୍ଡିଆ ଓ ତାଲୁକଣା ଶିଶୁଙ୍କ ଅସ୍ତ୍ରୋପଚାର ପରବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କେନ୍ଦୁଝର,୮/୦୫ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ ଏବଂ ଶଶିଭୂଷଣ ମେମୋରିଆଲ୍ ହସ୍ପିଟାଲ, ବାଲିକୁଦା, କଟକର ସହଯୋଗରେ ଏକ ଗ୍ରହଣଖଣ୍ଡିଆ ଓ ତାଲୁକଣା ଶିଶୁଙ୍କ ଅସ୍ତ୍ରୋପଚାର ପରବର୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡି.ଇ.ଆଇ.ସି.ଠାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ, ଶିଶୁମାନଙ୍କର ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି ଏବଂ ଆଗାମୀ ଦିନରେ ମଧ ଏହା ମାଧମରେ ଅନେକ ଶିଶୁ ଉପକୃତ ହୋଇପାରିବେ । ଏହି ଶିବିରରେ ଶଶିଭୂଷଣ ମେମୋରିଆଲ୍ ହସ୍ପିଟାଲର ଅଭିଜ୍ଞ ଚିକିତ୍ସକ ଡାଃ. ପ୍ରଶାନ୍ତ କୁମାର ବଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୮୯ ଜଣ ଗ୍ରହଣ ଖଣ୍ଡିଆ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସାସେବା ଓ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ରାଷ୍ଟ୍ରିୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କେନ୍ଦୁଝର ମାଧମରେ ଗତ ୭ ବର୍ଷ ମଧରେ ସଫଳତାର ସହ ୩୨୦ ଜଣ ଶିଶୁଙ୍କ ମାଗଣାରେ ଗ୍ରହଣ ଖଣ୍ଡିଆ ଅସ୍ତ୍ରପୋଚାର କରାଯାଇଅଛି । ଏହି ଶିବିରଟି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାଃ. କିଶୋର କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ. ଦେବେନ ଦାସ ଏବଂ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ. ପ୍ରଣତିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କେନ୍ଦୁଝରର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ, ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ଏବଂ ସ୍ମାଇଲ ଟ୍ରେନ୍ ପ୍ରୋଜେକ୍ଟ ମ୍ୟାନେଜର ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଡି.ଆଇ.ଇ.ସି.ର ସମସ୍ତ କର୍ମକର୍ତା ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳର କର୍ମକର୍ତା ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ମଇ ୯ରେ ବାମନଘାଟି ଉପଖଣ୍ଡ ପାଇଁ ମିଳିତ ଜନ ଶୁଣାଣୀ ଶିବିର

ରାଇରଙ୍ଗପୁର,୮/୦୫ (ନି.ପ୍ର): କରୋନା କଟକଣା ପାଇଁ ଦୀର୍ଘ ଦିନ ହେବ ସ୍ଥଗିତ ଥିବା ମିଳିତ ଜନ ଶୁଣାଣୀ ଶିବିର ସରକାରଙ୍କ ନିର୍ଦ୍ଦେଶ ମତେ ପୁନର୍ବାର ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାଇ ଚଳିତ ମଇ ମାସ ପାଇଁ ଆସନ୍ତା ୯ ତାରିଖ (ଦ୍ୱିତୀୟ ସୋମବାର ) ଦିନ ବାମନଘାଟି ଉପଖଣ୍ଡ ପାଇଁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହେବ । ବାମନଘାଟି ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଉକ୍ତ ମିଳିତ ଜନ ଶୁଣାଣୀ ଶିବିର ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୮ଟା ଠାରୁ ଆରମ୍ଭ ହେବ । ଉଲ୍ଲେଖଯୋଗ୍ୟ, ଏହି ଜନ ଶୁଣାଣୀ ଶିବିରରେ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ସମସ୍ତ ବିଭଗୀୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ବିଭିନ୍ନ ଅଭିଯୋଗର ଶୁଣାଣୀ କରାଯାଇ ଉତଥାପିତ ଅଭିଯୋଗ ଗୁଡିକର ଯଥାସମ୍ଭବ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇ ଥାଏ ଏବଂ ଆବଶ୍ୟକ ସ୍ଥଳେ କିଛି ଅଭିଯୋଗର ତତ୍କାଳ ସମାଧାନ ମଧ କରାଯାଇଥାଏ । ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ଦୁର୍ନୀତି, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଇତ୍ୟାଦି ସମ୍ବନ୍ଧିତ ବ୍ୟକ୍ତିଗତ ବା ସାମୁହିକ ସମସ୍ୟା ଜଡ଼ିତ ଅଭିଯୋଗମାନ ଏହି ଜନ ଶୁଣାଣୀ ଶିବିରରେ ଜନସାଧାରଣ ଉପସ୍ଥାପନ କରିଥାନ୍ତି । ତେଣୁ ଏହି ପରିପ୍ରେକ୍ଷୀରେ ଇଛୁକ ବ୍ୟକ୍ତିବିଶେଷ /ଜନସାଧାରଣ ଉକ୍ତ ଦିନ ନିର୍ଧାରିତ ସମୟ ପୂର୍ବରୁ ଶିବିର ନିକଟରେ ପହଂଚି ନିଜ ନିଜ ଅଭିଯୋଗ ପତ୍ର /ଆବେଦନ ପତ୍ର ଶୁଣାଣୀ ପାଇଁ ପଞ୍ଜିକୃତ କରିପାରିବେ ।

## ଦମକଳ ବିଭାଗ ତରଫରୁ ଅଗ୍ନି ନିର୍ବାପକ ଯନ୍ତ୍ର

ଜୟପୁର,୮/୦୫ (ନି.ପ୍ର): ଜୟପୁର ଦମକଳ ବିଭାଗ ତରଫରୁ ଅଗ୍ନି ନିର୍ବାପକ ଯନ୍ତ୍ର ର ଯାଂଚକରାଯାଇଛି । ସହରରେ ଥିବା ଗ୍ୟାସ ଟିପୋ, ପେଟ୍ରୋଲ ପମ୍ପ, ସିନିମା ହଲ, ମଲ ରେ ଯାଂଚକରାଯାଇଛି । ଏସବୁ ସ୍ଥାନରେ ଅଗ୍ନି ନିରାପତା ବ୍ୟବସ୍ଥା ଅଛି କି ନାହିଁ ଏବଂ ଅଗ୍ନି ନିବାପକ ଯନ୍ତ୍ରର କାଯ୍ୟ କୁ ଯାଂଚକରାଯାଇଛି । ଯାହାର ନାହିଁ ସେ ମାନଙ୍କୁ ନୋଟିସ କରାଯାଇଛି । ସହରରେ ୪ଟି ଗ୍ୟାସ ଡିପୋ ରହିଥିବା ବେଳେ କାହାର ବି ଫାୟାର ସାଟିଫିକେଟ ନାହିଁ । ଏହା ସହରରେ ସହୟପୁର ସହରେ ୧୦ ଅଧିକ ପେଟ୍ରୋଲ ପମ୍ପ ରହିଥିବା ବେଳେ ସେ ମାନଙ୍କ ଠିକ ରହିଥିବା ବେଳେ ଅଗ୍ନି ନିରାପାତା ଉପେର ପମ୍ପର କର୍ମଚାରକି ମାନଙ୍କୁ ତାଲିମ ଦିଆଯାଇଥିଲା । ସହରରେ ୪ ରୁ ଅଧିକ ମଲ ରହିଥିବା ବେଳେ ସେ ମାନଙ୍କର ରବିବାର ଯାଂଚକରାଯିବ । ଯେଉ ମାନଙ୍କ ଅଗ୍ନି ନିରପାତା ବ୍ୟବସ୍ଥା ନାହିଁ ସେ ମାନଙ୍କୁ ନୋଟିସ ଜାରି କରାଯିବ ବୋଲି ଅସିଷ୍ଟାଣ୍ଡ ଫାୟାର ଅଫିସର କୁନା ନାୟକ ସୁଚନା ଦେଇଛନ୍ତି ।

## ଜବରଦଖଲ ଉଚ୍ଛେଦ କଲେ ପ୍ରଶାସନ

ଜୟପୁର ,୮/୦୫ (ନି.ପ୍ର): ଜୟପୁର ସହରରେ ବହୁ ସରକାରୀ ଜାଗା ଜବରଦଖଲ ହୋଇଛି । ଫଳରେ ଜୟପୁର ସହରରେ ବିକାଶ ବାଧକ ସାଜିଛି । ଏନେଇ ଆଜି ରାଜସ୍ୱ, ପୌର ପରିଷଦ ଓ ପୋଲିସ ର ମିଳିତ ଚଢାଉ କରାଯାଇ ଜବର ଦଖଲ ଉଚ୍ଛେଦ କରାଯାଇଛି । ପାରାବେଢା ପଛପଟ ଫରେଷ୍ଟ ଅଫିସ ନିକଟ, ଜୟନଗର ଚିତ ବିନୋଦନ କେନ୍ଦ୍ର ଛକ ନିକଟରେ ଉଚ୍ଛେଦ କରାଯାଇଛି । ପ୍ରଶାସନ ତରଫରୁ ଜେସିବି ଦ୍ୱାରା ଅଦ୍ଧ ନିର୍ମିତ ଘର ସବୁ ଭଙ୍ଗା ଯାଇଛି । ଏହି ଉଚ୍ଛେଦ ସମୟରେ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ. ରାଜସ୍ୱ ନିରିକ୍ଷକ,ପୌର କର୍ମଚାରି ଉପସ୍ଥିତ ଥିବା ବେଳେ ଟାଉନ ପୋଲିସ ମୁତୟନ ହୋଇଥିଲେ ।

# ବିଭିନ୍ନ ସମସ୍ୟା ନେଇ ଶ୍ରମ ଅଧିକାରୀଙ୍କୁ ଅଟକ ରଖିଲା ଜିଲ୍ଲା ଶ୍ରମିକ ମହାସଂଘ

ନୂଆପଡ଼ା,୮/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ତରଫରୁ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ତରଫରୁ ଜିଲ୍ଲାରେ ସକ୍ରିୟ ଥିବା ବିଭିନ୍ନ ଶ୍ରମିକ ସଂଗଠନର ନେତୃମଣ୍ଡଳୀ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାରଲା ତଥା ଅତିରିକ୍ତ ଶ୍ରମ ଅଧିକାରୀ ଡି.ଏସ ଧରୁଆଙ୍କୁ ଦୀର୍ଘ ସାଢ଼େ ତିନି ଘଣ୍ଟା କାଳ ଅଟକ ରଖିଥିଲେ । ବିଭିନ୍ନ ସମୟରେ ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ତରଫରୁ ଦାବିପତ୍ର ପ୍ରଦାନ, ଆଲୋଚନା, ଆନ୍ଦୋଳନ ଓ ବିକ୍ଷୋଭ କଲେ ମଧ କୌଣସି ସୁଫଳ ମିଳୁନାହିଁ, ଶ୍ରମ କାର୍ଯ୍ୟାଳୟ ଦଲାଲ ମାନଙ୍କ ଆଡ୍ଡା ପାଲଟିଛି ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରାଯାଇଥିଲା, ଯାହାକୁ ଶ୍ରମ ଅଧିକାରୀ ଖଣ୍ଡନ କରିଥିଲେ ।ଗତ ଶ୍ରମିକ ଦିବସ ପାଳନରେ କୌଣସି ଶ୍ରମିକ ସଂଗଠନ କିମ୍ୱା ମହାସଂଘର କର୍ମକର୍ତ୍ତାଙ୍କୁ ଓ କଳାହାଣ୍ଡି ଲୋକସଭା ସାଂସଦଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଏଥିପାଇଁ ଏହି ଉତ୍ସବକୁ ମହାସଂଘ ତରଫରୁ ବହିଷ୍କାର କରିବା ସହିତ ସ୍ୱତନ୍ତ୍ର ଭାବରେ ନୂଆପଡା ବ୍ଲକର ଖାଇରାନୀ ଠାରେ ପାଳନ କରାଯାଇଥିଲା । ଜିଲ୍ଲା ଶ୍ରମ ଅଧିକାରୀ ଯୋଗାଯୋଗରେ ବ୍ୟତିକ୍ରମ ପାଇଁ ଏପରି ଅନିଚ୍ଛାକୃତ ଭୁଲ ହୋଇଥିଲା ଓ ଭବିଷ୍ୟତରେ ଏପରି ହେବ ନାହିଁ କହି ପ୍ରତିଶୃତି ଦେଇଥିଲେ । ମହାସଂଘର କର୍ମକର୍ତାଙ୍କ ସହିତ ବିସ୍ତୃତ ଚର୍ଚ୍ଚା ହୋଇ ଲିଖିତ ପ୍ରତିଶୃତି ଦେଲା ପରେ ମହାସଂଘ ଅଧିକାରୀଙ୍କୁ ଅଟକ କାର୍ଯ୍ୟକ୍ରମରୁ ଓହରିଥିଲା । ପ୍ରଥମରେ ବହୁଦିନରୁ ପଡି ରହିଥିବା ଶ୍ରମିକ କଲ୍ୟାଣ ଯୋଜନାର ବିଭିନ୍ନ ଆର୍ଥିକ ସହାୟତା ଫାଇଲର ତାଲିକା ରେଜିଷ୍ଟର୍ ପ୍ରସ୍ତୁତ କରାଯାଇ କ୍ରମ ଅନୁଯାୟୀ ସମାଧାନ କରାଯିବ ।ଦ୍ୱିତୀୟରେ ଶ୍ରମିକ ମହାସଂଘ ତରଫରୁ ବିଭିନ୍ନ ଗାଁରେ ବିଭିନ୍ନ ସ୍ଥାନରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ନାମରେ ଦଲାଲ ମନେ ସକ୍ରିୟ ହୋଇ ବିଭିନ୍ନ ସହାୟତା, ପଞ୍ଜିକରଣ ଓ ନବୀକରଣ କରାଇଦେବା କଥା କହି ଶ୍ରମିକ ମାନଙ୍କୁ ଆର୍ଥିକ ଶୋଷଣ କରୁଛନ୍ତି ତଥା ଏଥିରେ ଅଫିସର କିଛି ତଳିଆ କର୍ମଚାରୀ ସାମିଲ ହୋଇଛନ୍ତି ବୋଲି ମହାସଂଘ ଅଭିଯୋଗ କରିଥିଲା । ଏହି ଅଭିଯୋଗର ନିର୍ଦ୍ଦିଷ୍ଟ ପ୍ରମାଣ ମିଳିଲେ ଆଇନ ଅନୁଯାୟୀ ଶ୍ରମ ଅଧିକାରୀଙ୍କ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ତୃତୀୟରେ ଜିଲ୍ଲାରେ ସକ୍ରିୟ ଥିବା ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଶ୍ରମିକ ସଂଗଠନ ଗୁଡିକ ପଞ୍ଜିକରଣ, ନବୀକରଣ ଓ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ପାଇଁ ଅଥରାଇଜେସନ ପତ୍ରକୁ କାର୍ଯ୍ୟକାରୀ କରାଯାଉନାହିଁ । ଏହାର ସମ୍ପୂର୍ଣ୍ଣ ତାଲିକା ମଧ ଶ୍ରମ କାର୍ଯ୍ୟାଳୟରେ ନାହିଁ । ଜିଲ୍ଲା ଶ୍ରମ ଅଧିକାରୀ ରେଜେଷ୍ଟ୍ରିଭୁକ୍ତ ଓ ମାନ୍ୟତାପ୍ରାପ୍ତ ଶ୍ରମ ସଂଗଠନ ଗୁଡ଼ିକର ଅଥରାଇଜେସନ କ୍ଷମତାର ବିଧିବଦ୍ଧ ସମ୍ମାନର ସହିତ କାର୍ଯ୍ୟକାରୀ କରାଯାଉଛି ଓ ଆଗକୁ ମଧ କରାଯିବ । ଏଥିରେ କୌଣସି ବିଚ୍ୟୁତି ମଧ କରାଯିବ ନାହିଁ ବୋଲି ଜଣାଇଥିଲେ । ଚତୁର୍ଥରେ ବର୍ତମାନ ପାଇଁ ଅସ୍ଥାୟୀ ଭାବେ ଶ୍ରମିକ କଲ୍ୟାଣ ବୋର୍ଡ ସାରା ରାଜ୍ୟରେ ବନ୍ଦ ଅଛି,କାର୍ଯ୍ୟକ୍ଷମ ହେବ କ୍ଷଣି ଯୁଦ୍ଧ କାଳୀନ ଭିତିରେ ଏକ କାଳୀନ ସମସ୍ତ ଗଛିତ ଥିବା ଫାଇଲକୁ ସମ୍ପାଦନ କରାଯିବ ବୋଲି ଶ୍ରମ ଅଧିକାରୀ ପ୍ରତିଶୃତି ଦେଇଥିଲେ । ଉପର ବର୍ଣ୍ଣିତ ଚାରି ବିନ୍ଦୁ ଉପରେ ଲିଖିତ ପ୍ରତିଶୃତି ଦେଲାପରେ ମହାସଂଘ ଅଧିକାରୀ ମାନଙ୍କୁ ଅଟକରୁ ମୁକ୍ତ କରିଥିଲେ ।

ଏହି ଆଲୋଚନା ଓ କାର୍ଯ୍ୟକ୍ରମରେ ଶ୍ରମିକ ନେତା ସର୍ବଶ୍ରୀ ଭକ୍ତବନ୍ଧୁ ଧରୁଆ, ଶୁକ୍ଲାମ୍ବର ନିଆଲ, ସୁଖଦେଓ ସାହୁ, ଅନିରୁଦ୍ଧ ନାଗ, ମନୋରଞ୍ଜନ ସାହୁ, ବାବୁଲଲ ମାଝୀ, ଟିକେଶ୍ୱର ପାଣ୍ଡେ, ଦେଓଚରଣ ପାଣ୍ଡେ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଭିନ୍ନ ପୁରୋହିତ ଓ ଅନ୍ୟାନ୍ୟ ଶ୍ରମିକ ନେତା ମାନେ ସାମିଲ ହୋଇଥିଲେ ।

# ଗରମ ଗୁଳୁଗୁଳିରେ ଆନନ୍ଦପୁରରେ ଜନଜୀବନ ଅସ୍ତବ୍ୟସ୍ତ : ପ୍ରାକୃତିକ ପରିବେଶରେ ଜମୁଛି ଗହଳି

ଘସିପୁରା,୮/୦୫ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମପ୍ରବାହ ବଢି ଚାଲିଥିବାବେଳେ ଆନନ୍ଦପୁରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କିଛିଦିନ ତଳେ ଆନନ୍ଦପୁରରେ ସର୍ବାଧିକ ତାପମାତ୍ରା ୪୨ଡିଗ୍ରୀ ଅତିକ୍ରମ କରିଥିବାବେଳେ ଆଜି କିଛିଟା ହ୍ରାସ ପାଇଛି । ଏପଟେ ମୂଖ୍ୟ ଶାସନ ସଚିବଙ୍କ କଡା ନିର୍ଦ୍ଦେଶ ସତ୍ୱେ ମଧ ବିଦ୍ୟୁତ୍ ବିଭ୍ରାଟକୁ ନେଇ ସାଧାରଣରେ ଅସନ୍ତୋଷ ପରିଲକ୍ଷିତ ହୋଇଛି । ଗରମ ଗୁଳୁଗୁଳିକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବାବେଳେ ଆନନ୍ଦପୁରରେ ଯୁବଗୋଷ୍ଠୀ ଏବେ ପ୍ରାକୃତିକ ପରିବେଶ ମୁହାଁ ହୋଇଥିବା ଜଣାପଡିଛି । ଝରଣାର ଶୀତଳ ଜଳରେ ସ୍ନାନ କରିବା ସହିତ ଭୋଜିଭାତର ମଜା ଉଠାଉଥିବା ପରିଲକ୍ଷିତ ହୋଇଛି । ବିଶେଷକରି ଚକ୍ରତୀର୍ଥ, ରେମାଳ, ସାପଘର, ଦରଗୁଡ଼ିଶିଳାରେ ଗାଧୋଇବା ସହିତ ଭୋଜିଭାତର ଏକ ନିଆରା ମାହୋଲ ଦେଖିବାକୁ ମିଳିଛି । ଆନନ୍ଦପୁର ସହର ଠାରୁ ୧୫ କି.ମି. ଦୂରରେ ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧରେ ରହିଛି ଚକ୍ରତୀର୍ଥ । ଆନନ୍ଦପୁର-ଭଦ୍ରକ ରାସ୍ତାର ତରତରା ଛକଠାରୁ ଡାହାଣକୁ ଛଅ କିମି ପରେ ଗଲେ ପଡିବ କାଠକଟା ପଚାଂୟତ କାର୍ଯ୍ୟାଳୟ । ସେଠାରୁ ଜଙ୍ଗଲିଆ ରାସ୍ତାରେ ତିନି କି.ମି. ଗଲେ ପଡିବ ଚକ୍ରତୀର୍ଥ ପର୍ଯ୍ୟଟନସ୍ଥଳି । ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଭେଦ କରି ପାହାଡ଼ ଶୀର୍ଷରେ ଝରଣା ସୃଷ୍ଟି ହୋଇଥିବାରୁ ଏହାର ନାମ ଚକ୍ରତୀର୍ଥ ହୋଇଥିବା କୁହାଯାଏ । ତଳେ ଝରଣାରେ ଗାଧୋଇବାର ମଜା ନିଆରା । ଗ୍ରୀଷ୍ମଋତୁରେ ଏଠାରେ ଶୀତଳ ପବନର ଆନନ୍ଦ ମିଳିଥାଏ । ପାହାଡ଼ ଉପରକୁ ପ୍ରାୟ ୧୦୦ ମିଟର ଦୂରରେ ରହିଛି ଗରୁଡ଼କୁଣ୍ଡ, ଧୋବି କୁଣ୍ଡ ଓ ଆକାଶଗଙ୍ଗା ଝରଣା । ଯେଉଁ ସ୍ଥାନରେ ଭଗବାନଙ୍କ ଚକ୍ରଭେଦ ହୋଇଛି ଏହାକୁ ନାଗେଶ୍ୱରନାଳିଆ କୁହାଯାଏ । ଚକ୍ରତୀର୍ଥରେ ଗାଧୋଇବାର ସବୁଠାରୁ ନିଆରା ସ୍ଥାନ ହେଉଛି ଆକାଶଗଙ୍ଗା ଯାହା ଲୋକମାନଙ୍କୁ ବିଶେଷଭାବେ ଆକର୍ଷିତ କରିଛି । ଏହି ସ୍ଥାନରେ ବର୍ଷାଭଳି ପାଣି ଉପରୁ ଝରୁଥିବାରୁ ତାର ଶୀତଳ ସ୍ପର୍ଶରେ ଗାଧୋଇବା ପାଇଁ ଯୁବକମାନଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ସ୍ଥାନକୁ ଯିବାପାଇଁ ପାହାଚ ନିର୍ମାଣ ହୋଇନଥିବାରୁ ଅନେକ ବିପଦଜନକ ଭାବେ ଯାଉଥିବା ମଧ ଅଭିଯୋଗ ହୋଇଛି । ସେହିପରି ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ରେମାଳ ଡ୍ୟାମ ମଧ ଚଳଚଂଚଳ ହୋଇଉଠିଛି । ଜଙ୍ଗଲିଆ ପରିବେଶରେ ଡ୍ୟାମର ନୀଳ ଜଳରାଶିରୁ ଆଗନ୍ତୁକ ମାନେ ବିଶେଷ ମଜା ଉଠଉଛନ୍ତି । ବିଶେଷକରି ପଖାଳ ଭୋଜି ସାଙ୍ଗକୁ ଗାଧୋଇବା ଜମିଥିଲା ବୋଲି ମଚ୍ଛାଳୋର ବାପୁନ୍ କୁମାର ଜେନା କହିଛନ୍ତି । ସେହିପରି ଅନ୍ୟଏକ ଦର୍ଶନୀୟ ସ୍ଥାନ କୋଲିମାଟି ପଚାଂୟତ ଟିକିରା ସାପଘରର ଝରଣାରେ ଏବେ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଛି । ଅଟେଇ ସଂରକ୍ଷିତ ଜଙ୍ଗଲ ମଧରେ ଝରଣା ପାଣିରେ ଗାଧୋଇବାର ମଜା ନିଆରା ବୋଲି କଇନିପୁରାର ସାଜନ କୁମାର ସାହୁ, ସୁନୀଲ କୁମାର ସାହୁ, ଦେବବ୍ରତ ବେହେରା କହିଛନ୍ତି । ତେବେ ଏଠାରେ ଯାତାୟତ ଅସୁରକ୍ଷିତ ରହିଥିବାରୁ ପ୍ରଶାସନ ଦୃଷ୍ଟି ଦେବାପାଇଁ ଦାବି ହେଉଛି ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିମ୍ନମାନର ପିଚୁ କାମ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ

ମାଲକାନଗିରି,୮/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ଅଧୀନରେ ଥିବା କାଲିମେଲା ବ୍ଲକ ର ଚିତ୍ରାଙ୍ଗପା ଲ୍ଲୀ ଫଂଚାୟତ ଅନ୍ତର୍ଗତ ଏମଭି -୫୫ ଠାରୁ ଏମଭି -୯୪ ପର୍ଯ୍ୟନ୍ତ ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟୟ ରେ କରାଯାଇଥିବା ୩ କିଲୋମିଟର ପିଚୁ ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ନେଇ ଚିତ୍ରାଙ୍ଗପାଲ୍ଲୀ ଫଂଚାୟତର ର ନାୟବ ସରଫଂଚରତନ ମଜୁମଦାର ଓ ଏମଭି -୫୫ଗ୍ରାମବାସୀ ଅଭିଯୋଗ କରିଛନ୍ତି ! ଗ୍ରାମବାସୀ ଙ୍କ କହିବା ଅନୁଯାୟୀ ଗତ ୨ବର୍ଷ ତଳେ ରାସ୍ତା କାମ ଆରମ୍ଭ ହୋଇଥିଲା, ସେତେବେଳେ ମେଟାଲ ମୋରମ ପକାଇ ଛାଡି ଦିଆଯାଇଥିଲା, ଚଳିତ ବର୍ଷ ମାର୍ଚ୍ଚ ମାସରେ ପୁରୁଣା ରାସ୍ତାରେ ନିୟମାନୁସାରେ ଧୁଳି ଉଡେଇ ପାଣି ସିଂଚନ କରି ପିଚୁ କାମ କରିବା କଥା,କିନ୍ତୁ କାମ ନେଇ ଥିବା ଠିକାଦାର ତରବରିଆ ଭାବେ ପିଚୁପକାଇ ରାସ୍ତା କରିଥିଲେ !କାମ ହେବା ର ୧ମାସ ନଯାଉଣୁ ସାମାନ୍ୟ ବର୍ଷା ରେ ଠାଏଁଠାଏଁ ରାସ୍ତାରୁ ପିଚୁ ଉଠିଗଲାଣି, ଗ୍ରାମବାସୀ ଙ୍କ କହିବାନୁଯାୟୀ ରାସ୍ତା ନିର୍ମାଣ ସମୟରେ ଠିକ୍ ଭାବରେ ରୋଲର ଚଳାଇ ନଥିବାରୁ ଏହି ରାସ୍ତା ଟି ସମତଳ ନରହି ଖାଲଢିପ ହୋଇରହିଛି, ଫଳରେ ଯାନବାହନ ଚଳେଇ ବାରେ କଷ୍ଟ ହେଉଛି !, ଏପରିକି ପିଚୁ କାମ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି ବିଭାଗୀୟ କୌଣସି ଅଧିକାରୀ କାର୍ଯ୍ୟ ତଦାରଖ ପାଇଁ ଆସିନଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି !ଏ ସଂପର୍କରେ ଗ୍ରାମ ଉନ୍ନୟନ ବିଭାଗ-୨ର କନିଷ୍ଠ ଯନ୍ତ୍ରୀ ଶ୍ରୀ ସେଠି ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଥିଲେ ନିମ୍ନମାନର କାମ ନେଇ ମୋପାଖରେ କୌଣସି ଅଭିଯୋଗ ଆସିନାହିଁ, ଯଦି ନିମ୍ନମାନର କାମ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ମୁଁ କାମ ଦେଖିବା ପରେ ସଂପୃକ୍ତ ଠିକାଦାର ଙ୍କୁ ପୁନର୍ବାର କରିବା ପାଇଁ କହିବି !ଏଠାରେ ଏଭଳି ନିମ୍ନମାନର କାର୍ଯ୍ୟ ଉପରେ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି !ପ୍ରକାଶ ଥାଉକି ଗ୍ରାମ୍ୟ ଉନ୍ନୟନ ବିଭାଗ -୧ର ଅଧିକ୍ଷଣ ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟ କରାଇ ଠିକାଦାରଙ୍କ ଠାରୁ ଲାଂଚ ନେଉଥିବା ଅଭିଯୋଗ ହେବାପରେ ଭିଜିଲାନ୍ସ ତାଙ୍କ ଉପରେ ନଜର ରଖିଥିଲେ, ସେ ୧୦ ଲକ୍ଷ ଟଙ୍କା ନେଇ ବ୍ୟାଙ୍କ ରେ ଡିପୋଜିଟ କରୁଥିବା ସମୟରେ ଭିଜିଲାନ୍ସ ଜାଲରେ ଧରାପଡିଥିଲେ !

## ଗଞ୍ଜେଇ ଜବତ : ୪ ଗିରଫ

ଜୟପୁର,୮/୦୫ (ନି.ପ୍ର): ଗଂଜେଇ ଚୋରାଚାଲାଣ ବେଳେ ବୈପାରୀଗୁଡା ପୋଲିସ ଚଢଉ କରିଛି । ଏକ କ୍ୱିଂଟାଲ ଗଞ୍ଜେଇ ଜବତ କରିବା ସହ ଘଟଣାରେ ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ବୈପାରୀଗୁଡା ପୋଲିସ । ବୈପାରୀଗୁଡା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନରେ ଡିଏସପି ବିରଂଚି ନାରାୟଣ ଜଗତ ଏହି ସୂଚନା ଦେଇଛନ୍ତି । ବିଶେଷ ସୂତ୍ରରୁ ଖବର ପାଇ ବୈପାରୀଗୁଡା ଥାନା ଅଧିକାରୀ ଡିଏସପି ବିରଂଚି ନାରାୟଣ ଜଗତଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ଓଡିଶା ଛତିଶଗଡ ସୀମାନ୍ତ ଘୋଡାଘାଟ ଗ୍ରାମରେ ଚଢ଼ଉ କରିଥିଲା ।

## ମଙ୍ଗଳପୁର ଓ ବେଲବାହାଳି ଟୋଲଙ୍କପଡା ଗ୍ରାମରେ ଶନିଶ୍ଚର ପୂଜା

ଘସିପୁରା ,୮/୦୫ (ନି.ପ୍ର): ପ୍ରତ୍ୟେକ ବର୍ଷ ବୈଶାଖ ମାସର ଶେଷ ଶନିବାରଟି ଧୂମଧାମରେ ଶନିଶ୍ଚର ଓଷା ପାଳନ କରାଯାଉଥିବା ବେଳେ ଗତ ଦୁଇ ବର୍ଷ ହେବ ଓଷା ପର୍ବ ପର୍ବାଣୀ କୋଭିଡ଼ କଟକଣା ପାଇଁ ବନ୍ଦଥିଲା । ଚଳିତବର୍ଷ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ମଙ୍ଗଳପୁର ଓ ବେଲବାହାଳି ଏବଂ ଟୋଲଙ୍କପଡା ଗ୍ରାମରେ ହେଉଥିବା ଏହି ଶନିଶ୍ଚର ଓଷା ବହୁ ଧୁମଧାମରେ ଚାଲିଛି । ଭକ୍ତ ମାନେ ବ୍ରତ ପାଳନ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଏବଂ ସ୍ଥାନୀୟ ଅଞ୍ଚଳରୁ ଭକ୍ତ ମାନେ ସକାଳୁ ସକାଳୁ ଆସି ଶନିଶ୍ଚର ମନ୍ଦିର ନିକଟରେ ଲମ୍ୱା ଲାଇନରେ ଭକ୍ତମାନେ ଛିଡା ହୋଇ ଶନିଦେବ ଭଗବାନଙ୍କ ନିକଟରେ ଭୋଗ ଲଗାଇ ଶନି ଗଛ ମୂଳରେ ଜଳ ଢାଳି ଭୋଗ ଲଗାଇ ମାନସିକ ବ୍ରତ ପାଳନ କରିଛନ୍ତି । ମଙ୍ଗଳପୁର ଶନିମନ୍ଦିର କମିଟି ପକ୍ଷରୁ ମିନାବଜାର ସହ ବିଭିନ୍ନ ଦୋକାନ ବଜାର ବସାଯାଇଛି । ଗ୍ରୀଷ୍ମ ପ୍ରଭାବରୁ ଭକ୍ତ ମାନେ ରକ୍ଷା ପାଇବା ପାଇଁ ମା ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସମସ୍ତଙ୍କୁ ଥଣ୍ଡା ପାଣି, ଦହିପାଣି ଓ ଟଙ୍କତୋରାଣି କରି ବଣ୍ଟନ କରାଯାଇଛି । ଏଥିରେ କମିଟି ପକ୍ଷରୁ ଭଜନ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ସୀତାଂଶୁ ଶେଖର ରାଉତ ଓ ବଜରଙ୍ଗ ଶତପଥୀଙ୍କ ସାଥୀମାନଙ୍କ ଦ୍ୱାରା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମାନସ କୁମାର ସାହୁ ଏବଂ ସନ୍ତୋଷ ସାର ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀମତୀ ମାନସୀ ପାତ୍ର ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ ।

# ଚାଷୀଙ୍କ ଦାବି ପୂରଣ ପାଇଁ କୃଷକ ସଭା ପକ୍ଷରୁ ବୁଧବାର ଦିଆଯିବ ଧାରଣା

କେନ୍ଦ୍ରାପଡା,୮/୦୫ (ନି.ପ୍ର): ଜିଲ୍ଲାର ଚାଷୀ ମାନଙ୍କ କେତେକ ଦାବି ପୂରଣ ପାଇଁ ଅଖିଳ ଭାରତ କୃଷକ ସଭା କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବେସାମରିକ ଯୋଗାଣ କମିଟି ଅଫିସ ଆଗରେ ଅନଶନ ଓ ଧାରଣା ଦିଆଯିବ । ଏନେଇ କମିଟି ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ସୂଚନା ଦିଆଯାଇ ଥିବା ଜଣାପଡିଛି । ଏହି ଧାରଣା ଆସନ୍ତା ବୁଧବାର କରାଯିବ ବୋଲି କୃଷକ ସଭା ଜିଲ୍ଲା କମିଟିର ଆବାହକ ରମଣୀ ରଞ୍ଜନ ରାଉତରାୟ ଲିଖିତ ଭାବେ ଜଣାଇଛନ୍ତି । ଦାବି ଗୁଡିକ ମଧରେ ସରକାରଙ୍କ ଭୁଲ ଆଇନ ଯୋଗୁଁ ଚାଷୀମାନେ ଚଳିତ ବର୍ଷ ଧାନ ବିକ୍ରୟ କରି ନପାରି ଆର୍ଥିକ କ୍ଷତି ସହିଲେ । ଅକ୍ଷୟ ତୃତୀୟାରେ ବିହନ ଅନୁକୂଳ ହେଉଥିବା ବେଳେ ଚଳିତ ବର୍ଷ ଚାଷୀଙ୍କ ପାଖରେ ବିହନ ପହଁଚି ପାରିଲା ନାହିଁ । ଜିଲ୍ଲା ଜନସଂଖ୍ୟା ର ୮୦ ଭାଗ କୃଷି ଉପରେ ନିର୍ଭର କରୁଥିବା ବେଳେ ଗୋଟିଏ ହେଲେ ଶୀତଳ ଭଣ୍ଡାର କରାଯାଇ ନଥିବାରୁ ଆଳୁ, ପିଆଜ, ଟମାଟୋ ଓ ପନିପରିବା ଚାଷୀମାନେ ଗଚ୍ଛିତ ରଖି ନପାରି ଆର୍ଥିକ କ୍ଷତି ସହୁଛନ୍ତି । ଏହିସବୁ ଦାବି ପୁରଣ ପାଇଁ ଆସନ୍ତା ବୁଧବାର ଅନଶନ ଧାରଣା ଦିଆଯିବ ବୋଲି ଶ୍ରୀ ରାଉତରାୟଙ୍କ ସମେତ ଦାମୋଦର ମଲିକ, କୁବେର ସାହୁ, ସୁହାନା ବେଗମ, ପଦ୍ମନାଭ ଦାସ, ଅଜୟ ଦାସ, ବଂଶୀଧର ଦାସ ଓ ସୁରେଶ ମଲିକ ପ୍ରଭୃତି ସୂଚନା ଦେଇଥିଲେ ।

## ଓୟୁଡବ୍ଲ୍ୟୁଜେ ଗଞ୍ଜାମ ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ

ଗଞ୍ଜାମ,୮/୦୫ (ନି.ପ୍ର): ଓୟୁଡବ୍ଲ୍ୟୁଜେ ଗଞ୍ଜାମ ଜିଲା ଶାଖାର ନୂତନ କର୍ମକର୍ତା ଚୟନ କରାଯାଇଛି । ତଦନୁଯାୟୀ, ଡାକ୍ତର ହୃଷୀକେଶ ମହାନ୍ତି ସଭାପତି, ସଚ୍ଚିଦାନନ୍ଦ ନାୟକ ଉପସଭାପତି, ଇଂ. ବିଚିତ୍ରାନନ୍ଦମୁନୀ ଉପସଭାପତି, ରାଜେଶ କୁମାର ପଟ୍ଟନାୟକ ସମ୍ପାଦକ, ହରେକୃଷ୍ଣ ମହାନ୍ତି ସହସମ୍ପାଦକ, ଡି.ପର୍ଶୁରାମ ଯୁଗ୍ମ ସମ୍ପାଦକ, ରାମପ୍ରସାଦ ସାମଲ କୋଷାଧକ୍ଷ ଏବଂ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଶାନ୍ତ କୁମାର ରଣା, ହେମନ୍ତ କୁମାର ମହାନ୍ତି, ଲୋକନାଥ ମହାରଣା, ପାର୍ଥ ସାରଥି ଧଳ, ସୁରେଶ ଚନ୍ଦ୍ର ତ୍ରିପାଠି, କମଳ କୁମାର ପଣ୍ଡିତ, ସମିର ରଞ୍ଜନ ମିଶ୍ର ଓ ସତ୍ୟ ନାରାୟଣ ପଣ୍ଡା (ସଂଯୋଜକ), ପ୍ରକାଶ ଚନ୍ଦ୍ର ପଣ୍ଡା ଉପଦେଷ୍ଟା ମଣ୍ଡଳୀ, ପି. ପ୍ରସାଦ ରାଓ, ରାଜେନ୍ଦ୍ର ଦଳବେହରା ଓ ଡାକ୍ତର ନକୁଳସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ।

## ଭବାନୀପାଟଣା ପୌରାଂଚଳରେ ଖୋଲିଲା ଜଳଛତ୍ର

ଭବାନୀପାଟଣା ,୮/୦୫ (ନି.ପ୍ର): କଳାହାଣ୍ଡି ଯୁବ ସଭାପତି ଆଦିତ୍ୟ ନନ୍ଦଙ୍କ ଉଦ୍ୟମରେ ଜଳଛତ୍ର ଖୋଲାଯିବା ସହ ଦହି ସରବତ ବଂଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ,ଜିଲ୍ଲା ଉପସଭାପତି ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ଜିଲ୍ଲା ବରିଷ୍ଠ ସାଧାରଣ ସମ୍ପାଦକ ଭବାନୀଶଙ୍କର ମିଶ୍ର, ରାଜ୍ୟ ପରିଷଦ ସଦସ୍ୟ ଡ଼. ଭବାନୀଶଙ୍କର ନିଆଲ,ନଗର ସଭାପତି ଧବଳେଶ୍ୱର ମହାପାତ୍ର,ରାଜ୍ୟ ଯୁବ ଉପସଭାପତି ମଣ୍ଟୁ ନାଏକ,ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁଗ୍ମ ସମ୍ପାଦକ ରବି ପଟ୍ଟନାୟକ, ବଲାଙ୍ଗୀର ଜୋନ ସଭାପତି ମନୀନ୍ଦ୍ର ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀମତୀ ଲଳିତା ନାଏକ, ନଗର ଉପସଭାପତି ରାଜୀବଲୋଚନ ଶତପଥୀ,ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଲବଣୀଧର ମହାନନ୍ଦ, ଦିନେଶ ସାହୁ,ଯୋଗଦେଇ ବାଟୋଇ ମାନଙ୍କୁ ସରବତ ବଂଟନ କରିଥିଲେ ।

# ବାଲିଘାଟ ଚାଲିବାକୁ ବିରୋଧ କରି ରାସ୍ତାରେ ବସିଲା ଲିଙ୍ଗେଶ୍ୱର ଉନ୍ନୟନ କମିଟି

କୋରେଇ,୮/୦୫ (ନି.ପ୍ର): ଗତ ଏପ୍ରିଲ ୨୯ ତାରିଖ ବୈତରଣୀ ନଦୀ ବନ୍ଧରେ ଧନତ୍ରୀ ବାଲିଘାଟରୁ ବାଲି ବୋଝେଇ ଭାରିଯାନ (ହାଇୱା) ଓଲଟିବା ଫଳରେ ବରପଦା ଗ୍ରାମାବସୀ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳେ ପୁଲିସ ପ୍ରଶାସନ ପହଂଚି ସେମାନଙ୍କ ସହ ଆଲୋଚନା କରି ରାସ୍ତା ଅବରୋଧ ହଟାଇଥିଲା । ବାଲିଘାଟ ବିବାଦ ଉଗ୍ରରୂପ ନେବାରୁ ଓ ସ୍ଥାନୀୟ ଅଂଚଳରେ ନଦୀ ବନ୍ଧର ସୁରକ୍ଷା ନେଇ ପ୍ରଶ୍ନ ଉଠିବାରୁ ରାଜସ୍ୱ ବିଭାଗ ସହ ଆଲୋଚନା ପରେ ଧନତ୍ରୀ ଓ ରଣପାଳ ଦୁଇଟି ବାଲିଘାଟକୁ ବନ୍ଦ ରଖାଯାଇଥିଲା । ପରବର୍ତୀ ଅବସ୍ଥାରେ ଆଲେଚନା ପରେ ବାଲିଘାଟ ଚାଲିବ କି ନାହିଁ ତାହା ପ୍ରଶାସନିକି ନିଷ୍ପତିନେବ ବୋଲି ସ୍ପଷ୍ଟ କରାଯାଇଥିଲା । ଫଳରେ ପୁଲିସ ପ୍ରଶାସନ ଦୁଇଟି ବାଲିଘାଟକୁ ବନ୍ଦ କରି ତହସିଲ ନିଷ୍ପତି ପରେ ଯାହା କିଛି କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଫଳରେ ଦୁଇ ବାଲି ଘାଟ ବନ୍ଦ ରହିଥିଲା । ଏକ ସପ୍ତାହରୁ ଉର୍ଦ୍ଧ ଦୁଇ ବାଲିଘାଟ ବନ୍ଦ ରହିଥିବା ବେଳେ ଶୁକ୍ରବାର ଧନତ୍ରୀ ବାଲିଘାଟ ଚାଲୁ ହୋଇଥିଲା । ରାତ୍ରୀରେ ଭାରିଯାନ ଚାଲୁଥିବା ବେଳେ ଦିନରେ ସାଧାରଣ ଗାଡିରେ ବାଲି ଚାଲାଣ ହେଉଥିଲା । କିନ୍ତୁ ରଣପାଳ ବାଲିଘାଟ ବନ୍ଦ ରହିଥିବାରୁ ଆଜି ଲିଙ୍ଗେଶ୍ୱର ଉନ୍ନୟନ୍ନ କମିଟି ପକ୍ଷରୁ ବିନା ଆଲୋଚନାରେ କିପରି ବାଲିଘାଟ ଚାଲିଲା ତାର ପ୍ରତିବାଦରେ ନଦୀ ବନ୍ଧ ଉପରେ ପାଲ ପକାଇ ପ୍ରଶାସନିକ ନିଷ୍ପତି ବିରୁଦ୍ଧରେ ବାଲିଗାଡି ଅଟକାଯାଇଥିଲା । ଦୁଇଟି ଘାଟ ଏକକାଳୀନ ଚାଲିବାକୁ ନିଷ୍ପତି ହୋଇଥିବା ବେଳେ କାହା ସ୍ୱାର୍ଥ ଓ ନିର୍ଦ୍ଦେଶରେ ଧନତ୍ରୀ ବାଲିଘାଟ ଚାଲିଲା ବୋଲି ପ୍ରଶ୍ନ ଉଠିଥିଲା । ଫଳରେ ପ୍ରଶାସନିକ ଭୁଲ ନିଷ୍ପତି ଯୋଗୁ ସ୍ଥାନୀୟ ଅଂଚଳରେ ନିଜ ନିଜ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ସମୟ ରାସ୍ତାରେ ବସିବା ଫଳରେ ରାଜସ୍ୱ ବିଭାଗ ପକ୍ଷରୁ ଧନତ୍ରୀ ବାଲିଘାଟ ବନ୍ଦ ରଖିବାକୁ ବାଧ୍ୟ ହୋଇ ନିର୍ଦ୍ଦେଶ ଦିଆଯାଇଥିଲା ।

# ଚନ୍ଦନ ଯାତ୍ରା



ଦିଲ୍ଲୀପ କୁମାର ସାହୁ
ଶଙ୍କରପୁର, ଚାରବାଟିଆ, କଟକ
ମୋ-୭୦୭୭୨୦୬୯୭୭



ଶାସ୍ତ୍ରରେ ବର୍ଣ୍ଣନା ରହିଛି
'ଦୋଳେଷ୍ଟ ଦୋଳଗୋବିନ୍ଦଂ
ଚାପେଚ ମଧୁସୂଦନଂ
ରଥେ ତୁ ବାମନଂ ଦୃଷ୍ଟ୍ୱା
ପୁନର୍ଜନ୍ମଂ ନଲଭ୍ୟତେ'

ଅର୍ଥାତ୍ ଦୋଳରେ ଦୋଳଗୋବିନ୍ଦ, ଚାପ ବା ଚନ୍ଦନରେ ମଧୁସୂଦନ ଏବଂ ରଥରେ ବାମନ ରୂପରେ ମହାପ୍ରଭୁଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ । ସେହି ଦୃଷ୍ଟିରୁ ଚନ୍ଦନ ଯାତ୍ରାର ବେଶ୍ ଗୁରୁତ୍ୱ ରହିଛି । ଚନ୍ଦନ ଯାତ୍ରାର ପରମ୍ପରା ଖୁବ୍ ପ୍ରାଚୀନ ବୋଲି ପୁରାଣରେ ବର୍ଣ୍ଣିତ । ସେହି ବର୍ଣ୍ଣନା ଅନୁସାରେ ପାଣ୍ଡବମାନେ ସେମାନଙ୍କର ଅଜ୍ଞାତବାସ କାଳ ବିରାଟ ରାଜ ଉଆସରେ କଟାଇଥିଲେ । ସେଠାରେ ସେମାନେ ଛଦ୍ମବେଶରେ ଅବସ୍ଥାନ କରିଥିଲେ । ଅଜ୍ଞାତବାସ ଶେଷ ହେବାପରେ ସେମାନେ ଯେତେବେଳେ ସେମାନଙ୍କ ପ୍ରକୃତ ପରିଚୟ ପ୍ରଦାନ କରିଥିଲେ ସେତେବେଳେ ବିରାଟ ରାଜା ସେମାନଙ୍କୁ ତାଙ୍କ ଉଆସରେ ସ୍ଥାନ ଦେଇଥିବାରୁ ନିଜକୁ ଧନ୍ୟ ମନେ କରିଥିଲେ ଏବଂ ସେମାନଙ୍କ ସହ ବଳରାମ ଓ କୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ତହାଥିଲା ଗ୍ରୀଷ୍ମଋତୁ । ସେଥିପାଇଁ ଚାପ ଖେଳ ବା ଚନ୍ଦନ ଯାତ୍ରାର ଆୟୋଜନ ହୋଇଥିଲା । ଉଆସ ମଧ୍ୟରେ ଥିବା ପୁଷ୍କରିଣୀରେ ସୁସଜ୍ଜିତ ଚାପ ବା ନୌକାର ବ୍ୟବସ୍ଥା କରାଯାଇଥିଲା । ସେହି ନୌକାରେ ବିହରଣ କରି ବଳଭଦ୍ର, ଶ୍ରୀକୃଷ୍ଣ ଓ ପାଣ୍ଡବମାନେ ବିରାଟ ରାଜାଙ୍କୁ ଦର୍ଶନ ଦେଇଥିଲେ, ଯାହାକି ବିରାଟ ରାଜାଙ୍କୁ ଖୁବ୍ ଆତ୍ମ ସନ୍ତୋଷ ପ୍ରଦାନ କରିଥିଲା । ସେହି ପୌରାଣିକ କଥାର ସ୍ମୃତିଚାରଣ ପୂର୍ବକ ଭାରତବର୍ଷର ଅଧିକାଂଶ ବିଷ୍ଣୁ ମନ୍ଦିରମାନଙ୍କରେ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଆୟୋଜିତ ହୋଇଥାଏ ଚନ୍ଦନ ଯାତ୍ରା ।

ଓଡ଼ିଶାରେ କିନ୍ତୁ ଚନ୍ଦନ ଯାତ୍ରାର ରହିଛି ସ୍ୱତନ୍ତ୍ରତା । ରାଜ୍ୟର ବିଷ୍ଣୁ ମନ୍ଦିରଗୁଡ଼ିକ କେବଳ ନୁହେଁ, ଅନେକ ଗୁଡ଼ିଏ ଶୈବ ଓ ଶାକ୍ତ କ୍ଷେତ୍ରରେ ମଧ ଚନ୍ଦନଯାତ୍ରା ଆୟୋଜିତ ହୋଇଥାଏ । ତେବେ ଯେତେ ଯେଉଁଠାରେ ଚନ୍ଦନଯାତ୍ରା ହେଉଥିଲେ ମଧ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା ଜଗତ ଖ୍ୟାତ ।

ମହାପ୍ରଭୁ ଠାକୁର ହେଲେ ବି ଶ୍ରୀକ୍ଷେତ୍ରରେ ମଣିଷ ପରି ଚଳନ୍ତି । ସେଥିପାଇଁ ବୈଶାଖ ଓ ଜ୍ୟେଷ୍ଠର ଗ୍ରୀଷ୍ମପ୍ରବାହ ତାଙ୍କୁ ଅସହ୍ୟ ହୋଇଥାଏ । ସେଥିପାଇଁ ସେ ଚନ୍ଦନଯାତ୍ରା କରିଥାନ୍ତି ।

ଐତିହାସିକମାନେ ମତ ଦିଅନ୍ତି ଯେ ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା ଗଙ୍ଗ ବଂଶର ରାଜତ୍ୱ କାଳରୁ ଆରମ୍ଭ ହୋଇଛି । ପ୍ରଥମେ ତାହା ଜଗନ୍ନାଥ ବଲ୍ଲଭ ମଠ ମଧ୍ୟରେ ଥିବା ପୁଷ୍କରିଣୀରେ ଅନୁଷ୍ଠିତ ହେଉଥିଲା । ରାଜା କପିଳେନ୍ଦ୍ର ଦେବଙ୍କ ଭାଇ ନରେନ୍ଦ୍ର ଦେବ ଓ ତାଙ୍କର ପୁତ୍ରମାନେ ଶତ୍ରୁମାନଙ୍କ ସହ ଯୁଦ୍ଧ କରି ପ୍ରାଣ ହରାଇଥିଲେ । ସେମାନଙ୍କ ସ୍ମୃତି ରକ୍ଷା ପାଇଁ ଖୋଳାଯାଇଥିଲା ନରେନ୍ଦ୍ର ପୁଷ୍କରିଣୀ । ପରେ ସେହି ପୁଷ୍କରିଣୀରେ ଅନୁଷ୍ଠିତ ହୋଇ ଆସୁଛି ଚନ୍ଦନ ଯାତ୍ରା ।

କେବଳ ୨୦୨୦ ମସିହାରେ କରୋଣା କଟକଣା ଯୋଗୁ ନରେନ୍ଦ୍ରକୁ ନଯାଇ ଦିଅଁମାନେ ଶ୍ରୀମନ୍ଦିର ମଧ୍ୟରେ ଚନ୍ଦନଯାତ୍ରା କରୁଥିଲେ ।

ଶ୍ରୀକ୍ଷେତ୍ର ଚନ୍ଦନ ଯାତ୍ରାରେ ଦଶ ମୂର୍ତ୍ତି ଦିଅଁ ଭାଗ ନିଅନ୍ତି । ସେମାନେ ହେଲେ ମହାପ୍ରଭୁଙ୍କ ଯାତ୍ରା ବିଗ୍ରହ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ରାମ, କୃଷ୍ଣ ଓ ପଞ୍ଚୁପାଣ୍ଡବ ଭାବରେ ଖ୍ୟାତ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ପଞ୍ଚ ମହାଦେବ । ସେହି ମହାଦେବମାନେ ହେଲେ ଜମ୍ବେଶ୍ୱର, ଲୋକନାଥ, ମାର୍କଣ୍ଡେୟ, ନୀଳକଣ୍ଠ ଓ କପାଳମୋଚନ ।

ଶ୍ରୀକ୍ଷେତ୍ର ଚନ୍ଦନଯାତ୍ରାକୁ ଏକ ଦୀର୍ଘତମ ଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ବୟାଳିଶ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରା ଦୁଇ ଭାଗରେ ବିଭକ୍ତ । ବାହାର ଚନ୍ଦନ ଓ ଭିତର ଚନ୍ଦନ । ବାହାର ଚନ୍ଦନ ଏକୋଇଶି ଦିନଧରି ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥାଏ ଓ ଭିତର ଚନ୍ଦନ ଏକୋଇଶି ଦିନଧରି ଶ୍ରୀମନ୍ଦିର ମଧ୍ୟରେ ଅନୁଷ୍ଠିତ ହୁଏ ।

ଶ୍ରୀକ୍ଷେତ୍ରର ଚନ୍ଦନଯାତ୍ରା ଆରମ୍ଭ ହୁଏ ଅକ୍ଷୟ ତୃତୀୟା ବା ବୈଶାଖ ଶୁକ୍ଳ ତୃତୀୟା ଦିନଠାରୁ । ସେଦିନ ସାରା ଶ୍ରୀକ୍ଷେତ୍ର ହୋଇଉଠେ ଉତ୍ସବ ମୁଖର । ସେଦିନ ମଧ୍ୟାହ୍ନ ଧୂପ ପରେପରେ ଦକ୍ଷିଣ ଘରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରାମକୃଷ୍ଣ ଏବଂ ରତ୍ନ ବେଦୀରୁ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଅଣାଯାଇ ବେଶ କରାଯାଏ । ବେଶ ପରେ ଗଜଦନ୍ତ ପଲଙ୍କିରେ ରାମକୃଷ୍ଣ ଏବଂ ମଣି ବିମାନରେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ବିଜେ କରନ୍ତି । ବିଜେ କାହାଳି ବାଜିବା ମାତ୍ରେ ବିମାନ ବଡୁ ସେବକମାନେ ପାଲିଙ୍କି ଓ ବିମାନକୁ ବହନ କରି ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଯାଆନ୍ତି । ସେଠାରେ ପଞ୍ଚ ମହାଦେବଙ୍କ ବିମାନମାନେ ଅପେକ୍ଷା କରିଥାନ୍ତି । ତାପରେ ଆରମ୍ଭ ହୁଏ ଚନ୍ଦନଯାତ୍ରା ଶୋଭାଯାତ୍ରା ।

ଅକ୍ଷୟ ତୃତୀୟା ଦିନ ରଥଗଢା କାର୍ଯ୍ୟ ଅନୁକୂଳ ହୋଇଥାଏ । ତେଣୁ ଚନ୍ଦନଯାତ୍ରା ଶୋଭାଯାତ୍ରାର ସର୍ବାଗ୍ରେ ରୁହନ୍ତି ତିନି ରଥ ଅନୁକୂଳ ପାଇଁ ଆଜ୍ଞାମାଳ ନେଇ ଯାଉଥିବା ତିନିଜଣ ପୂଜାପଣ୍ଡା । ତାଙ୍କ ପଛରେ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ସଂକିର୍ତ୍ତନ ଦଳ, ଲୋକନୃତ୍ୟ ଓ ଲୋକ ବାଦ୍ୟ ଦଳ, ପୁରୀର ନାଗା ଓ ମେଢ ଏବଂ ସେମାନଙ୍କ ପଛରେ ଦିଅଁ । ଅପୂର୍ବ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଦୁଲୁକି ପଡେ ବଡ଼ଦାଣ୍ଡ ।

ପ୍ରଥମେ ଶୋଭାଯାତ୍ରା ଅଟକେ ରଥଖଳା ନିକଟରେ । ସେଠାରେ ପୂଜାପଣ୍ଡାମାନେ ପୁରୋହିତଙ୍କୁ ରଥ ଅନୁକୂଳ ଆଜ୍ଞାମାଳ ପ୍ରଦାନ କରିଥାନ୍ତି । ଏହାପରେ ଶୋଭାଯାତ୍ରା ଆଗାଏ ନରେନ୍ଦ୍ର ଅଭିମୁଖେ ।

ନରେନ୍ଦ୍ର କୂଳରେ ପହଞ୍ଚାଇବା ମାତ୍ରେ ପ୍ରଥମେ ଦିଅଁମାନଙ୍କର ପଦ ପ୍ରକ୍ଷାଳନ କରାଯାଇଥାଏ । ନନ୍ଦା ଓ ଭଦ୍ରା ନାମକ ଦୁଇଟି ସୁସଜ୍ଜିତ ଚାପ ଦିଅଁମାନଙ୍କୁ ଅପେକ୍ଷା କରିଥାନ୍ତି । ସେହି ଚାପ ଦୁଇଟି ମଧ୍ୟରୁ ଗୋଟିଏ ଲାଲ୍ ଓ ଅନ୍ୟଟି ଧଳା ରଙ୍ଗର ।

ଲାଲ୍ ଚାପରେ ବିଜେ କରନ୍ତି ରାମକୃଷ୍ଣ ଏବଂ ପଞ୍ଚ ମହାଦେବ । ମଦନମୋହନ ଏବଂ ଭୂଦେବୀ ଓ ଶ୍ରୀଦେବୀ ଧଳା ଚାପାରୁଢ ହୁଅନ୍ତି । ଚାପଖେଳ ଆରମ୍ଭ ହେଲେ ସର୍ବାଗ୍ରେ ବଜନ୍ତି ନୌକା ମଝିରେ ଲାଲ୍ ଚାପ ଓ ପଛରେ ଧଳା ଚାପ ନରେନ୍ଦ୍ର ଜଳରେ ଘୂରି ବୁଲନ୍ତି । ବାହାର ଚାପ ଦୁଇ ଭାଗରେ ବିଭକ୍ତ । ଦିନ ଚାପ ଓ ରାତି ଚାପ । ଦୁଇ ଚାପ ମଝିରେ ଯେଉଁ ବିରତି ହୁଏ ସେତେବେଳେ ଦେବ ପ୍ରତିମାମାନଙ୍କୁ ଚନ୍ଦନ ଚକଡ଼ା ବା ନରେନ୍ଦ୍ର ପୁଷ୍କରିଣୀର ମଝିରେ ଥିବା କ୍ଷୁଦ୍ର ମନ୍ଦିରକୁ ଅଣାଯାଏ । ସେଠାରେ ସୁବାସିତ ଜଳ ପୂର୍ଣ୍ଣ କୁଣ୍ଡରେ ପ୍ରତିମାମାନଙ୍କୁ ଚନ୍ଦନ ସ୍ନାନ କରାଯାଏ । ସ୍ନାନ ପରେ ରଙ୍ଗ ବେରଙ୍ଗର ଫୁଲରେ ବେଶ କରାଯାଏ । ବେଶ ପରେ ଲାଗିହୁଏ ସୁସ୍ୱାଦୁ ମାଣ୍ଡୁଅ ବା କାକେରା ଭୋଗ । ତାପରେ ଆରମ୍ଭ ହୋଇଥାଏ ରାତି ଚାପ । ଦିନ ଚାପରେ ଚାପ ଦ୍ୱୟ ଥରେ ନରେନ୍ଦ୍ର ପୁଷ୍କରିଣୀକୁ ପରିକ୍ରମା କରୁଥିବା ବେଳେ ରାତି ଚାପରେ ତାହା ତିନି ଥର କରାଯାଇଥାଏ । ଚାପ ଶେଷରେ ଦିଅଁ ମାନେ ସ୍ୱ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ବାହାର ଚନ୍ଦନର ଅନ୍ତିମ ଦିନକୁ କୁହାଯାଏ ଭଉଁରୀ । ତାହା ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଦିନ ଅନୁଷ୍ଠିତ ହୁଏ । ସେଦିନ କେବଳ ଦିନ ଚାପ ହୋଇଥାଏ ।

ଚାପଗୁଡ଼ିକ ପୁଷ୍କରିଣୀ ପରିକ୍ରମା କରିବା ସମୟରେ ନରେନ୍ଦ୍ରର ପ୍ରତି କୋଣରେ ଭଉଁରୀ କରିଥାନ୍ତି । ଅର୍ଥାତ୍ ଚାପ ଗୁଡିକ ନିଜ ଚାରିପଟେ ଘୂରି ଥାନ୍ତି । ସେଥିପାଇଁ ସେଦିନ କୁହାଯାଏ ଭଉଁରୀ ଯାତ୍ରା ।

ବାହାର ଚନ୍ଦନ ସମୟରେ ଏକୋଇଶି ଦିନ ଧରି ଚାପ ଖେଳ ଦେଖିବା ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀ କୂଳରେ ଭକ୍ତମାନଙ୍କର ପ୍ରବଳ ଗହଳି ହୋଇଥାଏ । ପ୍ରାଚୀନ କବିମାନଙ୍କ ଚନ୍ଦନ ଯାତ୍ରା ଭକ୍ତି ସଙ୍ଗୀତରେ ମୁଖରିତ ହୋଇଥାଏ ନରେନ୍ଦ୍ର ପରିସର । ଜୟ ଜଗନ୍ନାଥ ଓ ହରିବୋଲ ହୁଳହୁଳି ରୋଳ ପରିବେଶକୁ କରିଦିଏ ଖୁବ୍ ଭାବ ଭକ୍ତି ବିଭୋର ।

ବାହାର ଚନ୍ଦନ ପରେ ଆରମ୍ଭ ହୁଏ ଭିତର ଚନ୍ଦନ । ତାହା ଜ୍ୟେଷ୍ଠ କୃଷ୍ଣ ନବମୀ ଠାରୁ ଶୁକ୍ଳ ଚତୁର୍ଦ୍ଦଶୀ ଯାଏ ଏକୋଇଶି ଦିନଧରି ଅନୁଷ୍ଠିତ ହୁଏ । ଏଥିରେ କେବଳ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଓ ରାମକୃଷ୍ଣ ଭାଗ ନିଅନ୍ତି । ସେମାନେ ଶ୍ରୀମନ୍ଦିର ମଧ୍ୟରେ ଥିବା ରୋହିଣୀକୁଣ୍ଡ ନିକଟସ୍ଥ ଜଳକ୍ରୀଡ଼ା ମଣ୍ଡପକୁ ଯାଇ ସେଠାରେ ସୁବାଷିତ ଜଳକୁଣ୍ଡରେ ବିହାର କରିଥାନ୍ତି ।

ଏହିପରି ଭାବେ ବୟାଳିଶ ଦିନଧରି ଚାଲିଥିବା ବାହାର ଓ ଭିତର ଚନ୍ଦନ ଶେଷ ହୁଏ । ଠିକ୍ ତା'ପରଦିନ ପଡେ ସ୍ନାନ ପୂର୍ଣ୍ଣିମା । ଚତୁର୍ଦ୍ଧା ମୂର୍ତ୍ତୀ ସ୍ୱବିଗ୍ରହେ ସ୍ନାନ ବେଦିକୁ ଆସି ପ୍ରତ୍ୟକ୍ଷ ସ୍ନାନ କରିଥାନ୍ତି, ଯାହାକୁ ରଥଯାତ୍ରାର ପ୍ରଥମ ପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ ।

ସତରେ ମହାପ୍ରଭୁଙ୍କ ଲୀଳା ଅପୂର୍ବ । ସେ ଦେବତା ଭାବରେ ପୂଜା ପାଆନ୍ତି ସିନା, ମାନବୀୟ ଲୀଳା କରି ଭକ୍ତ ଭାବରେ ବାନ୍ଧି ହୋଇଯାଆନ୍ତି । ଯାହା ଚନ୍ଦନଯାତ୍ରାରେ ପ୍ରତିବିମ୍ବିତ ହୋଇଥାଏ । ସେହି ଭାବର ଠାକୁର ସାରା ବିଶ୍ୱକୁ କୃପା କଟାକ୍ଷ ନୟନରେ ଚାହିଁଥାନ୍ତୁ ତାଙ୍କ ଚରଣ କମଳରେ ଏତିକି ପ୍ରାର୍ଥନା ।

ଜୟ ଜଗନ୍ନାଥ ।

# ନବମ ପାସ୍ ବ୍ୟକ୍ତି ନିର୍ମାଣ କଲେ ହେଲିକପ୍ଟର



ଅମିର୍ ଖାନ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର ୩-ଇଡିଅଟ୍‌ସ୍‌ରୁ ପ୍ରଭାବିତ ହୋଇ ନବମ ଶ୍ରେଣୀଯାଏ ପାଠ ପଢ଼ିଥିବା ପ୍ରଦୀପ ଶିବାଜୀ ମୋହିତ ତିଆରି କରିଛନ୍ତି ଏକ ହେଲିକପ୍ଟର । ପେସାରେ ଟ୍ରାକ୍ଟର ମେକାନିକ୍ ଥିବା ପ୍ରଦୀପଙ୍କ ଘର ମହାରାଷ୍ଟ୍ରର ସାଂଗଲୀ ଜିଲ୍ଲାରେ । ଆକାଶରେ ଉଡ଼ିବାର ସ୍ୱପ୍ନକୁ ବାସ୍ତବ କରିବା ପାଇଁ ନିଜର ସମସ୍ତ ସମ୍ପତ୍ତି ବିକ୍ରି କରି ୫୦ଲକ୍ଷ ଟଙ୍କା ବ୍ୟୟରେ ସେ ଏହି ହେଲିକପ୍ଟରଟିକୁ ତିଆରି କରିଛନ୍ତି । ନବମ ଶ୍ରେଣୀଯାଏ ପାଠ ପଢ଼ିଥିବା ପ୍ରଦୀପ ପ୍ରମାଣ କରିଛନ୍ତି ଶିକ୍ଷାଗତ ଯୋଗ୍ୟତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମାନସିକ ଆଗ୍ରହ । ୩- ଇଡିଅଟସ୍ ଚଳଚ୍ଚିତ୍ର ଦେଖିବା ପରେ ତାଙ୍କ ମନରେ ଏହି ଆଗ୍ରହ ଜାଗ୍ରତ ହେଲା ବୋଲି ସେ କୁହନ୍ତି । ମଟର ସାଇକେଲ ଏବଂ ଜିପରେ ବ୍ୟବହୃତଉପକରଣକୁ ବ୍ୟବହାର କରି ସେ ଏହି ହେଲିକପ୍ଟର ତିଆରି କରିଛନ୍ତି । ଦେଢ଼ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ଉଡ଼ିବାର କ୍ଷମତା ରଖିଥିବା ଏହି ହେଲିକପ୍ଟରକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକେ ପ୍ରଦୀପଙ୍କ ପାଖକୁ ଆସିଥାନ୍ତି । ପ୍ରଦୀପଙ୍କ ହେଲିକପ୍ଟର ଦେଖି ଅନେକ ହେଲିକପ୍ଟର ନିର୍ମାଣକାରୀ କମ୍ପାନୀ ମଧ ତାଙ୍କ ପାଖକୁ ଆସୁଥିବା ଜଣାପଡ଼ିଛି ।

# ଅଳ୍ପ ଖର୍ଚ୍ଚରେ ସ୍ମାର୍ଟ ହୋମ୍

ଡିଜିଟାଲାଜ ଇଣ୍ଡିଆରେ ସ୍ମାର୍ଟଫୋନ୍, ସ୍ମାର୍ଟଟିଭି ଏବଂ ସ୍ମାର୍ଟକାର ମଧ କାର୍ଯ୍ୟକାରୀ ହେଲାଣି । ଏବେ ସମୟ ନିଜ ଘରକୁ ମଧ ଏକ ସ୍ମାର୍ଟ ଲୁକ୍ ଦେବାର । ଅଳ୍ପ ଖର୍ଚ୍ଚରେ ନିଜ ଘରକୁ ଏକ ସ୍ମାର୍ଟ ଲୁକ୍ ଦେବା କିଏ ବା ନଚାହେଁ । ଜାଣନ୍ତୁ ୨୦୦୦ ଟଙ୍କା ମଧ୍ୟରେ ଥିବା କିଛି ସ୍ମାର୍ଟ ବୈଦ୍ୟୁତିକ ଯନ୍ତ୍ର:-

ଏଲଇଡି ସ୍ମାର୍ଟ ଡୋରବେଲ୍:- ଏହି ସ୍ମାର୍ଟ ବେଲର ମୂଲ୍ୟ ମାତ୍ର ୧୫୦୪ଟଙ୍କା । ଯାହା ୱାଟରପ୍ରୁଫ୍ ହେବା ସହ ୩୦୦ ମିଟର ପର୍ଯ୍ୟନ୍ତ ଶବ୍ଦ ହୋଇଥାଏ । ଏହି ଯନ୍ତ୍ରର ଧ୍ୱନିକୁ [redacted] କରାଯାଇପାରିବ । ଏଥିରେ ବିଦ୍ୟୁତ୍ ତାର ସଂଯୋଗର ସମସ୍ୟା ନଥାଏ ।

ସ୍ମାର୍ଟ ୱାଇଫଇ:- ଏହି ସ୍ମାର୍ଟ ୱାଇଫାଇର ମୂଲ୍ୟ ମାତ୍ର ୪୯୮ଟଙ୍କା [redacted] ଯନ୍ତ୍ର ଦ୍ୱାରା ଫୋନ୍‌କୁ [redacted] ଅଫ୍ [redacted] ଓ ଅନ୍ କରାଯାଇପାରିବ । [redacted]ଥିରେ ଗୁଗୁଲ୍ ଆସିଷ୍ଟାଣ୍ଟ ଓ ଆମେଜନ୍ ଏଲେକ୍ସର ମଧ ସର୍ପୋଟ ନେଇଥାଏ ।

ୱାୟରଲେସ୍ ସ୍ମାର୍ଟ ଷ୍ଟ୍ରିମିଙ୍ଗ ଡିଭାଇଜ୍:-
ଏହି ସ୍ମାର୍ଟ ଡିଭାଇଜର ମୂଲ୍ୟ ୯୯୯ଯଙ୍କା । ଏହି ଷ୍ଟ୍ରିମିଙ୍ଗ ଡିଭାଇଜ୍ ଦ୍ୱାରା ଫୋନ୍‌କୁ ଟିଭି ସହ ସଂଯୁକ୍ତ କରି ସମସ୍ତ ଡାଟାକୁ ଟିଭିରେ ଧେଖାଯାଇପାରିବ ।

ସିସ୍କା ସ୍ମାର୍ଟ ବଲ୍‌ବ:-
ଏହି ସ୍ମାର୍ଟ ବଲ୍‌ବର ମୂଲ୍ୟ ମାତ୍ର ୧୭୦୬ଟଙ୍କା । ଏହି ବଲ୍‌ବକୁ ନିଜ ସ୍ମାର୍ଟଫୋନ୍ ସହ ମଧ ସଂଯୁକ୍ତ କରାଯାଇପାରିବ । ଏଥିରେ ୩ମିଲିୟନ୍ ରଙ୍ଗର ମିଶ୍ରଣ ରହିଛି ।

ଫିଲିପ୍ସ ସ୍ମାର୍ଟ ବଲବ୍:-
ଏହି ବଲ୍‌ବର ମୂଲ୍ୟ ମାତ୍ର ୧୯୧୫ଟଙ୍କା । ଏହାକୁ ଆପେଲ ହୋମ୍‌କିଟ୍ ଓ ଗୁଗୁଲ ହୋମ୍ ଦ୍ୱାରା ସଂଯୁକ୍ତ କରାଯାଇ ମୋବାଇଲରେ ଅନ୍ ଅଫ୍ କରାଯାଇପାରିବ ।

ମୋଶନ୍ ସେନ୍‌ସର ଲ୍ୟାମ୍ପ:-
ଏହି ଲ୍ୟାମ୍ପର ମୂଲ୍ୟ ମାତ୍ର ୫୨୦ଟଙ୍କା । ଏହାର ଓଜନ ୪୫ଗ୍ରାମ୍ । ଏହି ଲ୍ୟାମ୍ପ ସମ୍ମୁଖରେ ଯଦି କିଛି ଜିନିଷ ହଲଚଲ ହୁଏ ତେବେ ଏହା ଜଳିଉଠେ ।





**ୱାଇଫାଇ ପାୱାର ସ୍କିପ୍:-**
ଏହି ସ୍କିପ୍ ର ମୂଲ୍ୟ ମାତ୍ର ୧୭୯୪ଟଙ୍କା ଏହି ସ୍କିପ୍ ୱାଇଫାଇ ରାଉଟର ବନ୍ଦ ଓ ଚାଲୁ କରାଯାଇପାରିବ । ଏଥିରେ ଆପ୍ ଟାଇମର ମଧ ଲଗାଯାଇପାରିବ ।

**ୱାଇଫାଇ କ୍ୟାମେରା:-** ଏହି କ୍ୟାମେରାର ମୂଲ୍ୟ ୧୯୯୯ଟଙ୍କା । ଏହାକୁ ନିଜ ଫୋନ୍‌ରେ ମଧ ନିୟନ୍ତ୍ରଣ କରାଯାଇପାରିବ । ଏଥିରେ ୫ମେଗାପିକ୍ସେଲ୍ ସେନସର ଓ ମୋଶନ ଡିଟେକ୍ଟରର ସର୍ପୋଟ ମିଳିପାରିବ ।

**ଏଲଇଡି ସ୍କିପ୍:-** ଏହି ସ୍କିପର ମୂଲ୍ୟ ମାତ୍ର ୧୩୮୦ ଟଙ୍କା । ଏହାର ସଂଯୋଗ ଦ୍ୱାରା ୱାଇଫାଇ ଲାଇଟର ରଙ୍ଗ ପରିବର୍ତ୍ତନ କରାଯାଇପାରିବ । ଏଥିରେ ଗୁଗଲ୍ ଆସିଷ୍ଟାଣ୍ଟରେ ସପୋର୍ଟ ମଧ ମିଳିପାରିବ ।

# ଯଦି ଆପଣ ଚାହା ପିଇବାକୁ ପସନ୍ଦ କରନ୍ତି : ତା'ହେଲେ ଏହାକୁ ନିଶ୍ଚୟ ପଢନ୍ତୁ







ଚାହା ଦୁନିଆର ସବୁଠାରୁ ଲୋକପ୍ରିୟ ଗରମ ପାନୀୟ । ଅଧିକାଂଶ ଲୋକଙ୍କର ଦିନଚର୍ଯ୍ୟା ଚାହା କପରୁ ହିଁ ଆରମ୍ଭ ହୋଇଥାଏ । ସ୍ଥାନ ଏବଂ ଜଳବାୟୁ କାରଣରୁ ହୁଏତ ଚାହାର ପ୍ରକାର ଭେଦ ଦେଖାଦେଇଥାଏ ହେଲେ ଅଧିକାଂଶ ଲୋକ କ୍ଷୀର ଚାହା ପିଇବାକୁ ପସନ୍ଦ କରଥାନ୍ତି । ଚାହା ପିଇବା ଦ୍ୱାରା ଶରୀରକୁ ସତେଜତା ମିଳିଥାଏ । ତେଣୁ ଅନେକେ ଏହା ଶରୀର ପାଇଁ ଲାଭକାରୀ ବୋଲି ବିବେଚନା କରିଥାନ୍ତି । ଚାହାରେ ଅନେକ ପ୍ରକାରର ଔଷଧୀୟ ଗୁଣ ରହିଥାଏ । ସେଥିଲାଗି ଚାଇନା ଓ ଜାପାନରେ ଚାହା ଗଛକୁ ଔଷଧୀୟ ଗୁଳ୍ମ ବୋଲି କହିଥାନ୍ତି । ଏହି କାରଣରୁ ଚାଇନା ଓ ଜାପାନରେ ଚାହାର ବହୁଳ ବ୍ୟବହାର କରାଯାଉଛି ।

ଅନ୍ୟପକ୍ଷରେ ଚାହା ଯେଉଁମାନେ ପିଉଛନ୍ତି ସେମାନେ ଚାହାର ଉପକାର ଓ ଅପକାର ବିଷୟରେ ଜାଣିବା ଦରକାର । ସବୁଦିନ ଚାହା ପିଉଥିବା ଅଧିକାଂଶ ଲୋକଙ୍କୁ ଚାହାର ଉପକାରିତା ସମ୍ବନ୍ଧରେ ଜଣା ନଥାଏ । କେବଳ ପାଟିକୁ ସ୍ୱାଦ ଲାଗିବା ଓ ସତେଜତା ମିଳୁଥିବାରୁ ଏହାକୁ ପସନ୍ଦ କରି ପାନୀୟ ରୂପେ ବ୍ୟବହାର କରୁଥାନ୍ତି । ଏକ ଅଧ୍ୟୟନରୁ ଚାହାର ଉପକାରିତା ବିଷୟରେ ଜଣାପଡ଼ିଛି ଯେ, ଚାହାରେ ସାଧାରଣତଃ ପଲିହେନୋଲସ୍ ମିଳିଥାଏ ଯାହା ଶରୀର ପାଇଁ ଉପକାରୀ । ଚାହାରୁ ମିଳୁଥିବା କେଟୋଚିନ୍, ଥିୟାପ୍ଲେବିନ୍ସ ଏବଂ ଥେରୁବିଗିନସରେ ଅନେକ ଆଣ୍ଟି-ଡିପ୍ଲୋମେଟରୀ, କର୍କଟରୋଧକ, କାର୍ଡିଓପ୍ରୋଟେକ୍ଟିଭ ଗୁଣ ରହିଛି, ଯାହା ଶରୀରକୁ ବିଭିନ୍ନ ଉପାୟରେ ସାହାଯ୍ୟ କରେ । ନୂଆ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଚାହା କର୍କଟ ଓ ହୃଦରୋଗ ବିରୁଦ୍ଧରେ ଲଢିବାରେ ସାହାଯ୍ୟ କରୁଛି ।

ଏଥିରେ ମାନସିକ ରୋଗରୁ ମୁକ୍ତ କରିବାର ଶକ୍ତି ରହିଛି । ଚାହା ପତିରେ ପ୍ରଚୁର ମାତ୍ରାରେ ଆଣ୍ଟିବଡି ରହିଛି, ଯାହା ରକ୍ତରେ ଥିବା ଅଦରକାରୀ କରିବାକୁ ବାହାର କରିବାରେ ସହାୟକ ହୋଇପାରୁଛି । ଏହାସହ ଶରୀରରେ ହେଉଥିବା କଷ୍ଟକୁ ଦୂର କରିବାରେ ମଧ ସହାୟତା କରୁଛି । ଗବେଷକ ଡ.ଟିଲର୍‌ୱାଲେସଙ୍କ କହିବା ଅନୁସାରେ ଚାହା ଏମିତି ଏକ ପାନୀୟ ଯାହାକୁ ଲୋକମାନେ ସହଜରେ ପିଇପାରିବେ । ଯଦି ଜଣେ ଏହାକୁ ଗ୍ରହଣ କରିବ ତାହାଲେ ସେ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ରହିବ । ଆମେରିକୀୟ ଚାହା ପରିଷଦର କହିବା କଥା ହେଲା କଳା, ସବୁଜ ଏବଂ ଔଷଧୀୟ ଚାହାରେ ଅନେକ ପରିମାଣର ଫ୍ଲାବୋନଏଡ୍ସ ମିଳିଥାଏ । ଏହା ଶରୀରର ରୋଗପ୍ରତିରୋଧ କ୍ଷମତାର ବୃଦ୍ଧି କରିଥାଏ । ଅଷ୍ଟ୍ରେଲୀୟଙ୍କ ସୂଚନାରୁ ଜଣାପଡିଛି ଯେ, ଯେଉଁ ବ୍ୟକ୍ତି ଦୈନିକ ୧ରୁ୫ କପ ଚାହା ପିଅନ୍ତି ସେମାନଙ୍କୁ ମାନସିକ ରୋଗ ହେବାର କମ ଦେଖାଦେଇଥାଏ । ଏହା ଚିନ୍ତାକୁ ହାଲୁକା କରିବା ସହ ସତେଜ ରଖିଥାଏ । ଗବେଷକ ଏହା ମଧ କହୁଛନ୍ତି ଏକ କପ କପ୍ପା ଚାହା ପାଇବା ଦ୍ୱରା ଦୃଦଘାତ ଭଳି ସମସ୍ୟା ହୋଇନଥାଏ ।

ଅଧିକ ଗରମ ଚାହା ପିଇବା କର୍କଟ ରୋଗର କାରଣ ହୋଇପାରେ :
ଚାହାରୁ ମିଳୁଥିବା ଫ୍ଲାବୋନଏଡ୍ସ ଶଷ କର୍କଟ ରୋଗ ଭଳି ବିପଦକୁ କମ କରିବାରେ ସହାୟକ ହେଉଥିବା ବେଳେ ଆମେରିକାର ଗବେଷକ ଡ.ଜେଫିରି ବ୍ଲମ୍ବର୍ଜ କହିଛନ୍ତି ଏହା ମଣିଷକୁ ଅନେକ ଉପକାର ଦେଇଥାଏ । କିନ୍ତୁ ଅନ୍ୟ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଧିକ ଗରମ ଚାହା ପିଇବା ଦ୍ୱାରା ଖାଦ୍ୟନଳୀରେ ଆଁସୋଫାଗଲ କର୍କଟ ହୋଇଥାଏ । ତେବେ ଏହା ୬୦ବର୍ଷରୁ ଅଧିକ ବ୍ୟକ୍ତିଙ୍କ ଠାରେ ଦେଖାଯାଇଥାଏ । ଏଥିପାଇଁ ବରିଷ୍ଠ ବ୍ୟକ୍ତିମାନେ ସଚେତନ ହେବା ଜରୁରୀ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ରର ଭବିଷ୍ୟତ...

ପ୍ରକାଶ ପାଇଛି ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ (ଡବ୍ଲ୍ୟୁପିଏଫଆଇ)ର ୨୦୨୨ ସଂସ୍କରଣ । ଏହା ବିଶ୍ୱର ୧୮୦ଟି ଦେଶ ଏବଂ ସୀମାରେ ସାମ୍ବାଦିକତାର ଅବସ୍ଥା ସମ୍ପର୍କରେ ଏକ ଆକଳନ ପ୍ରସ୍ତୁତ କରିଛି, ଯାହା ସମ୍ମୁଖକୁ ଆଣିଛି ସମ୍ବାଦ ଓ ସୂଚନା ଅବ୍ୟବସ୍ଥାର । ଏକ ଦୁର୍ଭାଗ୍ୟପୂର୍ଣ୍ଣ ଚିତ୍ରକୁ- ଏକ ବୈଶ୍ୱିକ ଓ ଅନିୟନ୍ତ୍ରିତ ଅନ୍‌ଲାଇନ୍ ସୂଚନା ପ୍ରସାରଣର ମାଧ୍ୟମକୁ, ଯାହା ମିଥ୍ୟା ସମ୍ବାଦ ଓ ପ୍ରଚାର ପାଇଁ ଦିନକୁ ଦିନ ଅଧିକରୁ ଅଧିକ ପରିମାଣରେ ବ୍ୟବହାର ହେଉଛି । ଭାରତ ଲଗାତର ଭାବରେ ବେଶ୍ କିଛି ବର୍ଷ ହେବ ନିମ୍ନଗତି ଆପଣାଇ ଚାଲିଥିବା ପରିଲକ୍ଷିତ ହୁଏ । ତେବେ ଏହାଠୁ ବଳି ଆଉ ଏକ ବଡ଼କଥା ହେଉଛି- ଚଳିତ ବର୍ଷ ଏହା ପୂର୍ବାପେକ୍ଷା ଅଧିକ ଦ୍ରୁତଗତିରେ ଆଠଟି ସ୍ଥାନ ତଳକୁ ଖସି ୧୮୦ ଦେଶଙ୍କ ଭିତରେ ରହିଛି ୧୫୦ତମ ସ୍ଥାନରେ । ସଂଯୋଗବଶତଃ ଏହି ରିପୋର୍ଟଟି ପ୍ରକାଶ ପାଇଛି ସେତିକି ବେଳେ ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ୟୁରୋପ୍ ଗସ୍ତରେ ଅଛନ୍ତି ଏବଂ ସେଠାରେ କୌଣସି ସାମ୍ବାଦିକ ସମ୍ମିଳନୀରେ କୌଣସି ପ୍ରକାରର ପ୍ରଶ୍ନର ଉତ୍ତର ଦେବାକୁ ମନା କରି ଦେଉଛନ୍ତି । ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ ୨୦୧୪ରେ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରଠାରୁ ଭାରତରେ ଗଣମାଧ୍ୟମର ସ୍ୱାଧୀନତାରେ ସଂକୁଚନ ଘଟିଥିବା ଉଲ୍ଲେଖ କରିଛି ଡବ୍ଲ୍ୟୁପିଏଆଇ । ଏକ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପ୍ରଧାନମନ୍ତ୍ରୀ କୌଣସି ପ୍ରକାରର ପଚରା ଉଚରାକୁ ସମ୍ମୁଖୀନ ନହେବା, ସମ୍ଭବତଃ କୌଣସି । ପ୍ରକାରର ଅନୁସନ୍ଧାନମୂଳକ ପ୍ରଶ୍ନକୁ ଏଡ଼ାଇ ଯିବାରେ ଏକ ନିଜସ୍ୱ ବିରୋଧାଭାସ ରହିଛି । କିନ୍ତୁ ଏକ କୌଶଳ ଭାବରେ ପ୍ରଶ୍ନକୁ ଟାଳିଦେବା ବା ଉତ୍ତର ନଦେବା ପାଇଁ ବାହାନା ଖୋଜିବା କେବଳ ବ୍ୟବହାର କରାଯାଉ ନାହିଁ । ଡବ୍ଲ୍ୟୁପିଏଆଇ ପ୍ରକାଶ କରିଛି ଯେ ମୋଦୀ ସରକାର ତାଙ୍କ ଦଳ ଏବଂ ଗଣମାଧ୍ୟମ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ବଡ଼ ବଡ଼ିଆଙ୍କ ପରିବାର ମଧ୍ୟରେ ଏକ ଦର୍ଶନୀୟ ସମ୍ବନ୍ଧ ସ୍ଥାପନ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି । ଉପରୋକ୍ତ କଥାକୁ ପୁଷ୍ଟ କରିଛି ୨୦୧୯ର ଅନ୍ୟ ଏକ ତଥ୍ୟ । ଏହି ବର୍ଷ ମିଡିଆ ଓ ନରସିପ୍ ମନିଟର ଷ୍ଟଡି ୫୮ଟି ପ୍ରମୁଖ ଗଣମାଧ୍ୟମ ସଂସ୍ଥାଙ୍କ ଉପରେ ଏକ ବିଶ୍ଳେଷଣ କରି ପ୍ରକାଶ କରିଥିଲା ଯେ ଭାରତର ନିହାତି କରେ ୧୦ ଜଣ ଗଣମାଧ୍ୟମ ମାଲିକଙ୍କର ରାଜନୀତି ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପର୍କ ରହିଛି । ଏମିତିକି ସେମାନଙ୍କ ମଧ୍ୟରୁ କେତେକ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ପ୍ରତିନିଧିତ୍ୱ ମଧ୍ୟ କରନ୍ତି । ସୂଚାଇ ଦିଆଯାଇପାରେ କି, ଏହି ଅଧ୍ୟୟନରେ ଅନ୍ତର୍ଭୁକ୍ତ କରାଯାଇଥିବା ଗଣମାଧ୍ୟମ ସଂସ୍ଥାମାନଙ୍କର ଭାରତରେ ସର୍ବାଧିକ ଦର୍ଶକ ସ୍ରୋତ ରହିଛନ୍ତି । ଭାରତୀୟ ଗଣମାଧ୍ୟମକୁ ଶୃଙ୍ଖଳାବଦ୍ଧ କରି ରଖିବା ନିମନ୍ତେ ଆଉ କେତେଗୁଡ଼ିଏ ଶୃଙ୍ଖଳ ମଧ୍ୟ ରହିଛି । ଡବ୍ଲ୍ୟୁପିଏଆଇର ଏକ ଉଲ୍ଲେଖଯୋଗ୍ୟ ତଥ୍ୟ ଅନୁସାରେ, ସାମ୍ବାଦିକତା କ୍ଷେତ୍ରରେ ବା ଗଣମାଧ୍ୟମର କାର୍ଯ୍ୟନିର୍ବାହୀ ସ୍ଥିତିରେ ଅଧିକାଂଶ କ୍ଷେତ୍ରରେ ବରିଷ୍ଠ ପଦ ପଦବୀରେ ଉଚ୍ଚ ଜାତିର ହିନ୍ଦୁମାନେ ରହିଛନ୍ତି । ରିପୋର୍ଟର ଏହି ଦିଗଟି ତଥାକଥିତ ମୁଖ୍ୟସ୍ରୋତର ଗଣମାଧ୍ୟମମାନେ ପ୍ରକୃତ ପକ୍ଷେ କେତେଦୂର ସମାଜର ସବୁ ବର୍ଗଙ୍କ ପ୍ରତିନିଧିତ୍ୱ କରୁଛନ୍ତି, ତା' ଉପରେ ପ୍ରଶ୍ନ ଜାଗ୍ରତ କରାଇ ଥାଏ । ସାମ୍ପ୍ରତିକ ସମୟରେ ଭାରତରେ ସାମ୍ବାଦିକତାର ଦୁର୍ବଳ ଅବସ୍ଥା ପ୍ରତି କେବଳ ଡବ୍ଲ୍ୟୁପିଏଫ୍ଆଇ ଯେ ଅଙ୍ଗୁଳି ନିର୍ଦ୍ଦେଶ କରିଛି, ତା' ନୁହେଁ, ଆମେରିକୀୟ ବାର ଆସୋସିଏସନ୍ ମଧ୍ୟ ଭାରତର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ନିକଟକୁ ଏକ ପତ୍ର ଲେଖୁଛନ୍ତି କାଶ୍ମୀରରେ କେତେକ ସାମ୍ବାଦିକଙ୍କୁ ବିଭିନ୍ନ ମାମଲାରେ ଜାମିନ ପାଇବା ସତ୍ତ୍ୱେ କଠୋର ଜନ ସୁରକ୍ଷା ଆଇନ ବଳରେ ଗିରଫ କରାଯିବା ପ୍ରସଙ୍ଗରେ, ଯାହା ଉଭୟ ଗଣମାଧ୍ୟମ ଓ ନ୍ୟାୟିକ ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିଛି । ସମ୍ପ୍ରତି ଶାସନ କ୍ଷମତାରେ ଥିବା ଦଳମାନେ ସେମାନଙ୍କୁ ସୁହାଉ ନଥିବା ଭଳି ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତି ବା ସଂସ୍ଥାମାନଙ୍କ ଉପରେ ସେମାନଙ୍କ ଅଧୀନସ୍ଥ ଆଇନର କଳକୁ ପ୍ରୟୋଗ କରୁଛନ୍ତି । ଉଦାହରଣ ଭାବରେ ନିଆଯାଇପାରେ ଉପନିବେଶବାଦ ଅମଳର ଏକ ଆଇନ ଦେଶଦ୍ରୋହକୁ ବେଶ କିଛି ବର୍ଷ ହେବ ଅସନ୍ତୋଷ ବ୍ୟକ୍ତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଆଇନ ଅଧିକ ପ୍ରୟୋଗ କରାଯାଉଥିବା ଦେଖିବାକୁ ମିଳୁଛି ଏବଂ ଏହା ଉତ୍ତରଦାୟିତ୍ୱ ସମ୍ପର୍କିତ ପ୍ରଶ୍ନଗୁଡ଼ିକରୁ ନିବୃତ୍ତ ଦେବା ପାଇଁ ପ୍ରତିଷେଧକ ଭଳି କାମ କରୁଥିବା ଦେଖାଯାଉଛି । କହିବା ବାହୁଲ୍ୟ, ପରିବର୍ତ୍ତନର ଏଭଳି ଲକ୍ଷଣଗୁଡ଼ିକ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ନିମନ୍ତେ ଏକ ଶୁଭ ବାର୍ତ୍ତା ବହନ କରିବାର କ୍ୱଚିତ୍ ସମ୍ଭାବନା ରଖନ୍ତି । ସର୍ବୋପରି, ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ଉପରୋକ୍ତ ରିପୋର୍ଟ ସୂଚନାର ଅବ୍ୟବସ୍ଥା, ଅର୍ଥାତ୍ ଦେଶ ଭିତରେ ବିଭାଜନକୁ ପ୍ରୋତ୍ସାହନ ଯୋଗାଉ ଥିବା ଗଣମାଧ୍ୟମର ଧ୍ରୁବୀକରଣ ତଥା ଆନ୍ତର୍ଜାତିକ ସ୍ତରରେ ଦେଶ ଦେଶ ଭିତରେ ବିଭାଜନ ସୃଷ୍ଟି ପାଇଁ ଗଣମାଧ୍ୟମର ଧ୍ରୁବୀକରଣ ଯୋଗୁଁ ଧ୍ରୁବୀକରଣ ଦୁଇ ଗୁଣ ବୃଦ୍ଧି ପାଇଥିବା ଉଲ୍ଲେଖ କରିଛି, ଯାହା କୌଣସି ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ ।

## ସ୍ମୃତିରେ ରଘୁନାଥ ମହାପାତ୍ର



**ବିଶ୍ୱବିଜୟୀ ଦାଶ**



କୀର୍ତ୍ତିମନ୍ତ ଜୀଇଁ ରହେ ଅନନ୍ତ କାଳର କଳାର କାଳିମାକୁ ଭେଦକରି କାଳଜୟୀ ଭାବରେ ସେମିତି ଜୀଇଁଛନ୍ତି କୀର୍ତ୍ତିସ୍ମାନ ରଘୁନାଥ ମହାପାତ୍ର।

ରଘୁନାଥ ମହାପାତ୍ର ଜଣେ ଲବ୍ଧ ପ୍ରତିଷ୍ଠିତ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ,ସେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶାର ପୁରୀସ୍ଥିତ ପଥୁରିଆ ସାହିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଦାମୋଦର ମହାପାତ୍ର ଓ ମାତାଙ୍କ ନାମ ଶକୁନ୍ତଳା ମହାପାତ୍ର।ତୁଳସୀ ଦୁଇ ପତ୍ରରୁ ବାସେ ଉକ୍ତିଟି ପରି ସେ ଖୁବ୍ କମ୍ ବୟସରୁ ନିହାଣ ମୁନରେ ପଥରକୁ ରୂପ ଦେବାରେ ଲାଗିଲେ।ପଥରରେ ଜୀବନ ଫୁଙ୍କିବାରେ ପାଲଟିଥିଲେ ଓସ୍ତାଦ। ମାତ୍ର ୨୨ ବର୍ଷ ବୟସରେ ୧୯୬୪ ମସିହାରେ ତାଙ୍କୁ ରାଷ୍ଟ୍ରୀୟ ସ୍ଥାପତ୍ୟ କଳା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଆଉ ପଛକୁ ଫେରି ଚାହିଁବାକୁ ରଘୁନାଥଙ୍କୁ ଫୁରସତ ମିଳି ନଥିଲା।

ରଘୁନାଥ ମହାପାତ୍ର କେବଳ ପଥରର ଯାଦୁକର ନଥିଲେ, ମନ୍ଦିରମାନଙ୍କର ବାସ୍ତୁକଳାରେ ପାରମ୍ପରିକ ମୂର୍ତ୍ତି କଳାରେ ଥିଲା ତାଙ୍କର ଅଗାଧ ଜ୍ଞାନ ଓ ଅଭିଜ୍ଞତା ତାଙ୍କୁ ପଥର କାରୁକାର୍ଯ୍ୟ ଲାଗି ପ୍ରାଧିକୃତ କରିଥିଲା। ତାଙ୍କର ସର୍ବଶ୍ରେଷ୍ଠ କୃତି ମଧ୍ୟରେ ଦିଲ୍ଲୀ ସଂସଦ ଭବନ ସେଣ୍ଟ୍ରାଲ ହଲରେ ସ୍ଥାପିତ ୬ ଫୁଟ ଉଚ୍ଚତାର ସ୍ୟାଣ୍ଡ ଷ୍ଟୋନରେ ନିର୍ମିତ ସୂର୍ଯ୍ୟଙ୍କ ମୂର୍ତ୍ତି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଢୋଲପୁରୀ ପଥରରେ ନିର୍ମିତ ଦୀପ, କୋଲକାତା ପାର୍କ ଷ୍ଟ୍ରିଟ୍ ସାଜ ସଜ୍ଜାରେ କେନ୍ଦ୍ରୀୟ ସର୍କଲ ଓ ସ୍ତମ୍ଭ, ହରିୟାଣା ସୂରଜ କୁଣ୍ଡରେ ଲାଲ ବାଲୁଆ ପଥରରେ ନିର୍ମିତ ୧୫ ଫୁଟ ଉଚ୍ଚର ମୁକ୍ତେଶ୍ୱର ଦ୍ୱାର,ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ୧୮ଫୁଟ ଲମ୍ବା ଓ ୧୫ଫୁଟ ଉଚ୍ଚତାର କୋଣାର୍କ ଘୋଡ଼ା,କଟକ ବାରବାଟୀ ଷ୍ଟାଡିଅମରେ ୧୨ଫୁଟର କୋଣାର୍କ ଘୋଡ଼ା, ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ୧୬ଟି କୋଣାର୍କ ଚକ୍ର, ଟିଟିଲାଗଡ଼ରେ ୭୦ଫୁଟ ଉଚ୍ଚତାର ୩ଟି ମନ୍ଦିର, ଗଞ୍ଜାମର ନୂତନ ତାରାତାରିଣୀ ମନ୍ଦିରର ନିର୍ମାଣ,ରାଜୀବ ଗାନ୍ଧୀଙ୍କ ସମାଧି ପୀଠ, ନୂଆଦିଲ୍ଲୀ ଅଶୋକା ହୋଟେଲରେ ୧୪ଫୁଟ ଉଚ୍ଚତାର କୋଣାର୍କ ଚକ୍ର, ଧଉଳିରେ ୨ଟି ବୌଦ୍ଧ ମୂର୍ତ୍ତି, ଲଦାଖରେ ୨୦ଫୁଟ ଉଚ୍ଚତା ବିଶିଷ୍ଟ ୩ଟି ବୌଦ୍ଧ ମୂର୍ତ୍ତି, ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତ୍ତି,ଜାପାନରେ ୧୫ଫୁଟ ଉଚ୍ଚତାର ଅଶୋକ ସ୍ତମ୍ଭ, ବାଲେଶ୍ୱରର ଇମାମି ଜଗନ୍ନାଥ ମନ୍ଦିରର ନିର୍ମାଣ।

ଅନନ୍ୟ କଳା ପ୍ରତିଭା ଲାଗି ୧୯୭୬ ମସିହାରେ ତାଙ୍କୁ ଭାରତ ସରକାର ପ୍ରଥମ ଥର ଶୀର୍ଷ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ବର୍ଦ୍ଧିତ କରିଥିଲେ। ୨୦୦୧ ମସିହାରେ ତାଙ୍କୁ ପଦ୍ମ ଭୂଷଣ ଓ ୨୦୧୩ ମସିହାରେ ପଦ୍ମପୁରସ୍କାରର ଶୀର୍ଷ ସମ୍ମାନ ପଦ୍ମ ବିଭୂଷଣରେ ରାଷ୍ଟ୍ରପତି ରଘୁନାଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମସମ୍ମାନର ୩ଟି ଜାକ ପୁରସ୍କାରରେ ସମ୍ବର୍ଦ୍ଧିତ ହେବାରେ ରଘୁନାଥ ମହାପାତ୍ର ଥିଲେ ସୀତାକାନ୍ତ ମହାପାତ୍ର ଓ ଗୁରୁ କେଲୁଚରଣ ମହାପାତ୍ରଙ୍କ ପରେ ତୃତୀୟ ଓଡ଼ିଆ। ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ୨୦୧୮ ମସିହାରେ ରାଜ୍ୟସଭାକୁ ନାମିତ ୪ ଜଣବ୍ୟକ୍ତିତ୍ୱଙ୍କ ମଧ୍ୟରେ ଅନ୍ୟତମ ଥିଲେ ରଘୁନାଥ। ସେ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ମଧ୍ୟ ଥିଲେ। ଜଣେ ଲବ୍ଧ ପ୍ରତିଷ୍ଠିତ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ରଘୁନାଥ ମହାପାତ୍ର ଅନ୍ତର୍ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିଥିଲେ।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ। କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା,ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ,ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା,ସାମାଜିକ ପରିଚିତ,ଭାସ୍କର୍ଯ୍ୟ ଶିଳ୍ପୀ, ଓଡିଆ କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପ୍ରୟାସ ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ, ଚିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ, ମିଳିବ ଅନେକ କାଳ୍ପନିକ ଚିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ।

ସେହି ଖ୍ୟାତି ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୁଷଣ ରଘୁନାଥ ମହାପାତ୍ର ୨୦୨୧ ମସିହା ମେ ୯ ତାରିଖରେ ଦୁନିଆ ଛାଡ଼ି ଚାଲିଗଲେ। ଆଜି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।


♥ ବି.ଏସସି,ବି.ଇଡ଼୍(ସ୍ୱତନ୍ତ୍ର ଶିକ୍ଷା)

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା

ପିନ୍ ନଂ- ୭୫୨୦୩୫

ମୋ: ୬୩୭୦୨୦୮୪୨୮


## ରାଷ୍ଟ୍ରପତି ରେସ ଓ ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ



**ବାଦଲ ଭୂୟାଁ**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପ୍ରତ୍ୟାଶିତ ନିଷ୍ପତ୍ତି ନେବାରେ ମାହିର। ସାଧାରଣରେ ପରିଚିତ ନଥିବା ଅନେକ ନୂଆ ଚେହେରାଙ୍କୁ ସାମ୍ନାକୁ ସେ ଆଣିଥାନ୍ତି। ଏ କ୍ଷେତ୍ରରେ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର। ତାଙ୍କ ରାଜନୈତିକ ବିଚକ୍ଷଣତା ହିଁ ବିଜେପିର ବଡ଼ ଶକ୍ତି। ତେବେ ଏହା ଭିତରେ ରାଜନୈତିକ ପାଣିପାଗ ସରଗରମ ହୋଇ ଉଠିଲାଣି ଭାରତର ଆସନ୍ତା ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ନେଇ। କିଛି ଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ସମର୍ଥନ ନେଇ ପ୍ରଶ୍ନ ପଚରାଯିବାରୁ ସେ ଉତ୍ତର ଦେଇଥିଲେ ପ୍ରାର୍ଥୀ ଦେଖି ଦଳ ନିଷ୍ପତ୍ତି ନେବ। ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ବିଜେପିର ସମର୍ଥିତ ପ୍ରାର୍ଥୀ, ଏନଡିଏ ମେଣ୍ଟରୁ ବିଜୟୀ ହେବା ସୁନିଶ୍ଚିତ। ତେବେ ଏହା ଭିତରେ ରାଜନୈତିକ ସମୀକ୍ଷକ ଓ ଗଣମାଧ୍ୟମ ମହଲରେ ଏକ ବଡ଼ ଖବର ଜାତୀୟ ରାଜନୀତିକୁ ସରଗରମ କରିଦେଇଛି। ଭାରତର ପରବର୍ତ୍ତୀ ରାଷ୍ଟ୍ରପତି ନେଇ କଳ୍ପନା ଜଳ୍ପନାର ଗୁଡ଼ି ଉଡୁଥିବା ବେଳେ କ୍ଷମତାସୀନ ଏନଡିଏ ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ତଲାସରେ ଅଛି। ଯାହାଙ୍କ ନିର୍ମଳ, ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ଅନ୍ୟ ଆଞ୍ଚଳିକ ଦଳ ପାଖରୁ ସମର୍ଥନ ଆଣି ପାରିବ ଏହାକୁ ନେଇ ଦଳ ଯେଉଁ ବିଚାର କରୁଛି ତା ଭିତରେ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଓଡ଼ିଶାର ବରିଷ୍ଠ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ନାଁ ଉଠୁଛି। ତାଙ୍କ ବ୍ୟକ୍ତିତ୍ୱ, ଭାବମୂର୍ତ୍ତି, ଅଭିଜ୍ଞତା, ଯୋଗ୍ୟତା ଓ ସରଳତା ସବୁ ଦୃଷ୍ଟିରୁ ସେ ଅନ୍ୟ ଦଳ ମାନଙ୍କର ନିଃସର୍ତ୍ତ ସମର୍ଥନ ପାଇପାରିବେ ବୋଲି ରାଜନୈତିକ ସମୀକ୍ଷକ ମାନଙ୍କ ମତ।

ରାଜନୀତିକୁ ଆସିବା ପୂର୍ବରୁ କିଛି ଦିନ ଶିକ୍ଷକତା କରିଥିଲେ। ଓଡ଼ିଶାରେ ବିଜେଡ଼ି ବିଜେପି ମେଣ୍ଟ ସରକାର ସମୟରେ ବିଜେପିର ବିଧାୟିକା ଭାବେ ଲଢ଼ି ନବୀନ ବାବୁଙ୍କ କ୍ୟାବିନେଟରେ ପରିବହନ ବିଭାଗର ଦାୟିତ୍ୱରେ ଥିଲେ। କୁହାଯାଏ ନବୀନ ବାବୁଙ୍କ ସହ ତାଙ୍କର ସମ୍ପର୍କ ଖୁବ ଭଲ ଏବଂ ଝାଡ଼ଖଣ୍ଡ ରାଜ୍ୟପାଳ ବେଳେ ସେଠାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଓ ଏହାର ସୁପ୍ରିମୋ ଶିବୁ ସୋରେନ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଛି। ବିଜେପିର ଶୀର୍ଷ ନେତୃବୃନ୍ଦ ନରେନ୍ଦ୍ର ମୋଦି, ଅମିତ ଶାହା, ଲାଲକୃଷ୍ଣ ଆଡ଼ଭାନୀ ଓ ଅନେକ ବଡ଼ ବଡ଼ ନେତା ମାନଙ୍କ ସହ ତାଙ୍କ ସମ୍ପର୍କ ଖୁବ ଭଲ। ସେମାନେ ଦ୍ରୌପଦୀ ମୁର୍ମୁଙ୍କୁ ଅତ୍ୟନ୍ତ ସମ୍ମାନ କରନ୍ତି। ଦ୍ରୌପଦୀ ମୁର୍ମୁ ଯଦି ବିଜେପିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୁଅନ୍ତି ତେବେ ବିଜେଡ଼ି ସହିତ ଜେଏମଏମ ମଧ୍ୟ ନିଶ୍ଚିନ୍ତ ସମର୍ଥନ କରିବ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଝାଡ଼ଖଣ୍ଡର ରାଜ୍ୟପାଳ ଦାୟିତ୍ୱରେ ଥିବାବେଳେ ସେ ସମସ୍ତଙ୍କ ସହ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସୁସମ୍ପର୍କ ରଖିଥିଲେ। ତେବେ ଦ୍ରୌପଦୀ ମୁର୍ମୁ ବିଜେପିର ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ଭାରତର ତମାମ ଆଦିବାସୀ ନେତା ମାନଙ୍କ ସମର୍ଥନ ପାଇପାରିବେ ଏହା ସହ ଅନ୍ୟ ଆଞ୍ଚଳିକ ଦଳମାନେ ପ୍ରକାରନ୍ତେରେ ବାଧ୍ୟ ହେବେ ତାଙ୍କୁ ସମର୍ଥନ କରିବା ପାଇଁ। ତୃଣମୂଳ କଂଗ୍ରେସର ବିଜେପି ସହ ଅହି-ନକୁଳ ସମ୍ପର୍କ ଥିବାବେଳେ ତୃଣମୂଳର ସୁପ୍ରିମୋ ମମତା ବାନାର୍ଜୀ ଜଣେ ମହିଳା ହୋଇଥିବାରୁ ସେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ନେଇ ଦୋଛକିରେ ପଡ଼ିଯିବେ ଏବଂ ସମର୍ଥନ ନ ଦେଲେ ତୃଣମୂଳ କଂଗ୍ରେସ ପାଇଁ ଏହା ଘାତକ ସାବ୍ୟସ୍ତ ହେବ।

ସେହିପରି ରାଜନୈତିକ ସମୀକ୍ଷକମାନଙ୍କ ମତ ଯେ ବିଜେପି ତାଙ୍କୁ ପ୍ରାର୍ଥୀ କଲେ ଓଡ଼ିଶା ରାଜନୀତିକୁ ନେଇ ଏକ ବଡ଼ ଗେମ ପ୍ଲାନ କରିବ। ଆସନ୍ତା ୨୦୨୪ ଓଡ଼ିଶା ରାଜନୀତିକୁ ଏହି ଘଟଣା ବଡ଼ ରାଜନୈତିକ ଘଟଣା ବହୁଳ ହେବ। କାରଣ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରି ଓଡ଼ିଶାବାସୀଙ୍କ ମନ ଜିଣିବାରେ ବିଜେପି ସମର୍ଥ ହେବ। ଓଡ଼ିଶାରେ ବିଜେପିର କାୟା ଦିନକୁ ଦିନ ବଢୁଛି। କଂଗ୍ରେସକୁ ହଟାଇ ଦ୍ୱିତୀୟ ଦଳ ଭାବେ ବିରୋଧୀ ଦଳର ମର୍ଯ୍ୟାଦା ପାଇଛି ତେବେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ବିଜେପି ପାଇଁ ଏକ ବଡ଼ ଭୋଟବ୍ୟାଙ୍କ ସୃଷ୍ଟି କରିବ। ଏହାବି ହୋଇପାରେ ବିଜେପି ଶାସନ ଗାଦିକୁ ଆସିପାରେ କିମ୍ବା ବିଜେଡ଼ି ସହ ଏକ ଗଠବନ୍ଧନ ମଧ୍ୟ କରିପାରେ। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ବସିବାରେ ସେ ହେବେ ପ୍ରଥମ ଓଡ଼ିଆ ଓ ଭାରତର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି। ରାଷ୍ଟ୍ରପତି ପ୍ରାର୍ଥୀ ରେସରେ ଦ୍ରୌପଦୀଙ୍କ ନାଁ ଚର୍ଚ୍ଚାକୁ ଉଠିବା ବେଳେ କେବଳ ମୟୂରଭଞ୍ଜବାସୀ ନୁହଁନ୍ତି ଓଡ଼ିଶା ସହ ଝାଡ଼ଖଣ୍ଡବାସୀଙ୍କ ଭିତରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଛି। ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ସେ ଏଠାରେ ଥିବା ପ୍ରବାସୀ ଓଡ଼ିଆଙ୍କ ମନ ଜିଣିଥିଲେ। କୁହାଯାଏ ରାଜନୀତି କ୍ରିକେଟ ଓ ପାଣିପାଗକୁ ନେଇ କିଛି ଆଗୁଆ କୁହାଯାଇପାରେନା। ତେବେ ଜଣେ ଓଡ଼ିଆ ଭାବେ ଦ୍ରୌପଦୀ ମୁର୍ମୁଙ୍କ ଆଦିବାସୀ ପ୍ରାର୍ଥୀତ୍ୱକୁ ନେଇ କୋଟି କୋଟି ଓଡ଼ିଶାବାସୀଙ୍କ ସହ ଏହି ଲେଖକ ମଧ୍ୟ ଗର୍ବିତ।


♥ ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

ମୋ: ୭୪୮୮୯୯୮୫୩୨


## ବାଲେଶ୍ୱରବାସୀଙ୍କ ପାଇଁ ଭଲ ଖବର



**ସୁବ୍ରତ କର**

ଗତ ମାସେ ମଧ୍ୟରେ ବାଲେଶ୍ୱର ବାସିଙ୍କ ପାଇଁ ବେଶ୍ କିଛି ଭଲ ଖବର ଅଛି । ବହୁଦିନ ବାଲେଶ୍ୱର ସରକାରଙ୍କ ଦୃଷ୍ଟିକୁ ଆସୁ ନଥିଲା ବା ଆମର ନିର୍ବାଚିତ ଜନ ପ୍ରତିନିଧିମାନେ ସରକାରଙ୍କ ପାଖରେ ବାଲେଶ୍ୱରର ଉନ୍ନତି ପାଇଁ ଠିକ୍ ଭାବରେ ଖସଡ଼ା ପ୍ରସ୍ତୁତ କରି ଥୋଇ ପାରୁନଥିଲେ । ଯାହା ହେଉ ନା କାହିଁକି ଗତ ମାସକ ମଧ୍ୟରେ ଗୋଟିଏ ପ୍ରକଳ୍ପ ଆସିବାର ସମ୍ଭାବନା ଦେଖା ଦେଇଛି । କିଛିଦିନ ତଳେ ରେମୁଣାଠାରେ ଏକ ନୋଟ ଛାପାଖାନା କାରଖାନା ପାଇଁ ସରକାରୀ ସ୍ତରରେ ଥିବା ଅଧିକାରୀ ମାନେ ଆସି ବୁଲିଗଲେ । ତାଙ୍କ ସହିତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କଠୁ ଆରମ୍ଭ କରି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଥିଲେ । ଦରକାର ହେଉଥିବା ପାଖାପାଖି ୧୦୦ ଏକର ଜାଗା ଯୋଗାଇ ଦେବେ ବୋଲି ଜିଲ୍ଲା ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି । ବହୁଦିନ ପରେ ଏକ ନୂଆ କାରଖାନା ବଡ଼ ଧରଣର ଆସିବାର ସମ୍ଭାବନା ଦେଖାଦେଇଛି । କିନ୍ତୁ କେବେ ଫଳପ୍ରଦ ହେବ କେହି କହି ପାରିବେ ନାହିଁ । ତେବେ ବାଲେଶ୍ୱର ବାସିଙ୍କ ଅନୁରୋଧ ଏହାକୁ ହାତଛଡ଼ା କରିବା ଠିକ୍ ହେବ ନାହିଁ ।

ଦ୍ୱିତୀୟଟି ହେଲା ସ୍ୱାସ୍ଥ୍ୟସେବା ପାଇଁ ଗତ ମାସେ ମଧ୍ୟରେ ଏମସ୍‌ର ସେଟେଲାଇଟ୍ ଡାକ୍ତରଖାନା କାର୍ଯ୍ୟକାରୀ ହେବା । ଏବେ ଏହା ସପ୍ତାହରେ ଥରେ (ପ୍ରତି ଶନିବାର) ବଦଳରେ ୨ଥର ହେବା ପାଇଁ ସ୍ଥିରକୃତ ହୋଇଛି ଏବଂ ପ୍ରତି ଶୁକ୍ରବାର ଏବଂ ଶନିବାର ବର୍ହିବିଭାଗରେ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ପାରିବେ ଏବଂ କେଉଁ ଦିନ କେଉଁ କେଉଁ ଡାକ୍ତରମାନେ ଆସିବେ ତାହା ମଧ୍ୟ ଆଗରୁ ସମସ୍ତଙ୍କୁ ଖବରକାଗଜ ମାଧ୍ୟମରେ ଜଣାଇ ଦିଆ ହେଉଛି । ଧିରେ ଧିରେ ଏହା ଆହୁରି ମଜବୁତ୍ ହେବ ଏବଂ ବାଲେଶ୍ୱର ବାସିମାନେ ଭଲ ଭଲ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହୋଇ ପାରିବେ । ଦୁଃଖର କଥା ହେଲା ଏ ପର୍ଯ୍ୟନ୍ତ ଏହି ଡାକ୍ତରଖାନାର କର୍ତ୍ତୃପକ୍ଷମାନେ ଜିଲ୍ଲା ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ୍‌ଚାପ୍ ବସି ନରହି ନିଜଆଡୁ ଆଗଭର ହୋଇ ଏହା କଥା ବୁଝିବା ଦରକାର କାରଣ ଦୁଇପଟ ବାଲେଶ୍ୱର ଲୋକଙ୍କ ଭଲପାଇଁ କାମ କରୁଛନ୍ତି ।

ଏବେ ଏବେ ବାଲେଶ୍ୱର ରେଳ ଷ୍ଟେସନର ନୂଆ କଳେବର ହେବାକୁ ଯାଉଛି । ଡି.ଆର.ଏମ ଖଡ଼ଗପୁରରୁ ଦୁଇଥର ଆସି ବାଲେଶ୍ୱର ଜନପ୍ରତିନିଧି ମାନଙ୍କୁ ଭେଟି ବାର୍ତ୍ତାଳାପ କରିବା କମ୍ କଥା ନୁହଁ । ନିର୍ଜାସରେ ବହୁତ କିଛି ପ୍ରସ୍ତାବ ଆମର ଜିଲ୍ଲା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ତତ୍‌ପର ଥିଲେ ଏବଂ ଦେଇଥିଲେ । କେଉଁ କେଉଁ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିବ ବା ସମ୍ଭବ ହେବ ସେ ଏକମାତ୍ର ସମୟ କହିପାରିବ । ପୂର୍ବରୁ ଏଭଳି ବହୁତ ସାକ୍ଷାତ୍‌କାର ହୋଇଛି କିନ୍ତୁ ଏପର୍ଯ୍ୟନ୍ତ ସେଭଳି ଫଳ ବାଲେଶ୍ୱର ରେଳ ଷ୍ଟେସନ ପାଇପାରି ନାହିଁ । ଆଶା କରିବାରେ ଭୁଲ କେଉଁଠି ?

ଚତୁର୍ଥ ପ୍ରସ୍ତାବ ହେଲା ରାସଗୋବିନ୍ଦପୁର ଠାରେ ପୂର୍ବରୁ ଏକ ଏରୋଡ୍ରାମ୍ ଥିଲା । ଏବେ କାର୍ଯ୍ୟକ୍ଷମ ନୁହଁ । କିନ୍ତୁ ଯାହା ଖବର ଅଛି ହୁଏତ ଏହି ଏଆରପୋର୍ଟଟିକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଭାରତ ସରକାର ପଦକ୍ଷେପ ନେବାପାଇଁ ସ୍ଥିର କରିଛନ୍ତି । ହେଲେ ବାଲେଶ୍ୱରବାସି ଭୁବନେଶ୍ୱର ଏବଂ କଲିକତାକୁ ପ୍ଲେନ୍‌ରେ ଯିବାଆସିବା ସୁବିଧା ପାଇପାରିବେ ।




## ମାଆ ସେ ସ୍ନେହର ଗଙ୍ଗା



**ଜୟଶ୍ରୀ ପଟ୍ଟନାୟକ**

ମାଆ ନାମୁ ଝରେ ଅମୃତର ଝର  
ପରଶରେ ସ୍ନେହ ଗଙ୍ଗା  
ତା ପଣତ କାନି ଆଶ୍ରୟର ଛାଇ  
ହସ ଅଟେ ପ୍ରେମ ଗଙ୍ଗା ।  
ଜହ୍ନମାମୁଁ ଗୀତ ଶୁଣାଇ ଯିଏ ସେ  
ଭାତକୁ ଦିଏ ଖୁଆଇ  
ଶିକ୍ଷୟତ୍ରୀ ହୋଇ ପୁଣି ସିଏ ଆମ  
ମାତୃଭାଷା ଦିଏ ଜିହ୍ୱାଇ  
ଶିକ୍ଷା, ଶାସନ, ସଣ୍ଣା ଶିଖାଇ  
ଜୀବନ କରିଛି ରଙ୍ଗା ।  
ସିଏ ରାମାୟଣ , ମହାଭାରତ ବି  
ଭାଗବତ ଟୁଙ୍ଗୀ ସିଏ  
ସିଏ ବେଦ ପବିତ୍ର ଗ୍ରନ୍ଥର ବାଣୀ ସେ  
ଘର ଡାକ୍ତରାଣୀ ଟିଏ  
ଦୁଃଖ, ଲୁହ, ଶୋକ ବେଳେ ତା ସାନ୍ତ୍ୱନା  
ଲାଗଇ ଚନ୍ଦନ ଲଗା ।  
ତା ପଣତ ପୋଛେ ସ୍ୱେଦ, ଲୁହ, ରକ୍ତ  
ଶୁଣେ ବି ଅଳି ଅଝଟ  
ଭୋକ ଲାଗୁଥିଲେ ପେଟକୁ ଚିହ୍ନଇ  
ଡେରି ନ କରି ଝଅଟ  
ସେଇ ମୋର ଦେବୀ, ଚଳନ୍ତି ପ୍ରତିମା  
ତା କଥାଟି ପ୍ରୀତିଲଗା ।  
ତା ପ୍ରେରଣା ମୋତେ ଦିଏ ପରିଚିତି  
ଯେବେ ଦୁନିଆ ଦେଖିଲି  
ଯଶ, ମାନ, ଗୁଣ ସବୁ ତାର ଦାନ  
ମୁଁ ତାର ସନ୍ତାନ ବୋଲି  
ସେଇ ମୋର ତୂଳୀ, ଶବ୍ଦ ରୂପାୟନ  
କୂଳର ଆହୁଲା ଡଙ୍ଗା ।


♥ ଗଙ୍ଗନଗର, ଭୁବନେଶ୍ୱର

ମୋ: ୭୯୭୮୧୧୦୪୭୪


## ମାଆ

**ବିନୟ କୁମାର ସାମଲ**



'ମାଆ'  
ସଂସାରର ପ୍ରତ୍ୟେକ ମଣିଷ ପାଇଁ  
ସୁନ୍ଦର, ମଧୁମୟ ଶବ୍ଦଟିଏ 'ମାଆ',  
ତପ, ତ୍ୟାଗ, ସମର୍ପଣର ଜୀବନ୍ତ ପ୍ରତିମାଟିଏ,  
ସିଏ ଫୁଲଠୁ କୋମଳ, ପୁଣି ଜହ୍ନଠୁ ଶୀତଳ,  
ମହୁଠାରୁ ଆହୁରି ମଧୁର ଶବ୍ଦ 'ମାଆ'।  
'ମାଆ'  
ଯିଏ ଦଶମାସ ଦଶଦିନ ଧରି,  
ମିଠା ଯନ୍ତ୍ରଣାକୁ ଆଲିଙ୍ଗନ କରି,  
ସୁରକ୍ଷିତ ଗର୍ଭକୁ ଧାରଣ କରେ,  
ଅସହ୍ୟ ଗର୍ଭ ବେଦନା ସହି,  
ଏ ସୁନ୍ଦର ସୃଷ୍ଟିକୁ ପୃଥିବୀକୁ ଆଣିଥାଏ।  
'ମାଆ'  
ଶୈଶବର ଅଝଟ, ଅଳି ଅର୍ଦ୍ଦଳି ପାଇଁ ସମର୍ପିତା,  
ତା' ଥନରୁ ଅମୃତ ପରାୟେ ଦୁଗ୍ଧ ପାନ କରାଏ,  
ନିଜେ ନ ଖାଇ ସନ୍ତାନକୁ ବଳେଇ ବଳେଇ ଖୁଆଏ,  
ପୁଣି ସନ୍ତାନର ଖୁସି ପାଇଁ ସେ କେତେବେଳେ,  
ଜହ୍ନ ମାମୁଁକୁ ହାତଠାରି ଡାକେ, ବାଇଆକୁ ବି ।  
'ମାଆ'  
କାହାର ନଜର ପଡ଼ିଯିବା ଆଶଙ୍କାରେ,  
ଛୁଆ ମଥାରେ ଲଗାଇଦିଏ କଜଳଟୀକା,  
ତା' ହାତରେ ବାନ୍ଧିଦିଏ ଡେଉଁରିଆ,  
ତା' ମଳମୂତ୍ର ସଫାକରେ ନିର୍ବିକାର ଭାବରେ,  
ନିଜର ଆୟୁଷକୁ ସମର୍ପି ଦିଏ ସନ୍ତାନ ପାଇଁ।  
'ମାଆ'  
ତା' କୋଳ ସ୍ନେହ ମମତାର ଗନ୍ତାଘର,  
ତା' ନିଷ୍ଠା, ସାଧନେ ଭଙ୍ଗାଘର ବି ପାଲଟେ ମନ୍ଦିର,  
ତା' ସ୍ପର୍ଶରେ ପାଣି ବି ହୁଏ ଗଙ୍ଗାଜଳ,  
ତା' ପଣତ ଶ୍ରୀମନ୍ଦିରର ନେତଠାରୁ ବି କମ୍ ନୁହେଁ,  
ତା' ଆଶିଷରୁ ଜୀବନ ହୁଏ ପୁଲକିତ, ମଧୁମୟ।  
'ମାଆ'  
ଖାଲି ଶବ୍ଦଟିଏ ନୁହେଁ, ସେ ଏକ ଦିବ୍ୟ ଅନୁଭବ,  
ପ୍ରାଣର ପୁଲକ, ସ୍ପନ୍ଦନ, ମମତାର ନିର୍ଝରିଣୀ,  
ଆଉ ନିଛକ ଭଲ ପାଇବାର ସର୍ବଶ୍ରେଷ୍ଠ ନିଦର୍ଶନ,  
ଏଇ ଯେମିତି 'ମା'ରୁ ମାଟି 'ଆ'ରୁ ଆକାଶ,  
ସେ ମାଟି ପରି ସର୍ବସଂହା, ଆକାଶ ପରି ବିଶାଳ ହୃଦୟ।  
'ମାଆ'  
ସେ ଅବର୍ଣ୍ଣନୀୟ, ଅକଳ୍ପନୀୟ, ତା'ର ବିକଳ୍ପ ନାହିଁ,  
'ମାଆ' ତ କେବଳ ଏକ ଶବ୍ଦ ନୁହେଁ, ମନ୍ତ୍ରଟିଏ,  
ଯେଉଁ ମନ୍ତ୍ରର ଶକ୍ତି ସବୁଠୁ ଉର୍ଦ୍ଧ୍ୱରେ,  
ଉନ୍ମାଦନା, ଶିହରଣ, ସମ୍ବୋଧନର ସୂତ୍ରଟିଏ,  
ଯଥାର୍ଥରେ, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ'।


♥ ଅବସର ପ୍ରାପ୍ତ ଶିକ୍ଷକ

ଗ୍ରାମ/ପୋ-ବେଡାପଡ଼ା

ଜିଲ୍ଲା-ଢେଙ୍କାନାଳ-୭୫୯୦୧୯

ଦୂରଭାଷ-୯୩୩୭୨୪୯୦୬୮


## ଶ୍ରମିକ

**ଅଶୋକ କୁମାର ପ୍ରଧାନ**



କି ଖରା ବରଷା ଶୀତ କାକରକୁ  
ଡରି ନାହୁଁ ତିଳେ ଆମେ  
ରାସ୍ତାଘାଟ କୋଠା ବାଡି ନଈ ନାଳେ  
ଲାଗିଥାଉ ଆମେ କାମେ।

ଆମେ ମାନୁନାହୁ ସୁରୁଜର ତେଜ  
ଉହ ଉହ ଟାଣ ଖରା  
ଡରାଇ ପାରିନି ଆମକୁ ତିଳେ ବି  
ଶିରାବଣ ବାରି ଧାରା।

ମୁଣ୍ଡ ଝାଳ ଆମ ତୁଣ୍ଡେ ସିନା ପଶେ  
ହେଲେ ପୁରେ ନାହିଁ ପେଟ  
ନିତି ନିତି ଆମେ କରୁସିନା କାମ  
ହେଲେ ମିଳେ ଦୁଃଖ ଭେଟ।

ଆମ ପିଲାମାନେ ଅଭାବ ଭିତରେ  
କରୁଥାନ୍ତି ସିନା ଗତି  
ଶିକ୍ଷା ସ୍ୱାସ୍ଥ୍ୟ ସବୁ ଆମ ପାଖେ ଫେଲ  
ଭୀରୁ ନୁହଁ ଆମ ମତି।

ସବଠି ଆମେ ତ ହେଉଛୁ ଶୋଷଣ  
ହେଲେ ପାରୁନାହୁଁ କହି  
ତଥାପି ଦୁଃଖର ଗଣ୍ଠୁଲି ଧରିକି  
ରହୁଅଛୁ କଷ୍ଟ ସହି।

ଶୁଣୁଛୁ ପିଲାଠୁ କଷ୍ଟ କଲେ କୃଷ୍ଣ  
ପାଖରେ ମିଳଇ ଭାଇ  
ହେଲେ ଆମ ପାଖେ କଷ୍ଟ କଲେ ଦୁଃଖ  
ମିଳିଯାଏ କାହିଁ ପାଇଁ।

ସବୁ ପରିଭାଷା ଆମଠି ହାରିଛି  
ହେଲେ ହାରି ନାହୁଁ ଆମେ  
ଶ୍ରମିକ ଆମେରେ ଲାଗୁଛୁ ଲାଗିବୁ  
ଦେଶ ନିରିମାଣ କାମେ।


♥ ଶିକ୍ଷକ

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ

ରୋହିଗାଁ, ଗଞ୍ଜାମ

ମୋ-୮୨୪୯୧୧୯୧୩୦

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ୦୯ ମଇ ୨୦୨୨


# ଠାକୁର ତୁମେ କାହାର ?







ଡମ୍ବରୁଧର ବେହେରା

+ଶିକ୍ଷକ
ନବୋଦୟ ବିଦ୍ୟାଳୟ


ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ସମାନ। ସମସ୍ତେ ତାଙ୍କରି ସନ୍ତାନ ବୋଲି କୁହାଯାଏ। ହେଲେ ଏ ଉଚ୍ଚନୀଚ କଳୁଷିତ ପ୍ରଥା ମଣିଷ କାହିଁକି ସୃଷ୍ଟି କରିଛି...? ଜାବୁଡ଼ି ଧରିଛି, ତାହା ବୁଝି ହୁଏନା କି କାହାରିକୁ ବୁଝାଇ ହୁଏ ନାହିଁ।ବିନୟର ବୟସ ମାତ୍ର ଚାରି ବର୍ଷ ହେବ ।ଦେଖିବାକୁ ଗୋଲଗାଲ, ଟିକେ ଚଗଲା ତଥା ଚଞ୍ଚଳ ମନା।

ଜନ୍ମଦିନରେ ବାପାଙ୍କ ସହ ସେ ଯାଇଥିଲା ନିଜ ଗାଁ ମୁଣ୍ଡରେ ଥିବା ଶିବ ମନ୍ଦିର ଠାକୁରଙ୍କୁ ମୁଣ୍ଡିଆ ମାରିବ ଜନ୍ମ ଦିନରେ ଆଶୀର୍ବାଦ ନେଇ ଘରକୁ ଫେରି ଆସିବ। ସେ ବା କଣ ଜାଣନ୍ତି...? ଜାତି କଣ ..? ଦୁନିଆର ଦୃଷ୍ଟିକୋଣ କିପରି ପରମ୍ପରା ଗତ ? ରୁଢ଼ିବାଦ ରେ ଆବଦ୍ଧ ?ସେ କେବଳ ଜାଣେ ମଣିଷ ଗୋଟିଏ। ଯାହାଠାରେ ରହିଛି ବୁଦ୍ଧି, ବିବେକ, ଜ୍ଞାନ, ଗାରିମା, ଚିନ୍ତା କରିବାର ଶକ୍ତି ତଥା ସାମର୍ଥ୍ୟ। ମଣିଷ ମାତ୍ରକେ ସମାନ। ସମସ୍ତେ ଈଶ୍ୱରଙ୍କ ସନ୍ତାନ। ଏଥିପାଇଁ ଅତିବଡ଼ି ଜଗନ୍ନାଥ ଦାସ ତାଙ୍କ ଦ୍ୱାରା ରଚିତ ଭାଗବତରେ ବର୍ଣ୍ଣନା କରି ଲେଖିଥିଲେ -

‘ମଣିଷ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ।‘

ଈଶ୍ୱର ସମସ୍ତଙ୍କର। ସମସ୍ତେ ଈଶ୍ୱରଙ୍କ। ଈଶ୍ୱର ଏକାଧାରାରେ ହେଉଛନ୍ତି ସୃଷ୍ଟି କର୍ତ୍ତା,ଲାଳନ କର୍ତ୍ତା ତଥା ସଂହାର କର୍ତ୍ତା। ଆଉ ସେହି ଈଶ୍ୱରଙ୍କ ବିନା ଇସାରରେ ଚାଲେ ନାହିଁ ଏ ସାରା ଜଗତ। କିଏ ଜାଣିଥାଏ ତାହାରି ଏହି ଭାବାବେଗ ନଥାଇ ପାରେ ସମସ୍ତଙ୍କ ହୃଦୟରେ ଆଜିର ଏହି ଅତ୍ୟାଧୁନିକ ବୈଜ୍ଞାନିକ ଉଚ୍ଚ ଶିକ୍ଷିତ ସମାଜରେ ? କେବଳ ତାହାର ଗୋଟିଏ ଭୁଲ ଥିଲା ଯେ ସେ ଯେଉଁ ଘରେ ଜନ୍ମ ନେଇଛନ୍ତି, ତା ’ ବାପା ହେଉଛନ୍ତି ଜଣେ ଦଳିତ ସମାଜର ବ୍ୟକ୍ତି।

ସେଥିପାଇଁ ତ ବିନୟର ବାପା ବାହାରେ ଛିଡ଼ା ହୋଇ ହାତ ଯୋଡ଼ି ଭଗବାନଙ୍କ ଠାରେ ନିଜ ଛୁଆର ଜନ୍ମ ଦିନରେ ପୁଅର ଶୁଭ ମନାସି ଜୁହାର କରି ଗୁଆରି ଜଣାଉଥିଲା। ହେ ! ପ୍ରଭୁ ମୋ’ ଛୁଆର ଭବିଷ୍ୟତ ଜୀବନ ସୁଖ, ସମୃଦ୍ଧି, ଧନଧାନ୍ୟ, ବିଦ୍ୟା ତଥା ଜ୍ଞାନରେ ଭରି ଯାଉ। ହେଲେ ଈଶ୍ୱରଙ୍କ ଇଚ୍ଛା ଥିଲା ଅନ୍ୟ ପ୍ରକାର। ପୁଅ ବିନୟର ଶୁଭ ଜନ୍ମ ଦିନରେ ଘଟିଗଲା ଦୁଃଖ ଦୁର୍ଦ୍ଦଶାର କଳା ବାଦଲ। କେବଳ ଟିକିଏ ଭୁଲ ପାଇଁ.....।

ବାପା, ବୈରାଗୀ ମନ୍ଦିର ବେଢା ବାହାରେ ଆଖିବୁଜି ପୂଜା କରୁଥିବାବେଳେ ନିରିହ ପୁଅ (ବିନୟ) ଖୁସିରେ କୌତୁହଳ ବଶତଃ ମନ୍ଦିର ଭିତରୁ ଯାଇ ଦେଖି ଆସିଥିଲା ତାକୁ ସୃଷ୍ଟି କରିଥିବା ସେହି ସୃଷ୍ଟିକର୍ତ୍ତାଙ୍କୁ। ବାସ୍... ଏତିକି ଥିଲା ତାର ଭୁଲ। ଏଥିଲାଗି କାଳେ ମାରା ହେଇଗଲେ ଠାକୁର। ଏଥିପାଇଁ ଗ୍ରାମବାସୀମାନେ ମିଳିମିଶି ପିଲାଟିର ପରିବାରକୁ ଏମିତି ଦଣ୍ଡ ଦେଲେ ଯେ ଜାଣିଲେ ଆପଣଙ୍କ ମନ ବି ବିଦ୍ରୋହ କରି ଉଠିବ।

ବିନୟର ଜନ୍ମ ଏହି ଅନ୍ଧ ବିଶ୍ୱାସ, କୁସଂସ୍କାର, ନୀଚ ମନା , ଅଳପ ଆୟୁଷା , ନିପଟ ମଫସଲ ଗାଆଁ ମିଆଁପୁର ଗାଁରେ।

ଏଠାରେ ଉଚ୍ଚନିଚର ଭେଦଭାବ ଏତେ ଅଛି ଯେ ଦଳିତ ବର୍ଗ ଲୋକଙ୍କୁ ମନ୍ଦିର ଯିବା ମନା। ଏଥିପାଇଁ ଏହି ବର୍ଗର ଲୋକେ ମନ୍ଦିର ବାହାରୁ ଜୁହାର ହେଇ ଯାଆନ୍ତି। ଏଣୁ ବିନୟର ବାପା

ତା ’କୁ ତା ’ ଜନ୍ମଦିନରେ ନେଇ ଯାଇଥିଲା ଗାଁ ନିକଟରେ ଥିବା ମନ୍ଦିରକୁ ।

ସବୁଦିନ ପରି ସେ ମନ୍ଦିର ବାହାରୁ ଥାଇ ଠାକୁରଙ୍କୁ ଜୁହାର ହେଉଥିବା ବେଳେ ତାଙ୍କର ଦୁଇ ବର୍ଷର ପୁଅଟି ହଠାତ ମନ୍ଦିର ଭିତରେ ପଶି ଠାକୁରଙ୍କ ପାଖକୁ ଦୌଉଡ଼ି ଯାଇଥିଲା। ଭଗବାନଙ୍କୁ ପାର୍ଥନା କରି ସଙ୍ଗେ ସଙ୍ଗେ ବାପାଙ୍କ ପାଖକୁ ଫେରି ଆସିଥିଲା। ଏହାପରେ ଆରମ୍ଭ ହେଇଗଲା କନ୍ଦଳ।

ଦଳିତ ପିଲା ହେଇ କାହିଁକି ସେ ଠାକୁରଙ୍କ ଦର୍ଶନ କଲା ?

‘ତାକୁ ସେ ଅଧିକାର କିଏ ଦେଲା ? ଇତ୍ୟାଦି... ଇତ୍ୟାଦି...।’

ଏହାକୁ ନେଇ ଗ୍ରାମର ବଡ଼ବଡୁଆମାନେ ଏକାଠି ହୋଇ ଗାଁ ’ ଆଖଡ଼ା ଘରେ ସଭା ବସେଇ ଦଳିତ ପରିବାରକୁ ଏକାଥରକେ ପଚିଶ ହଜାର ଟଙ୍କାର ଜରିମାନା ଲଗାଇଲେ। ପିଲାଟି ମନ୍ଦିର ଭିତରେ ପଶିଗଲା ବୋଲି ଠାକୁରୁ ଅଶୁଦ୍ଧ ହୋଇଗଲେ ବୋଲି ପଣ୍ଡିତମାନେ (ପୂଜାରୀ) କହିଲେ। ସେମାନଙ୍କ କଥା ଅନୁଯାୟୀ ଗାଁର ଭଦ୍ରବ୍ୟକ୍ତି କହିଲେ, ଜରିମାନା ଟଙ୍କା ଦେଲେ ମନ୍ଦିର ପରିସରକୁ ଶୁଦ୍ଧ କରାଯିବ ବୋଲି ହୁକୁମ ଦେଲେ।

ବିଚାରା ବୈରାଗୀ ମୁଣ୍ଡକୁ ଆଉଁସି ହୋଇ କାନ ମୋଡ଼ି ଜୀବନ ସାରା ରିକ୍ସା ଚଳାଇ ମୁଣ୍ଡର ଝାଳ ତୁଣ୍ଡରେ ମାରି ରୋଜଗାର କରି ସଞ୍ଚୟ କରି ରଖିଥିବା ଧନକୁ ଆଣି ଆଖିର ଲୁହ ଝରାଇ କାକୁତି,ମିନତି ହୋଇ ଗୋଡ଼ ହାତ ଧରି ସମର୍ପି ଦେଲେ ଗାଁ ‘ବାଲାଙ୍କ ହାତରେ। କାରଣ ନ ହେଲେ ତାଙ୍କୁ ଗାଁରୁ ବାସନ୍ଦ ହେବାକୁ ପଡି ଥାଆନ୍ତା। ନତୁବା ଏକ ଘରୁଆ ହୋଇ ନିଆଁ,ପାଣି,କଥାବାର୍ତ୍ତା ସବୁଥିରୁ ବଞ୍ଚିତ ହେବାକୁ ହୁଅନ୍ତା। ଗାଁ ’ ରେ ରହି ଆସିଥିବା କୌଣସି ଲୋକେ ତାଙ୍କ ସହିତ କଥା ବାର୍ତ୍ତା ହେବା ତ ଦୂରର କଥା ; କେହି ମୁହଁକୁ ମଧ ଚାହିଁ ନ ଥାଆନ୍ତେ....।

ଏକଘରିକିଆ ହୋଇ ରହିବାକୁ ହୁଅନ୍ତା ତା’ଙ୍କୁ।

ଏତିକିରେ କଥା ସରି ନ ଥିଲା । କି ସେହି ଗାଁ’ ର କୌଣସି ବ୍ୟକ୍ତି ପୋଲିସରେ ମଧ ଅଭିଯୋଗ କରି ନ ଥିଲେ। ହେଲେ ଏ ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଜାଣିବା ପରେ ପୁଲିସ, ରାଜସ୍ୱ ଏବଂ ସାମାଜିକ କଲ୍ୟାଣ ବିଭାଗର ଅଧିକାରୀଙ୍କୁ ଉକ୍ତ ଗାଁକୁ ପଠାଯାଇଥିଲା। ବିଭାଗୀୟ କର୍ମୀମାନେ ଗାଁରେ ପହଞ୍ଚି ଘଟଣା ବିଷୟରେ ବୁଝାସୁଝା କରିବା ସହିତ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ଆଉ ଏଭଳି ଘଟଣାର ପୁନରାବୃତ୍ତି ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଚେତାବନୀ ଦେଇ ଫେରିଥିଲେ ଜିଲ୍ଲା ପ୍ରଶାସନ।

ତେବେ ଏଠି ପ୍ରଶ୍ନ ଉଠୁଛି, ବିଶ୍ୱ ନିଅନ୍ତା ତାଙ୍କ ସୃଷ୍ଟିରେ ଏଇ ସୁନ୍ଦର ଜୀବଜଗତ ସୃଷ୍ଟି କରିଛନ୍ତି। ଏହି ବିଶାଳ ଜୀବଜଗତରେ ଭଳିକି ଭଳି ଗଛଲତା, ଭଳିକି ଭଳି ଜୀବଜନ୍ତୁ ବି ଅଛନ୍ତି। ଆଉ ମଣିଷ ଏଠି ସବୁଠାରୁ ଶ୍ରେଷ୍ଠ ସୃଷ୍ଟି ବୋଲି ନିଜକୁ ନିଜେ ଗର୍ବ ଅନୁଭବ କରି ଛାତିରେ ହାତ ରଖି ଜୋରଦେଇ କହୁଛି, ମଣିଷ ଜୀବନ ଦୁର୍ଲ୍ଲଭ ଜୀବନ। ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ। ଯଦି ଭଗବାନ ମଣିଷ ଭିତରେ କୌଣସି ଭେଦଭାବ କରି ନାହାଁନ୍ତି, ତେବେ ମଣିଷକୁ ଏ ଅଧିକାର ଦେଲା କିଏ ?

ଦଳିତ ପରିବାରର କୁନି ପିଲାଟି ମନ୍ଦିର ଭିତରେ ପଶିଗଲା ବୋଲି ମାରା ହେଇଗଲେ ପ୍ରଭୁ... ?

ହେ ! ମଣିଷ ଗଣ ଦିମାକର ବତି ଜଳାନ୍ତୁ। ଭଗବାନ ନାମକ ଜନ୍ମଗତ ସୈତାନ ସ୍ୱାର୍ଥନ୍ୱେଷୀ ମଣିଷ ମାନଙ୍କ କଳ୍ପନା ପ୍ରସୁତ ଅଟେ।

ଯେଉଁ ଦିନମଠ, ମନ୍ଦିର, ମସଜିଦ, ଚର୍ଚ୍ଚ ତଥା ଗିରିଜା ଘର ଆଦିରେ ଏବଂ ମଣିଷ ନିର୍ମିତ ତଥାକଥିତ ଭଗବାନଙ୍କ ସମ୍ମୁଖରେ ଭୋଗ ଲଗେଇବା ଓ ଦାନ ଦକ୍ଷିଣା ଦେବା ବନ୍ଦ ହୋଇଯିବ , ସେଦିନ ଯେ।

ଏହି ପୂଜାରୀ,ପୁରୋହିତ, ମୌଲବି ତଥା ପାଦ୍ରୀ ମାନେ ଏହି ଭଗବାନ ମାନଙ୍କ ମୂର୍ତ୍ତି ଗୁଡ଼ିକୁ ବାହାରକୁ ବାହାର କରିଦେଇ ଅବିଳମ୍ବେ ନିଜର ଅନ୍ୟ କୌଣସି କାମଧନ୍ଦା ଆରମ୍ଭ କରିଦେବେ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ହେ ; ଈଶ୍ୱର ଆପଣ କହିବା ହୁଅନ୍ତୁ । ସେଦିନର ଲକ୍ଷ୍ମୀ ଆପଣଙ୍କ ଠାରେ ଭୋଗ ଲାଗିଥିବା କଦଳୀ ଖାଇଦେଇଥିଲା ବୋଲି ତା’କୁ ଗଭୀର ପାଣି ଥିବା ପୋଖରୀ ମଧରେ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା। ଆଉ ସୀତା ଦେବୀଙ୍କ ଭଳି ଶେଷରେ ।

ହେ ! ବସୁଧା ମୋତେ ଗ୍ରହଣ କର କହି ଜ୍ୱରରେ ପୀଡ଼ିତ ହୋଇ ବାଧ ହୋଇ ଇହଧାମ ଛାଡ଼ିବାକୁ ପଡ଼ିଥିଲା। ଲୋକଙ୍କ ନିନ୍ଦା , ଅପବାଦ, ଅପମାନକୁ ସହ କରି ନ ପାରି କିମ୍ବା ମୃତ୍ୟୁ ଲୋକରେ ଶୁଣିବାକୁ। ଯେପରି ଆଜି ବିଚାରା ବିନୟ ବାପା ବୈରାଗୀ ବାବୁଙ୍କ ଅବସ୍ଥା ଭଳି ନୁହଁ ତ ଆଉ କଣ ହୋଇପାରେ ... ?

‘ ହେ ! ଠାକୁରେ, ତୁମ୍ଭେ କୁହ ପ୍ରଭୁ,ତୁମ୍ଭ ନିଜ ତୁଣ୍ଡରେ........

ଠାକୁର ତୁମେ କାହାର..... ? ତୁମେ କାହାର....।

# ବୁଢ଼ୀ ମାଉସୀ ଓ ଫଳ ବେପାରୀ




ଅଧ୍ୟାପକ ଶରତ କୁମାର ଦାସ


ରତନପୁର ବୋଲି ଛୋଟ ଗାଁ ଟିଏ । ଗାଆଁକୁ ଲାଗି ଛୋଟ ବଜାରଟିଏ। ବଜାର କହିଲେ କେତୋଟି ଦୋକାନ । ଜଣେ ଲୋକ ସାଧାରଣ ଭାବରେ ଚଳିବାକୁ ଯାହା ଦରକାର ସେହି ବଜାରରେ ମିଳିଥାଏ । ଡାଲି, ଚାଉଳ, ମୁଗ, ବିରି, ଫଳ, ପନିପରିବା, ମାଛ, ଶୁଖୁଆ ଇତ୍ୟାଦି । ସପ୍ତାହକୁ ଥରେ ହାଟ ବସେ । ପାଖ ଗାଁଗୁଡିକରୁ ଲୋକମାନେ ଆସି ନିଜ ନିଜର ଜିନିଷ ବିକ୍ରି କରିବା ସହିତ ସେମାନଙ୍କର ଆବଶ୍ୟକ ଜିନିଷ ମଧ କିଣି ନିଅନ୍ତି । ଗାଉଁଲି ହାଟ ହେଲେ ବି ଭଲ ଦି ପଇସା କିଣାବିକା ହୋଇଥାଏ । ଦୁଇ ଚାରିଟି ଗାଆଁର ଲୋକେ ସେହି ହାଟ ଉପରେ ନିର୍ଭର କରିଥାନ୍ତି ।

ସେହି ଗାଁ ରେ ଜଣେ ବୟସ୍କା ଗରିବ ବୁଢ଼ୀ ମାଉସୀ ରହୁଥିଲେ । ପାଖାପାଖି ବୟସ ତାଙ୍କର ଅଶି ହେବ । ଘରେ ସେ ଏକୁଟିଆ । ଭାରି ଭଲ ଲୋକ । ଧର୍ମପରାୟଣା ମଧ । ସେମିତି କିଛି ରୋଜଗାର ନାହିଁ । କୌଣସି ପ୍ରକାର ଗୁଜୁରାଣ ମେଣ୍ଟିଗଲେ ଯାଏ । ହେଲେ ଫଳ ପ୍ରତି ତାଙ୍କର ବହୁତ ଶ୍ରଦ୍ଧା ।

ଖାସ୍ କରି ପାଚିଲା କଦଳୀ, ପାଚିଲା କମଳା ଓ ସେଓ ପ୍ରତି ତାଙ୍କର ଟିକେ ଲୋଭ ଅଧିକ । ପ୍ରତି ସପ୍ତାହରେ ଥରେ ନିଜ ଗାଁ ପାଖ ହାଟକୁ ଯାଆନ୍ତି ଓ ନିଜର ଆବଶ୍ୟକ ଜିନିଷ କିଣି ଆଣନ୍ତି । ପନିପରିବା କିଣି ସାରିବା ପରେ ଯାହା କିଛି ଅଳ୍ପ ଟଙ୍କା ବଳିଥାଏ ତାକୁ ନେଇ ପାଖରେ ଥିବା ଗୋଟିଏ ଫଳ ଦୋକାନକୁ ଯାଆନ୍ତି । ଫଳର ଦାମ୍ ପଚାରନ୍ତି । ଦୋକାନ ପାଖରେ ଘଡିଏ ଛିଡା ହୋଇ ମନ ଦୁଃଖରେ ଘରକୁ ଫେରନ୍ତି । ହେଲେ ଦାମ୍ ଅଧିକ ହୋଇଥିବାରୁ ନିଜ ପସନ୍ଦର ଫଳ କିଣି ପାରନ୍ତି ନାହିଁ ।

ବଜାର ଭିତରେ ସେଇ ଗୋଟିଏ ମାତ୍ର ଫଳ ଦୋକାନ । ସନାଭାଇର ଫଳ ଦୋକାନ କହିଲେ ପାଖଆଖର ଲୋକ ସବୁ ଜାଣନ୍ତି । ବିଭିନ୍ନ ପ୍ରକାର ଫଳ ତାଙ୍କ ଦୋକାନରୁ ମିଳେ । ଓଷାବାର, ପୁନେଇ, ବ୍ରତ ହେଲେ ଟିକେ ଅଧିକ ବିକ୍ରି ହୋଇଥାଏ । ତାଙ୍କର ସବୁଠାରୁ ଭଲ ଗୁଣ ହେଲା ଯେ ସେ ଲୋକଙ୍କୁ ଆଦୌ ଠକନ୍ତି ନାହିଁ । ଅଧିକ ଲାଭ ବି ରଖନ୍ତି ନାହିଁ । ତାଙ୍କର ବ୍ୟବହାର ଭଲ ହୋଇଥିବାରୁ ତାଙ୍କୁ ସବୁ ଲୋକ ଭଲ ପାଆନ୍ତି । ସୁବିଧା ଅସୁବିଧା ବେଳେ ଲୋକମାନଙ୍କୁ ମଧ ସେ ନିଜ ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରନ୍ତି । ଅନେକ ସମୟରେ ମାଗଣାରେ ବି କିଛି ଲୋକଙ୍କୁ ଫଳ ବାଣ୍ଟି ଦିଅନ୍ତି । ପ୍ରତିଦିନ ସକାଳୁ କାଉ କୁକୁର ଇତ୍ୟାଦି ପଶୁପକ୍ଷୀମାନଙ୍କୁ ଫଳ ଟିକି ଟିକି କରି କାଟି ଖାଇବାକୁ ନ ଦେଲେ ତାଙ୍କର ଯେମିତି ଦିନ ଆରମ୍ଭ ହୁଏ ନାହିଁ ।

ଆଜି ଗାଁ ହାଟ । କେତେ ଲୋକ ଯିବା ଆସିବା କରୁଥାଆନ୍ତି । ଦୋକାନ ପାଖରେ ଭିଡ ଜମିଛି । କିଏ କିଣୁଛି ଡାଲି, କିଏ କିଣୁଛି ଚାଉଳ, କିଏ ପରିବା, ମାଛ, ଶୁଖୁଆ ପୁଣି କିଏ କିଣୁଛି ଫଳ । ସବୁଥର ଭଳି ବୁଢ଼ୀ ମାଉସୀ ହାତରେ ଥଳିଆ ଖଣ୍ଡେ ଧରି ନିଜ ପସନ୍ଦର ଜିନିଷ କିଣିବାରେ ବ୍ୟସ୍ତ ।

ଜିନିଷ କିଣି ସଅଳ ସଅଳ ସଂଜ ପୂର୍ବରୁ ଘରେ ପହଞ୍ଚିବାକୁ ପଡିବ । ନ ହେଲେ ଅନ୍ଧାର ହୋଇଗଲେ ତାକୁ ଆଉ ବାଟ ଦେଖା ଯିବନି । ଘରେ ପହଞ୍ଚିବାକୁ ଅସୁବିଧା ହେବ ।

ଆସନ୍ତା କାଲି ଗୁରୁବାର ମାଣବସା ଓଷା ଥିବାରୁ ସନାଭାଇ

ଫଳ ଦୋକାନ ପାଖରେ ଭିଡ ଜମିଛି । କେତେ ଲୋକ ଫଳ କିଣୁଛନ୍ତି ।

- ‘ସନାଭାଇ ! ପାଚିଲା କଦଳୀ ଡଜନ କେତେ ?’- ଜଣେ ଗ୍ରାହକ ପଚାରିଲେ ।

-‘ଷାଠିଏ ଟଙ୍କା ।’-ସନାଭାଇ ଉତ୍ତର ଦେଲା।

- ‘ସେଉ କିଲକୁ କେତେ ?’

- ‘ଆଜ୍ଞା, ଦେଢଶ’ ଟଙ୍କା ।’

- ‘ଆଉ କମଳା କିଲ କେତେ ?’

- ‘ଶହେ ଟଙ୍କା ।’

ଠିକ୍ ଏହି ସମୟରେ ସବୁଥର ଭଳି ସନାଭାଇ ଫଳ ଦୋକାନ ଆସି ପହଞ୍ଚିଲେ ବୁଢ଼ୀ ମାଉସୀ । ଖୁବ୍ ତରବର ଜଣାପଡୁଥାଆନ୍ତି । ହାତରେ ଥଳିଆଟିଏ ଓ ସେଥିରେ ଅଳ୍ପ କିଛି ପନିପରିବା ।

-‘ଆରେ ପୁଅ ! ଆଜି କଦଳୀ ଭାଉ କେତେ କି ?’

- ‘ମାଉସୀ, କୋଡିଏ ଟଙ୍କା’

- ‘ସେଉ, କମଳା କେତେ ନେଉଛୁ ?’

-‘ସେଉ ପଚାଶ ଓ କମଳା ଚାଳିଶ ଟଙ୍କା କିଲ ।’

ବୁଢ଼ୀ ମାଉସୀର ଫଳ ଦାମ୍ ମନକୁ ପାଇଲା। ନିଜ ଟଙ୍କା ଅନୁଯାୟୀ ଖୁବ୍ କମ ପରିମାଣର ଫଳ କିଣି ତରତର ହୋଇ ସେଠାରୁ ଚାଲି ଗଲା । ପାଖରେ ଥିବ ଗ୍ରାହକ ଜଣକ ସବୁ ଶୁଣୁଥିଲେ । ବୁଢ଼ୀ ମାଉସୀ ଯେମିତି ଚାଲି ଯାଇଛି ଦୋକାନୀକୁ ସେ ଖୁବ୍ ଗାଳି ଦେଲେ । ସମସ୍ତଙ୍କ ପ୍ରତି ସମାନ ଦାମ୍ ନେଉନାହାନ୍ତି ବୋଲି ଅଭିଯୋଗ ମଧ କଲେ ।

-‘ଆଚ୍ଛା କହିଲ, ମୁଁ ଯେତେବେଳେ ତମକୁ ଫଳ ଦାମ ପଚାରିଲି ମୋତେ ଯେଉଁ ଦାମ କହିଲ, ସେ ବୁଢ଼ୀ ମାଉସୀକୁ ସେହି ଦାମ୍ କାହିଁକି କହିଲ ନାହିଁ ?’

- ‘ସମାନ ଜିନିଷକୁ ଦୁଇ ପ୍ରକାର ଦାମ୍ ନେବା କ’ଣ ଠିକ୍ ?’

-‘ନା...ନା....ଫଳ ଦାମ୍ ସବୁ ଏକା ।



କଥା କଣ କି ସେ ବୁଢ଼ୀ ମାଉସୀ ଜଣକ ଖୁବ୍ ଗରିବ । ପ୍ରତିଥର ମୋ ଦୋକାନକୁ ଆସନ୍ତି ଓ ଫଳ ଦାମ୍ ପଚାରନ୍ତି । ମୁଁ ତାଙ୍କୁ ଠିକ୍ ଦାମ୍ କହେ । କିନ୍ତୁ ସେ ଫଳ ନିଅନ୍ତି ନାହିଁ । ମନ ଦୁଃଖରେ ଫେରି ଯାଆନ୍ତି ।

କେତେବେଳେ ଯଦି କୌଣସି ପ୍ରକାର ଫଳ ଦି’ଟା ଦେବାକୁ ଚାହିଁଲେ ବି ମୁଁ ତାଙ୍କୁ ଦେଇ ପାରେନା । କାରଣ ସେ କେବେ ମାଗଣାରେ ଫଳ ନେବାକୁ ଚାହାଁନ୍ତି ନାହିଁ ।ଆଜି ତାଙ୍କୁ କିଛି ଫଳ ଦେବାକୁ ସ୍ଥିର କରିଥିଲି । ଭାବିଲି ସେ ତ ମାଗଣା କେବେ ନେବେ ନାହିଁ କିମ୍ବା ଫଳର ଠିକ ଦାମ୍ ବି ଦେଇ ପାରିବେ ନାହିଁ । ତେଣୁ ମୁଁ ଜାଣିକରି ତାଙ୍କୁ ଫଳ ଦାମ କମ୍ କହିଲି, ଯେଉଁଥିରେ କି ସେ କିଛି କିଣି ନେଇ ପାରିବେ। ଦ୍ୱିତୀୟ କଥା ସେ ବୁଢ଼ୀ ମାଉସୀ ଯେଉଁଦିନ ମୋ ଦୋକାନକୁ ଆସନ୍ତି ମୋର ସେଦିନ ଅଧିକ ବିକ୍ରି ହୋଇଥାଏ । ଦି’ ପଇସା ଲାଭ ବି ହୋଇଥାଏ । ଏମିତି ବି ସେ ବୁଢ଼ୀ ମାଉସୀ ବହୁତ ଭଲ । ତାଙ୍କୁ ଦେଲେ ମୋର କିଛି ସରିଯିବନି । ବରଂ ମୋତେ ଠାକୁର ସାହାଯ୍ୟ କରିବେ । ଠାକୁର ବଡଲୋକ । ସେ ଚାହିଁଲେ ମୋ ବ୍ୟବସାୟ ଆହୁରି ବଢିବ ।’-ଏକ ନିଶ୍ୱାସରେ ସାନଭାଇ କହିସାରି ମନେ ମନେ ବହୁତ ଖୁସି ହେଉଥିଲେ।

ଗ୍ରାହକ ଜଣକ ଦୋକାନୀଙ୍କ ଠାରୁ ସବୁ ଶୁଣି ନିଜକୁ ଲଜ୍ଜିତ ମନେ କଲେ । ଦୋକାନୀକୁ ମଧ ପ୍ରଶଂସାରେ ପୋତି ପକାଉଥଲେ । ବୁଢ଼ୀ ମାଉସୀଙ୍କ ପ୍ରତି ତାଙ୍କର ସମ୍ମାନ ବଢି ଯାଉଥିଲା ଓ ତାଙ୍କ ଭଳି ଲୋକ ଏ ଦୁନିଆରେ ଅଛନ୍ତି ଜାଣି ନିଜ ମୁଣ୍ଡ ତଳକୁ ନଇଁ ଯାଉଥିଲା । ବାସ୍ତବରେ ଆମେ ଯଦି ନିସ୍ୱାର୍ଥପର ଭାବେ ଅନ୍ୟକୁ ସାହାଯ୍ୟ କରିବା ଭଗବାନ ଆମ ଉପରେ ଖୁସି ହେବେ ଓ ନିଶ୍ଚୟ ଆମକୁ ସାହାଯ୍ୟ କରିବେ ।


+ ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


# ଟୋପାଏ ସିନ୍ଦୂର




ଜନ୍ମଜୟ ନାୟକ




ନିଜ କାନିରେ ବିମଳା ସେ ମନ୍ଦିର ବେଢାରେ ବସିଥିବା ଫୁଲ ମାଉସୀଙ୍କ ମୁଣ୍ଡରୁ କଳା ପୋଛି ଦେଉଦେଉ ଲୁହଭରା ଆଖିରେ ବୁଢ଼ୀମାଉସୀ କହିଚାଲିଥାଏ, ଏ ପୋଡା କପାଳରେ ଆଉ କି ସୁଖ ଅଛି ଲୋ ଝିଅ , ଅୟରାଣୀ ହୋଇ ମଶାଣୀ ଯିବା ସଭିଙ୍କ କପାଳରେ ନଥାଏ । ଆଜି କି ଦଶ ବରଷ ହବ ଏ ଅଭାଗିନୀ ପୋଡାମୁହଁକୁ ଆରିସିରେ ଦେଖିନି ଯେବେଠୁ ସେ ଚାଲିଗଲେ । କୋଉଠି ହାଣ୍ଡିକଳା ଲାଗିଛି ମୁଣ୍ଡରେ କେମିତି ଦେଖିବି ? ମନ୍ଦିରପାଖରେ ଥରଥର ହାତରେ ଫୁଲ ବିକି ସବୁ ବିବାହିତାଙ୍କ ଶୁଭ ମନାସୁଥିବା ଫୁଲମାଉସୀର ଜୀବନର ଦୁଃଖ କେହି ନବୁଝିଲେ ବି ବିମଳା ପଢିପାରନ୍ତି ତାଙ୍କ କୋଟରାଗତ ଆଖିଯୋଡିକର ଇଚ୍ଛା । ବାହାଘରର ମାସଟିଏ ନପୁରୁଣୁ ବିମଳାଙ୍କ ସ୍ୱାମୀ ପକ୍ଷାଘାତ ରୋଗରେ ପୀଡିତ ହୋଇଯିବାପରେ ବି ସେ ଦମ୍ଭ ନହରେଇ ଜୀବନ ଯୁଦ୍ଧରେ ଲଢିଚାଲିଛନ୍ତି । ସିଲେଇ କରି ପିଲାଙ୍କୁ ଟ୍ୟୁସନ୍ କରି ସ୍ୱାମୀଙ୍କ ଔଷଧ ଓ ପରିବାର ଚଳେଇବା ଖର୍ଚ୍ଚ ତୁଲାଉଛନ୍ତି । ଫୁଲ ମାଉସୀକୁ ବାଡିର ଗଙ୍ଗଶିଉଳି ଫୁଲ ଆଣି ଦେବାରେ ହେଳା କରନ୍ତିନି ବିମଳା । ସେ ଫୁଲକୁ ସବୁ ସଧବା ନାରୀଙ୍କୁ ମାଗଣାରେ ଦିଏ ଫୁଲମାଉସୀ ଓ ବିମଳାଙ୍କ ସ୍ୱାମୀକୁ ସୁସ୍ଥ କରିବାକୁ। ଦେବୀ ମାଆଙ୍କୁ ଗୁହାରୀ କରେ । ମା’ ବୁଢ଼ୀନାହାକାଣୀଙ୍କ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ । ବିମଳା କେତେ ବଡଘରର ଝିଅ ..କେତେ ବିଳାସବ୍ୟସନରେ ବଢିଥିଲେ ସେ । ଘରଲୋକ ଯେତେ ବୁଝେଇଲେ ବି ପୁନର୍ବିବାହ କରିନାହାନ୍ତି କି କାହାରି ସାହାଯ୍ୟ ଚାହିଁନାହାନ୍ତି । ଆଜି ସାବିତ୍ରୀ ଓଷାରେ ସ୍ୱାମୀଙ୍କ ଶୁଭମନାସି ପୂଜା କରିବାକୁ ଧାଇଁଆସିଛି ସେ । ଏଇ ମନ୍ଦିରର ଦେବୀ ଓ ଫୁଲମାଉସୀ ବିମଳାଙ୍କ ସଂଘର୍ଷର ମୂକସାକ୍ଷୀ । ଫୁଲମାଉସୀକୁ ଆଶୀର୍ବାଦ ମାଗି ଜୁହାର ହଉହଉ ମାଉସୀ କାନ୍ଦିକାନ୍ଦି କହିଉଠିଲା, “ଅୟିସୁଲକ୍ଷଣୀ ହୋ ଲୋ ..ପାକଲା ବାଳରେ ସିନ୍ଦୂର ନାଆ । ଅଭିଆଡୀ ଜନମ ବାପଘରେ ଛାଡି ସିନ୍ଥିରେ ସିନ୍ଦୂର ଭରି କନକ ଆଞ୍ଜୁଳି ଧରି ଶାଶୁଘର ଆସିବା ପରେ ଜୀବନର ଅଙ୍କ ମିଶିଯାଏ ସ୍ୱାମୀ ସହ । ଟୋପାଏ ସିନ୍ଦୂର ଆଣିଦିଏ ଜୀବନର ପୂର୍ଣ୍ଣତା । ଝିଅ ତୋ ପତିବ୍ରତା ଭକ୍ତି ତୋତେ ସୋଭାଗ୍ୟବତୀ କରେଇବ ଲୋ।’’

ଏହା ମଧରେ ବିତିଯାଇଛି କୋଡିଏ ବର୍ଷ । ସମୟର ସ୍ରୋତ ବଦଳାଇ ଦେଇଛି ସବୁକିଛି । ମାଆ ବୁଢ଼ୀନାହାକାଣୀ ଅଛନ୍ତି ସତ ହେଲେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ ହୋଇ ବହୁତ ଉନ୍ନତି ହୋଇଛି । ଆମ୍ବଗଛଡାଳୁ କୋଇଲିର କୁହୁକୁହୁ ଶୁଭୁନି କି ଫୁଲମାଉସୀ ବି ଆସି ବସୁନି । ବିମଳାଙ୍କ ସେବାଶୁଶ୍ରୂଷା ଓ ଭକ୍ତି ପାଖେ ପକ୍ଷାଘାତ ରୋଗ ବି ହାର ମାନିଛି। ହେଲେ ବୟସର ଅପରାହ୍ନରେ ଉପନୀତ ସରୋଜଙ୍କ ପାଖେ ପରିବାର ଭରଣପୋଷଣ ପାଇଁ ଖଟିବାକୁ ବଳ ନାହିଁ । ଦୁଃଖ ଦାରିଦ୍ର୍ୟର କଷଟି ପଥରରେ ପେଷି ହୋଇହୋଇ ଲୋଚାକୋଚା ଚମ ଆବରଣରେ ବି ବିମଳା ନାଲି ସିନ୍ଦୂର ମଥାଏ ନାଇ ପରଘରେ କାମକରି ପେଟ ପୋଷୁଛି । ହେଲେ ଆଜି ବି ସେ ମନ୍ଦିର ପ୍ରାଙ୍ଗଣକୁ ଯାଇ ବାଡିର ଗଙ୍ଗଶିଉଳି ଫୁଲ ମାଆଙ୍କ ପାଇଁ ସଧବାନାରୀଙ୍କୁ ମାଗଣାରେ ଦେଉଛି । ସମସ୍ତେ ସେ ଫୁଲମାଉସୀକୁ ଭୁଲି ଯାଇଛନ୍ତି କିନ୍ତୁ ବିମଳା ଫୁଲମାଉସୀର ଜାଗା ନେଇଛି । ନିଃସନ୍ତାନ ଦମ୍ପତି ଭାବେ ବେସାହାରା କି ଅସହାୟ ହୋଇ ପଡିନାହାନ୍ତି ସରୋଜ ଓ ବିମଳା। ଏତେ ଦଃଖଦୁର୍ଦ୍ଦଶା ଭିତରେ ବି ନିଜ ବାର୍ଦ୍ଧକ୍ୟ ଭତ୍ତା ଟଙ୍କାକୁ ପାଖ ଅନାଥାଶ୍ରମ ପିଲାଙ୍କ ପାଇଁ ଦେଇଆସନ୍ତି । ସେମାନଙ୍କୁ କିଛି ଖୁଆଇ ତାଙ୍କ ହସଖୁସି ଦେଖି କୁଆଡେ ବିମଳାଙ୍କୁ ପରମ ଆତ୍ମସନ୍ତୋଷ ମିଳେ । ବିମଳାଙ୍କ ମା’ ପଣିଆ ଆଜିର ସମାଜ ପାଇଁ ଏକ ଉଦାହରଣ । ବିମଳା କୁହନ୍ତି, “କିଏ କହିଲା ମୁଁ ବାଞ୍ଝ ? ମୋର ପରା ଆଶ୍ରମରେ କେତେ ପୁଅ ଝିଅ ..’’ କିନ୍ତୁ ନିଜ ମସ୍ତକ କର୍କଟ ରୋଗକୁ ଲୁଚେଇ ଲୁଚେଇ ବିମଳା ଆଜି ଶେଷ ସୋପାନରେ ପହଁଚିଛି। ସମୟ ପ୍ରାୟ ଦିନ ୧୧ଟା । ବିମଳା ଘରର ଦରଜା ଏଯାଏ ଖୋଲିନି । ସାଇପଡିଶା ଲୋକେ କେତେ କଣ ଭାବି ଶେଷକୁ କବାଟ ଭାଙ୍ଗି ଯାହା ଦେଖିଲେ ଆଖିରେ ଲୁହ ରହିଲାନି। ସରୋଜଙ୍କ କୋଳରେ ମୁଣ୍ଡରଖି ଶେଷ ନିଃଶ୍ୱାସ ତ୍ୟାଗ କରିଛି ବିମଳା । କାନ୍ଦିକାନ୍ଦି ପଥର ପାଲଟି ଯାଇଛନ୍ତି ସରୋଜ । ’’ ଅୟରାଣୀ ହୋଇ ଟୋପାଏ ସିନ୍ଦୂର ଦିପଟ ଶଙ୍ଖା ନେଇ ମଶାଣୀ ଯିବାକୁ କହୁଥିଲା ସବୁବେଳେ। ମୁଁ ସ୍ୱାମୀ ହିସାବରେ ଖଣ୍ଡେ ଦାମି ଲୁଗା କିଣି ଦେଇପାରିନି ବୋଲି କେବେ ମନ ଦୁଃଖରେ ଥିଲେ। ସେ କହୁଥିଲା ଶଙ୍ଖାସିନ୍ଦୂର ତା ପାଇଁ ଦାମିଗହଣା” ,ଏତିକି କହି ଭୋ ଭୋ ହୋଇ କାନ୍ଦିଉଠିଲେ ସରୋଜ। ହଠାତ୍ ହୃଦ୍ ଘାତ ହୋଇ ସେ ବି ଟଳିପଡିଲେ । ପବିତ୍ର ବନ୍ଧନର ଦୁଇ ଶୁଆଶାରୀଙ୍କ ମରଶରୀର ମଶାଣୀ ଗଲା । କିଏ ମୁଖାଗ୍ନି ଦେବ ଚିନ୍ତା ପଡିବାବେଳେ ଖବରପାଇ ଅନାଥାଶ୍ରମର ପିଲାମାନେ ପହଁଚି କୋହଭରା କଣ୍ଠରେ ଏକସ୍ୱରରେ କହିଉଠିଲେ, “ଆମ ବାପା ମାଆଙ୍କୁ ଆମେ ମୁଖାଗ୍ନି ଦେବୁ।’’

ମଶାଣି ନିଆଁରେ ଗୋଟେ ପବିତ୍ର ପ୍ରେମ ଯୁଗ ଅବସାନ ହେଲା ସତ କିନ୍ତୁ ଟୋପାଏ ସିନ୍ଦୂର ମହତ୍ୱ ଓ ଦେବୀ ମାଆଙ୍କ ମହିମା ସଭିଏଁ ବୁଝିଲେ । ସରପଞ୍ଚ ଓ ଗ୍ରାମବାସୀ ମିଶି ଗାଁର ନାମ ସିନ୍ଦୂରାଖଣ୍ଡ ରଖିଲେ । ବିମଳା ଫୁଲମାଉସୀ ନାଁରେ ଏକ ସ୍ୱୟଂସହାୟକ ଗୋଷ୍ଠୀ ଖୋଲିଲେ।


+ ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ମୋ: ୯୩୩୭୮୦୦୫୬୫

# କ୍ୟାପିଟାଲ୍ ରିଜିଅନ୍ ରିଂରୋଡ଼୍ କାର୍ଯ୍ୟ ତ୍ୱରାନ୍ୱିତ ହେବ

ଭୁବନେଶ୍ୱର,୮/୦୫ (ନି.ପ୍ର): କ୍ୟାପିଟାଲ ରିଜିଅନ ରିଂ ରୋଡ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଖୁବ୍ ଶୀଘ୍ର ଏଥିପାଇଁ ଜମି ଅଧିଗ୍ରହଣ ଆରମ୍ଭ ହେବ। ଜାତୀୟ ରାଜପଥ ପ୍ରାଧିକରଣର ସମସ୍ତ ପୁରୁଣା ପ୍ରକଳ୍ପରେ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ ହୋଇଯାଇଛି। ତେଣୁ ଜାତୀୟ ରାଜପଥ ଅଧିକାରୀମାନେ କ୍ୟାପିଟାଲ ରିଜିଅନ ରିଂ ରୋଡ, ସମ୍ବଲପୁର ନେକଲେସ ରୋଡ, ପୁରୀ-ଭୁବନେଶ୍ୱର ରୋଡ, ଗୋପାଳପୁର-ଛତ୍ରପୁର ମଧ୍ୟରେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ ପାଇଁ ରାଜସ୍ୱ ବିଭାଗକୁ ଅନୁରୋଧ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହି ସବୁ ପ୍ରକଳ୍ପର ଜମି ଅଧିଗ୍ରହଣରେ କୌଣସି ବିଳମ୍ବ ନ କରିବାକୁ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବା ନିମେନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ପରେ ଜଣାପଡିଲା ଯେ ବିଗତ ୪ ମାସ ମଧ୍ୟରେ ଜାତୀୟ ରାଜପଥ ୨୧୫ରେ ପାଣିକୋଇଲି-ରିମୁଳି ମଧ୍ୟରେ ଜମି ମାଲିକମାନଙ୍କୁ ୨୩୭ କୋଟି ପ୍ରାପ୍ୟ ବଂଟନ କରାଯାଇ ୧୩୦ ଗ୍ରାମରେ ଓ ରିମୁଳି-କୋଇଡା ମଧ୍ୟରେ ୬୧ କୋଟି ପ୍ରାପ୍ୟ ବଣ୍ଟନ କରାଯାଇ ୨୧ ଗ୍ରାମରେ, କୋଇଡା-ରଜାମୁଣ୍ଡା ମଧ୍ୟରେ ୨୫ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ କରାଯାଇଛି। ଜାତୀୟ ରାଜପଥ-୬ରେ ସିଂହଡା-ବିଞ୍ଜବାହାଲ ମଧ୍ୟରେ ପାଟଣା ତହସିଲରେ ୧୧ ଗ୍ରାମ, କେନ୍ଦୁଝର ତହସିଲରେ ୧୪ ଗ୍ରାମ, ବାଂଶପାଳ ତହସିଲରେ ୯ ଗ୍ରାମ ଓ ତେଲକୋଇ ତହସିଲରେ ୫ ଗ୍ରାମରେ, କରଞ୍ଜିଆ ତହସିଲରେ ୬ ଗ୍ରାମରେ ଜାତୀୟ ରାଜପଥ ନିମନ୍ତେ ଅଧିଗ୍ରହଣ ସମ୍ପୂର୍ଣ ହୋଇପାରିଛି। ଜାତୀୟ ରାଜପଥ-୬ରେ ବାହାରଗୋରା-ସିଂହଡା ମଧ୍ୟରେ ୮୭ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର କରାଯାଇଛି। ଜାତୀୟ ରାଜପଥ-୬ରେ ତିଳେଇବଣି-ସମ୍ବଲପୁର ମଧ୍ୟରେ ୨ ଗ୍ରାମ, ବିଞ୍ଜବାହାଲ-ତିଳେଇବଣି ମଧ୍ୟରେ ବାରକୋଟ ତହସିଲରେ ୨୭ ଗ୍ରାମ, ଦେବଗଡ ତହସିଲରେ ୨୧ ଗ୍ରାମ ଓ ଅନଗୁଳ ତହସିଲରେ ୯ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇପାରିଛି। ସେହିପରି ଜାତୀୟ ରାଜପଥ ୨୩ରେ ରଜାମୁଣ୍ଡା-ବାରକୋଟ ମଧ୍ୟରେ ୧୯ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇପାରିଛି। ଜାତୀୟ ରାଜପଥ ୪୨ରେ କଟକ-ଅନୁଗୁଳ ମଧ୍ୟରେ ଢେଙ୍କାନାଳ ତହସିଲରେ ୬୨ ଗ୍ରାମରେ, ଅନଗୁଳ ତହସିଲରେ ୨୧ ଗ୍ରାମରେ ଓ କଟକ ତହସିଲରେ ୨୪ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇସାରିଛି। ସେହିପରି ଜାତୀୟ ରାଜପଥ ୪୨ରେ ଅନୁଗୁଳ-ସମ୍ବଲପୁର ମଧ୍ୟରେ ଜମି ମାଲିକମାନଙ୍କୁ ୪୩୮ କୋଟି ପ୍ରାପ୍ୟ ବଂଟନ କରାଯାଇ ୧୧୬ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହେରିସାରିଛି। ଜାତୀୟ ରାଜପଥ ୨୩ରେ ବୀରମିତ୍ରପୁର-ବ୍ରାହ୍ମଣୀ ବାଇପାସ ମଧ୍ୟରେ ୫୧ ଗ୍ରାମରେ ଓ ରଜାମୁଣ୍ଡା-ବାରକୋଟ ମଧ୍ୟରେ ୨୨ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହେଇଛି। ସେହିପରି ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନରେ ଜାତୀୟ ରାଜପଥ ୧୩୦- ଇଉରେ ଧନରା-କାଳିଆଗୁଡ଼ା ମଧ୍ୟରେ ୫୦ ଗ୍ରାମରେ, କାଳିଆଗୁଡା-ଆଲୁରୁ ମଧ୍ୟରେ ୧୨ ଗ୍ରାମରେ, କାଳିଆଗୁଡା-ବରଜ ମଧ୍ୟରେ ୧୪ ଗ୍ରାମରେ, କର୍କୀ-କାଳିଆଗୁଡା ମଧ୍ୟରେ ୬ ଗ୍ରାମରେ ଓ କାଳିଆଗୁଡ଼ା-ବଉନଗୁଡା ମଧ୍ୟରେ ୧୧ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇସାରିଛି ସେହିପରି ଜାତୀୟ ରାଜପଥ ୨୦୦ରେ ତାଳଚେର-କାମାକ୍ଷାନଗର-ଡୁବୁରୀ ମଧ୍ୟରେ ୮ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର ହୋଇସାରିଛି। ଜାତୀୟ ରାଜପଥ-୧୬ରେ ଚଣ୍ଡିଖୋଲ-ଜଗତପୁର-ଭୁବନେଶ୍ୱର ମଧ୍ୟରେ ୫୯ ଗ୍ରାମରେ ଜମି ଜାତୀୟ ରାଜପଥ ପ୍ରାଧିକରଣକୁ ହସ୍ତାନ୍ତର ହୋଇଯାଇଛି। ବାଲେଶ୍ୱର-ଝାରପୋଖରିଆ ମଧ୍ୟରେ ୨୭ ଗ୍ରାମରେ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇସାରିଛି।

# ମାଟ୍ରିକ୍ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୮/୦୫ (ନି.ପ୍ର): ରାଜ୍ୟରେ ସରକାରଙ୍କ ତଥ୍ୟ ମୁତାବକ ୪୩,୪୭୯ ପିଲା ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ ମଧ ପରୀକ୍ଷା ଦେଲେ ନାହିଁ। ରେଗୁଲାରରେ ୪୨,୭୦୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିବା ବେଳେ ଏକ୍ସରେଗୁଲାରରେ ୭୮୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ପରିକ୍ଷରେ ଏତେ ସଂଖ୍ୟକ ଛାତ୍ରମାନେ ପରୀକ୍ଷା ନଦେବା ଏହା ଆମ ଶିକ୍ଷା ବ୍ୟବସ୍ଥାର ଏକ ଦାରୁଣ ଚିତ୍ର ଓ ସ୍ଥିତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ, ଯଦି ଏତେ ସଂଖ୍ୟାକ ପିଲା ପରିକ୍ଷା ଦେଲେ ନାହିଁ, ତାହାଲେ ଏମାନଙ୍କର ଫର୍ମ ଫିଲପ କିଏ କରିଥିଲା ? ସେମାନେ ନିଜେ କରିଥିଲେ ନା ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍କୁଲର ଶିକ୍ଷକ / ଶିକ୍ଷୟତ୍ରୀ କରିଥିଲେ କି ? ଯଦି ହଁ ତାହାଲେ ଏହା କେଉଁ ହିତସାଧନ ଉଦ୍ଦେଶ୍ୟରେ କରାଯାଇଥିଲା। ଏ ସମସ୍ତ ଛାତ୍ରମାନେ ସମେଟଭ୍ ଆସେସ୍‌ମେଂଟ ପରୀକ୍ଷା ଦେଇଥିଲେ କି ? ଯଦି ଦେଇନଥିଲେ ତାହାଲେ ସେମାନଙ୍କୁ କିଏ, କାହା ନିର୍ଦ୍ଦେଶରେ ଫର୍ମ ଫିଲପ କରିବା ପାଇଁ ପ୍ରବର୍ତାଇଥିଲେ ବା କିଏ ସେମାନଙ୍କର ଫର୍ମ ଫିଲପ କରିଥିଲେ। ସେହିପରି ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ ସେ କହିଲେ ଯେ, ଏହି ଘୋଟଲା ପଛରେ ଯେଉଁ ଅଧିକାରୀମାନେ ତଥା ସ୍କୁଲର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଶୀଘ୍ର କରାଯାଉ। ରାଜ୍ୟ ସରକାର ନିଜର ପ୍ରଶଂସା ପତ୍ର ଗୋଟାଇବା ପାଇଁ ଡ୍ରପ ଆଉଟ୍ ରେଟ୍‌କୁ କମ୍ ଦେଖାଇବା ପାଇଁ ଏହି କାମକୁ କରାଇଛନ୍ତି। ରାଜ୍ୟରେ ଓଡ଼ିଶାର ସ୍କୁଲ ଡ୍ରପ୍ ଆଉଟ୍ ୧୯-୨୦ ବର୍ଷରେ ୨୩.୨୯% ଥିଲାବେଳେ ଏହା ୨୧-୨୨ ଆର୍ଥିକ ବର୍ଷରେ ୩୨.୧୭ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି କୁହାଯାଉଛି। କିନ୍ତୁ ଜିଲ୍ଲାପାଳ, ଶ୍ରମମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ କୌଣସି ତଥ୍ୟ ନାହିଁ। ରାଜ୍ୟ ସରକାର ଅତିଶୀଘ୍ର ଏ ୪୩୪୭୯ ପିଲାଙ୍କୁ ଠାବକରି ପରୀକ୍ଷା ଦେବାର ବ୍ୟବସ୍ଥା କରନ୍ତୁ। ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମୀୟ ପାଣ୍ଡବ କହିଲେ ଯେ, ରାଜ୍ୟ ସରକାର ଶିକ୍ଷା ଅଧିକାର ଆଇନକୁ ଖୁଲମ୍‌ଖୁଲା ଉଲଘଂନ କରୁଛନ୍ତି। ତତ୍‌ସହିତ ରାଜ୍ୟର ଭବିଷ୍ୟତ ମାନବ ସମ୍ବଳକୁ ନଷ୍ଟଭ୍ରଷ୍ଟ କରିବା ପାଇଁ ସରକାର ସ୍ୱତନ୍ତ୍ରଭାବେ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏଭଳିସ୍ଥିତି କେବଳ ଏ ବର୍ଷ ହୋଇନାହିଁ। ପ୍ରତିବର୍ଷ ଏଭଳିସ୍ଥିତି ଲାଗୁ ରହିଥିବାବେଳେ ସରକାର ଆଜି ପର୍ଯ୍ୟନ୍ତ ଏହା ଉପରେ ରୋକ୍ ଲଗାଇବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ପାଣ୍ଡବ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଯଦି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରନ୍ତି ଓ ୪୩୪୭୯ ପିଲାଙ୍କୁ ଫେରାଇ ଆଣି ପରୀକ୍ଷା ନ କରନ୍ତି, ତାହାଲେ ଆସନ୍ତା ଦିନରେ ଛାତ୍ର କଂଗ୍ରେସ ରାଜରାସ୍ତାରେ ଆନ୍ଦୋଳନ କରିବ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭୧ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୮/୦୫ (ନି.ପ୍ର): ରାଜ୍ୟରେ ପୁଣି କୋଭିଡ ସଂକ୍ରମଣ ବଢ଼ିଛି। ଗତକାଲି ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୬୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୬୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୫ଟି ଜିଲ୍ଲାରୁ ୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ, ନୂଆପଡ଼ା ଜିଲ୍ଲାରୁ ୧ ଜଣ ଓ ରାୟଗଡ଼ା ଜିଲ୍ଲାରୁ ୬୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୨୦୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୮୬୩ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୬୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଶିଶୁ ସୁରକ୍ଷା ହିତାଧିକାରୀଙ୍କ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୮/୦୫ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ କଲଚରାଲ ସେଂଟର (ପିକକ), ରାଜ୍ୟ ଶିଶୁ ସୁରକ୍ଷା ସମିତି (ଓଏସପିସି) ଓ ରାଜ୍ୟ ଶିଶୁ ସୁରକ୍ଷା ୟୁନିଟ୍ ର ସହାୟତାରେ ଏବଂ ୟୁନିସେଫ୍ ର ସହାୟତାରେ ଶିଶୁ ସୁରକ୍ଷା ହିତାଧିକାରୀଙ୍କ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା ଜିଲ୍ଲା ସ୍ତରୀୟ କର୍ମଶାଳା ଖୋର୍ଦ୍ଧା ଠାରେ ଆୟୋଜିତ ହୋଇଥିଲା। ଏହି କର୍ମଶାଳା ରେ ଶିଶୁ ମଙ୍ଗଳ ସମିତି ର ସଦସ୍ୟ, ଜେଜେବି ର ସଦସ୍ୟ, ଖୋର୍ଦ୍ଧା ଜିଲ୍ଲା ଡିସିପିୟୁ ର ସଦସ୍ୟ, ସିସିଆଇ ର କାଉନସିଲର, ଅଙ୍ଗନବାଡୀ କର୍ମୀ, ସିଆରସିସି, ବିଆରସିସି ଓ ଏନଜିଓ ର ସଦସ୍ୟ ମାନେ ଅଂଶଗ୍ରହଣ ନେଇଥିଲେ। ଏହି କର୍ମଶାଳା ର ଆରମ୍ଭ ପ୍ରଦୀପ ପ୍ରଜ୍ୱଳନ କରି କରାଯାଇଥିଲା। ପ୍ରଥମେ ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ୱାଗାତ ଭାଷଣ ଦେଇ ଏହି କର୍ମଶାଳା ର ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତ ଙ୍କୁ ଅବଗତ କରାଇଥିଲେ। ସେ ଆହୁରି ମଧ୍ୟ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟରତ ସମ୍ପର୍କ ହେଲ୍ପଡେସ୍କ ସମ୍ପର୍କ ରେ ସମସ୍ତଙ୍କୁ ସୁଚନା ପ୍ରଦାନକରିଥିଲେ। ଏହି କର୍ମଶାଳା ରେ ଯୋଗଦେଇ ଖୋର୍ଦ୍ଧା ଜିଲ୍ଲାର ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣୀଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ ଏହି ପ୍ରକାରର କର୍ମଶାଳା ହିତାଧିକାରୀ ମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା କୁ ମୁକାବିଲା କରିବା ଓ ମନୋସାମାଜିକ ସହାୟତା ପ୍ରଦାନ ନିମଂତେ ସହାୟତା ପ୍ରଦାନ କରିବ। ୟୁନିସେଫ ର ମେହେଦିଆ ରିଜ୍ଭିମ ବିଭିନ୍ନ ପଦ୍ଧତି ମାଧ୍ୟମରେ ଏହି କର୍ମଶାଳା ର ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ବିଷୟ ରେ ତାଲିମ ଦିଆଯାଇଥିଲା ଯଥା ଶିଶୁ ସୁରକ୍ଷା: ଅର୍ଥ ଓ ବର୍ତ୍ତମାନ ସଙ୍ଗଠନା, ଶିଶୁ ମାନଙ୍କ ସହିତ ଯୋଗାଯୋଗ ର ଦକ୍ଷତା, ସାଧାରଣ ମାନସିକ ସମସ୍ୟା ଏବଂ ସମ୍ପର୍କ ହେଲ୍ପ ଡେସ୍କ ସହିତ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଗାଯୋଗ, ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ ଓ କଠିନ ପରିସ୍ଥିତିରେ ପିଲାମାନଙ୍କ ମନୋସାମାଜିକ ସ୍ଥିତି ର ମୁଲ୍ୟାଙ୍କନ। ଏହି କର୍ମଶାଳା ରେ ଅଂଶଗ୍ରହଣକାରୀ ମାନେ ମଧ୍ୟ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ବଂଧୀୟ ଅଭିଜ୍ଞତା କୁ ବର୍ଣ୍ଣନା କରିବା ସହିତ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା ନିମନ୍ତେ ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ କରିଥିଲେ।

# ଭୁବନେଶ୍ୱରରେ ଇଣ୍ଡିଆନ୍ ଗ୍ରାଁ ପ୍ରି

ଭୁବନେଶ୍ୱର,୮/୦୫ (ନି.ପ୍ର): ଓଡ଼ିଶା ଦୌଡ଼କୁଦ ଦୁନିଆ ପାଇଁ ଶନିବାର ଆଉ ଏକ ଖୁସି ଖବର ଆସିଛି। ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫଆଇ) ଏବଂ ଓଡ଼ିଶା ଦୌଡକୁଦ ସଂଘ (ଓଏଏ) ମିଳିତ ଆନୁକୂଲ୍ୟରେ ଇଣ୍ଡିଆନ୍ ଗ୍ରାଁ ପ୍ରିର ଦୁଇଟି ଚରଣ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବ। ଚଳିତ ମେ' ମାସ ୨୧ ତାରିଖରେ ଇଣ୍ଡିଆନ୍ ଗ୍ରାଁ ପ୍ରି-୩ ଏବଂ ମେ' ୨୪ରେ ଇଣ୍ଡିଆନ୍ ଗ୍ରାଁ ପ୍ରି-୪ ଅନୁଷ୍ଠିତ ହେବ ବୋଲି ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଟ୍ୱିଟର ଆକାଉଣ୍ଟ୍ ଓଡ଼ିଶା ସ୍ପୋର୍ଟସ ସୂଚନା ଦେଇଛି। ଏହି ଦୁଇ ବଡ଼ ପ୍ରତିଯୋଗିତାରେ ଦୁଇ ଥର ଅଲିମ୍ପିକ୍ସ ପ୍ରତିନିଧିତ୍ୱ କରିଥିବା ଦୂତି ଚାନ୍ଦଙ୍କ ସହ ଆଉ କିଛି ରାଜ୍ୟ ଖେଳାଳିଙ୍କ ଅଂଶଗ୍ରହଣର ସମ୍ଭାବନା ରହିଛି।



# ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଓ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ଦେଶରାଜ କାଲିଆଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮/୦୫ (ନି.ପ୍ର): ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୧ତମ ଜୟନ୍ତୀ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗ୍ରନ୍ଥାଗାର ସୂଚନା ବିଜ୍ଞାନୀ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପ୍ରଥମ ନିର୍ଦ୍ଦେଶକ ପ୍ରଫେସର (ଡଃ) ଦେଶରାଜ କାଲିଆଙ୍କ ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆଜି ଦିବସ ବ୍ୟାପୀ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି। ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି, ବିଶ୍ୱକବି ଓ ପ୍ରଫେସର କାଲିଆଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଶ୍ୱକବି ଓ ଡକ୍ଟର କାଲିଆଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ପାଠିକା ସରନ୍ୟା ନାୟକ ଓ ତାଙ୍କ ପିତାମହ ଶିକ୍ଷାବିତ୍ ଏ.ଜି.କେ. ନାୟକ, ପ୍ରଶାସକ ହିମାଂଶୁ ଶେଖର ବେହେରା ଅତିଥି ଭାବରେ ଯୋଗଦେବା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ସୂଚନା ବିଜ୍ଞାନ ବିଭାଗର ବିଦ୍ୟାର୍ଥୀମାନେ ଗବେଷଣା ବିଦ୍ୱାନ ଶୟଦ୍ ନିର୍ଲୋଫର ଅହମ୍ମଦଙ୍କ ନେତୃତ୍ୱରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ପଦ୍ମନାଭ ଜେନା, ରୁଦ୍ରପ୍ରସାଦ ବେହେରା, ବିଦ୍ୟାଧର ପଣ୍ଡା, କଣ୍ଣମଣି ବିଶ୍ୱାଳ, ମଞ୍ଜୁରାଣୀ ମୁଦୁଲି, ସଳିତା ପାତ୍ର, ଭିକାରୀ ଚରଣ ସାହୁ, ଦେବେନ୍ ମହାନ୍ତଙ୍କ ସହ ପାଠକମାନେ କବି ଗୁରୁଙ୍କ ଜୀବନାଦର୍ଶ ତାଙ୍କ ରଚନାବଳୀ ଉପରେ ଆଲୋକପାତ କରିଥିଲେ। ଗୀତାଞ୍ଜଳି କାବ୍ୟ ପାଇଁ ରବୀନ୍ଦ୍ରନାଥ ଟାଗୋର ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଥିଲା ବେଳେ ଏହି କାବ୍ୟକୁ କବିଗୁରୁ ରାହାମା ନିକଟସ୍ଥ ତାଙ୍କ ଜମିଦାରୀ ପଣ୍ଡୁଆରେ ଅବସ୍ଥାନ କରି ରଚନା କରିଥିଲେ ଏହା ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ଆତ୍ମୀୟତାକୁ ବହୁଗୁଣିତ କରିଅଛି। ତାଙ୍କଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନ ସ୍ନାତକୋତର ଓ ଗବେଷଣା ଶିକ୍ଷା କ୍ଷେତ୍ରରେ ରାଷ୍ଟ୍ରର ବହୁ ଉଚ୍ଚତର ପ୍ରତିଭାଙ୍କୁ ନିରନ୍ତର ଗବେଷଣା ଶିକ୍ଷା କ୍ଷେତ୍ରରେ ନୂତନ ଦିଗଦର୍ଶନ ପ୍ରଦାନ କରିଆସୁଅଛି ଯାହାପାଇଁ ସେ ଚିର ସ୍ମରଣୀୟ। ସେହିଭଳି ପ୍ରଫେସର (ଡଃ) ଦେଶରାଜ କାଲିଆ ଜଣେ ଆର୍ନ୍ତଜାତିକ ଖ୍ୟାତିସମ୍ପନ୍ନ ଗ୍ରନ୍ଥାଗାର ସୂଚନା ବିଜ୍ଞାନୀ ଭାବେ ନିଜର ଉଚ୍ଚତର ଗବେଷଣା, ଶିକ୍ଷାଦାନ ଓ ପାଠାଗାର ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଶ୍ୱର ୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ନିଜର ବକ୍ତୃତା ପ୍ରଦାନ କରିବା ସହ ଦିଲ୍ଲୀ ପବ୍ଲିକ ଲାଇବ୍ରେରୀ ନିର୍ଦ୍ଦେଶକ, ଜାତୀୟ ପାଠାଗାର କଲିକତାର ମୁଖ୍ୟ, ଭାରତ ସରକାରଙ୍କ ପାଠାଗାର ଉପଦେଷ୍ଟା, ସେଂଟ୍ରାଲ୍ ସେକ୍ରେଟାରିଏଟ୍ ଲାଇବ୍ରେରୀର ନିର୍ଦ୍ଦେଶକ, ଆଇ.ଆଇ.ଟି. ଦିଲ୍ଲୀର ପାଠାଗାର ଡିଜାଇନର ଏବଂ ପରିଶେଷରେ ଭୁବନେଶ୍ୱର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପ୍ରଥମ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ ସମ୍ପାଦନ କରି ଏହାକୁ ଦେଶର ଏକ ପ୍ରତିଷ୍ଠିତ ଗ୍ରନ୍ଥାଗାରରେ ପରିଣତ ପାଇଁ ଭିତିଭୂମି ଉନ୍ନୟନ କରିଥିଲେ, ଯାହାପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ।

# ପ୍ରତ୍ୟେକ ଉପଭୋକ୍ତା ପାଖରେ ଗୁଣବତ୍ତାସଂପନ୍ନ ବିଜୁଳି ପହଂଚାଇବା ଲକ୍ଷ୍ୟ ହେବା ଆବଶ୍ୟକ : ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର,୮/୦୫ (ନି.ପ୍ର): ଉପଭୋକ୍ତାଙ୍କ ପାଖରେ ୨୪ ଘଂଟା ନିରନ୍ତର ବିଜୁଳି ଯୋଗାଇଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ତେଣୁ ସବୁ ଉପଭୋକ୍ତାଙ୍କ ଆବଶ୍ୟକତା ପୂରଣ ଆମ ସମସ୍ତଙ୍କର ପ୍ରାଥମିକତା ରହିବା ଉଚିତ ବୋଲି ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି। ଶନିବାର ଦିନ ଖାରବେଳ ଭବନସ୍ଥିତ ଶକ୍ତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୫-'ଟି' ସମୀକ୍ଷା ବୈଠକରେ ଅଧକ୍ଷତା କରି କହିଲେ ଯେ ରାଜ୍ୟ ସରକାରଙ୍କ ଉପରେ ଓଡ଼ିଶାର ଜନସାଧାରଣ ଦୀର୍ଘଦିନ ହେବ ବିଶ୍ୱାସ କରିଆସିଛନ୍ତି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଶକ୍ତି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଓଡ଼ିଶା ବର୍ତ୍ତମାନ ବିଦ୍ୟୁତ ବଳକା ରାଜ୍ୟ ଭାବେ ପରିଗଣିତ। ଏହି ଦୃଷ୍ଟିରୁ ଉପଭୋକ୍ତାଙ୍କୁ ସର୍ବୋଚ୍ଚ ସେବା ଯୋଗାଇଦେବା ବିଭାଗର କର୍ତବ୍ୟ ବୋଲି ମନ୍ତ୍ରୀ ବୈଠକରେ ଉଲ୍ଲେଖ କରିଥିଲେ। ସେହିପରି ଆଗାମୀ୨୦୨୩ରେ ରାଉରକେଲାଠାରେ ହକି ବିଶ୍ୱକପ୍ ଆୟୋଜନ ହେଉଥିବାରୁ ସମଗ୍ର ରାଉରକେଲା ସହରର ବିଦ୍ୟୁତ ଭିତିଭୂମି ସୁଦୃଢ଼ କରିବା ନେଇ ମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତମାନ ସମୟରେ ସୌରଶକ୍ତି ପରି ସବୁଜ ଶକ୍ତିର ଉତ୍ପାଦନ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଏଥି ସହ ବିଭିନ୍ନ ସରକାରୀ ଏବଂ ଘରୋଇ କୋଠାରେ ଅଧିକ ସୌରଶକ୍ତି ଉତ୍ପାଦନ ନିମନ୍ତେ ବ୍ୟବସ୍ଥା ସହ ଆଗାମୀ ଦିନରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବୈଦ୍ୟୁତିକ ଯାନ ବ୍ୟବହାର ନିମନ୍ତେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ ଉପରେ ଆଲୋଚନା ହୋଇଥିଲା।

# କେନ୍ଦ୍ର ଓ ରାଜ୍ୟ ସରକାର ଜନ ବିରୋଧୀ : ବ୍ରଜ ତ୍ରିପାଠୀ

ଭୁବନେଶ୍ୱର,୮/୦୫ (ନି.ପ୍ର): ଗୟାଧର ମଲ୍ଲିକଙ୍କ ସଭାପତିତ୍ୱରେ ସମତା କ୍ରାନ୍ତି ଦଳର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରି ଦଳର ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ବ୍ରଜକିଶୋର ତ୍ରିପାଠୀ କହିଲେ ଯେ, ବର୍ତ୍ତମାନ ଦେଶରେ ବିଜେପି ନେତୃତ୍ୱରେ ଚାଲିଥିବା ୮ ବର୍ଷର କେନ୍ଦ୍ର ସରକାର ସବୁ ଦିଗରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ଅତ୍ୟଧିକ ଦରଦାମ ବୃଦ୍ଧିରେ ସାଧାରଣ ଜନତା ବ୍ୟତିବ୍ୟସ୍ତ। ଶିକ୍ଷିତ ବେକାରୀ ସମସ୍ୟା, ଉତ୍କଟ, ଚାଷୀ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ଦର ନିର୍ଦ୍ଧାରଣକୁ ଆଇଗତ ଦରଜା ଦେବା ପାଇଁ ରାଜରାସ୍ତାରେ, ଶ୍ରମିକ ବେକାର କିମ୍ବା ଦାଦନ ଶ୍ରମିକ ଭାବରେ ଅଧାପେଟରେ ବିଦେଶରେ, ସର୍ବୋପରି ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବାବେଳେ କେନ୍ଦ୍ର ସରକାର ଧର୍ମ ନାମରେ ଦେଶକୁ ବିଭାଜିତ କରିବା ପାଇଁ କାର୍ଯ୍ୟରତ। ଦେଶର ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରୁଥିବା ଓ ସ୍ୱାଧୀନତାକୁ ସ୍ୱୀକାର କରୁନଥିବା ଗୋଷ୍ଠୀ ଓ ସଂଗଠନର ଆଜି ରାଷ୍ଟ୍ରବାଦୀ। ସେହିପରି ଶ୍ରୀ ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ ବିଜେଡ଼ି ସରକାର ଭାରତର ସବୁଠାରୁ ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟ ସରକାର ଅଟନ୍ତି। ସିଏଜି ତାଙ୍କ ରିପୋର୍ଟରେ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣି ରାଜ୍ୟ ରସକାରଙ୍କୁ ଉଲଗ୍ନ କରି ଦେଇଛନ୍ତି। ଲୁହାପଥର ଲୁଟ୍ ଓ କୋଇଲା ଲୁଟ ମହାଦୁର୍ନୀତି, ବକ୍ସାଇଟ ଦୁର୍ନୀତିରେ ରାଜ୍ୟ ବିଜେଡ଼ି ସରକାର ମୁଖ୍ୟ ଭାଗିଦାରୀ ରହିଛନ୍ତି। ଏହା ସାଙ୍ଗକୁ ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି, ଖାଦ୍ୟ ଅନୁପଯୋଗୀ ଚାଉଳ ଯୋଗଣ ସାଙ୍ଗକୁ ଶିଶୁ ଖାଦ୍ୟ ଓ ଡ଼ାଲି ଦୁର୍ନୀତି, ଭେଜାଲ ଔଷଧ, ଜଳସେଚନ, ସମବାୟ ବିଭାଗ ସମେତ ରାଜ୍ୟ ଶାସନର ପ୍ରତ୍ୟେକ ବିଭାଗରେ ଚାଲିଥିବା ଦୁର୍ନୀତିର ଦୁର୍ଗନ୍ଧରେ ଜନସାଧାରଣ ବିବ୍ରତ। ଚିଟ୍‌ଫଣ୍ଡ ଦୁର୍ନୀତିରେ ଶାସକ ଦଳର ସହାୟତାରେ ଓ ପୃଷ୍ଠପୋଷକତାରେ ସାଧାରଣ ନିବେଶଙ୍କ ହଜାର ହଜାର କୋଟି ଟଙ୍କା ବୁଡ଼ି ଯାଉଥିବା ଓ ସରକାରୀ ଦଳର ବହୁ ମନ୍ତ୍ରୀ, ସାଂସଦ, ବିଧାୟକ, ନେତାମାନେ ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗର ତଦନ୍ତ ଆବଶ୍ୟକ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଖଣି ଦୁର୍ନୀତିରେ ଜଷ୍ଟିସ ଶାହା କମିଶନ ରିପୋର୍ଟରେ ସିବିଆଇ ତଦନ୍ତ ସୁପାରିଶ ଉପରେ ରାଜ୍ୟ ସରକାରଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନକରାଯିବା ଉଭୟ କେନ୍ଦ୍ରର ଏନ୍‌ଡ଼ିଏ ଓ ରାଜ୍ୟରେ ବିଜେଡ଼ି ସରକାରଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାର ଭିତ୍ତିରି ସମ୍ପର୍କକୁ ପ୍ରମାଣିତ କରୁଛି। ଚିଟ୍‌ଫଣ୍ଡ ଦୁର୍ନୀତିରେ ସିବିଆଇ ତଦନ୍ତରେ ମନ୍ଥରତା ଜନସାଧାରଣଙ୍କୁ ବିବ୍ରତ କରୁଛି। ରାଜ୍ୟ ସରକାରଙ୍କର 'ଲୋକାୟୁକ୍ତ' ବିଧେୟକୁ ସମାଲୋଚନା କରି ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଦନ୍ତ ବିହୀନ ଏହି ଆଇନରେ ଭିଜିଲାନ୍ସକୁ ଲୋକାୟୁକ୍ତଙ୍କ ଅଧୀନ ନକରିବା ଓ ନାଗରିକ ଅଧିକାରକୁ ସ୍ୱୀକୃତି ନଦେବା ଦ୍ୱାରା ଏହା ସଶକ୍ତ ତଥା ଉଚ୍ଚସ୍ତରରେ ଭ୍ରଷ୍ଟାଚାର ରୋକିବାରେ ସକ୍ଷମ ହେବନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ ଦିଗହରା ଓ ଚିରାଚରିତ ବଜେଟ ଓ ଚାଷୀ, ବେକାରୀ ସମସ୍ୟା ସମାଧାନରେ ବିଫଳ ବଜେଟ ବୋଲି ଶ୍ରୀ ତ୍ରିପାଠୀ କହିଥିବା ବେଳେ ଆଗାମୀ ଦିନରେ ଦେଶର ଅତ୍ୟଧିକ ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତି ଘଟିବ ବୋଲି ସେ କହିଥିଲେ। ଶ୍ରୀ ତ୍ରିପାଠୀ ଆହୁରି ମଧ୍ୟ କହିଥିଲେ ଯେ, ସମତା କ୍ରାନ୍ତି ଦଳ ଅନୁଭବ କରେ ଯେ, ରାଜ୍ୟରେ ଦିଗହରା, ପରସ୍ପର କନ୍ଦଳରେ ଲିପ୍ତ କଂଗ୍ରେସ ଦଳ ଦକ୍ଷ ବିରୋଧୀ ଦଳର ଭୂମିକା ତୁଲାଇବାରେ ଅସମର୍ଥ ହୋଇଛି। ଏଣୁ ଚରମ ଦୁର୍ଦ୍ଦଶା ଭିତରେ ଗତି କରୁଥିବା ଓଡ଼ିଶାର ଜନସାଧାରଣଙ୍କ ପାଇଁ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଜନମୋର୍ଚ୍ଚା ଓ ତାର ଐତିହାସିକ, ସମୟ ଉପଯୋଗୀ, ସଠିକ୍ ନିଷ୍ପତ୍ତି ନେଇ ସମତାକ୍ରାନ୍ତି ଦଳରେ ନିଜକୁ ବିଲୀନ କରିଦେଇଛି। ଓଡ଼ିଶାର ଅନ୍ୟ ଛୋଟ ଛୋଟ ଦଳ, ମିଳିତ ହୋଇପାରିଲେ ରାଜ୍ୟକୁ ସୁସ୍ଥ, ଦୁର୍ନୀତିମୁକ୍ତ କାର୍ଯ୍ୟକ୍ଷମ ଶାସନ ଦେବାରେ ସଫଳ ହୋଇପାରିବ ଓ ଦେଶରେ ସମତା ଭିତ୍ତିକ ଶାସନ ଓ ଆର୍ଥିକ ବ୍ୟବସ୍ଥା ପାଇଁ ଆଶା ସୃଷ୍ଟି ହେବ। ଶ୍ରୀ ତ୍ରିପାଠୀ ଓଡ଼ିଶାର ସମସ୍ତ ବାମପନ୍ଥୀ ଦଳ, ପ୍ରଗତିଶୀଳ ଦଳ, ଗଣ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ଜନବିରୋଧୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମିଳିତ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ।

# ଓଡ଼ିଶାରେ ମହିଳା ସଶକ୍ତୀକରଣ ନୂତନ ଉଚ୍ଚତାରେ ପହଞ୍ଚିଛି : ଡ. ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୮/୦୫ (ନି.ପ୍ର): ''ରାଷ୍ଟ୍ର ବିକାଶ ଲକ୍ଷ୍ୟ ହାସଲର ଆଧାରଶୀଳା ହେଉଛି ମହିଳାମାନଙ୍କର ପ୍ରଗତି। ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ପ୍ରଗତି ବିନା ରାଷ୍ଟ୍ରର ବିକାଶ ଅକଳ୍ପନୀୟ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହିଳାମାନଙ୍କ ଭିତରେ ରହିଛି ଦୃଢ଼ ପ୍ରତିବଦ୍ଧତା ଓ ଆତ୍ମବିଶ୍ୱାସ। ସେମାନେ ଯେତେବେଳେ କୌଣସି ଲକ୍ଷ୍ୟ ନେଇ ସଂକଳ୍ପବଦ୍ଧ ହୁଅନ୍ତି, ତାହା ନିଶ୍ଚୟ ସାକାର କରନ୍ତି। ତେଣୁ ରାଜ୍ୟର ବିକାଶ ଲକ୍ଷ୍ୟ ହାସଲ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କର ଶାସନକାଳରେ ରାଜ୍ୟରେ ମହିଳା ସଶକ୍ତୀକରଣ ଏକ ନୂତନ ଉଚ୍ଚତାରେ ପହଞ୍ଚିଛି। ବିଶେଷ କରି 'ମିସନ୍ ଶକ୍ତି' ଜରିଆରେ ରାଜ୍ୟର କୋଣଅନୁକୋଣର ମହିଳା ସାମାଜିକ ସମ୍ମାନ ଓ ଆର୍ଥିକ ସ୍ୱାବଲମ୍ବନ ଲାଭ କରିବାକୁ ସକ୍ଷମ ହୋଇଛନ୍ତି। ଏହି କାରଣରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ହେଉଛି ମହିଳାମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ।'' ଭୁବନେଶ୍ୱରରେ ଆୟୋଜିତ ଦେଶର ପ୍ରଥମ ମହିଳା ବିଜନେସ୍ ମେଳାରେ ଯୋଗ ଦେଇ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି 'କିଟ୍' ଓ' କିସ୍'ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ। ମୁଁ ମହିଳାଙ୍କୁ ସମ୍ମାନ ଦେଇ ଆସିଛି ଏବଂ ମହିଳାଙ୍କ ଶିକ୍ଷା ଓ ସଶକ୍ତୀକରଣ ପାଇଁ ସୁଯୋଗ ସୃଷ୍ଟି କରିଛି। ଏହା ହିଁ ମୋ ସଫଳତାର ଏକ ବଡ଼ ଦିଗ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମେ ୪ରୁ ୮ ତାରିଖ, ୫ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେଉଛି ଭାରତର ପ୍ରଥମ ମହିଳା ବିଜନେସ୍ ମେଳା। ମେଳାର ତୃତୀୟ ଦିବସରେ ଅନୁଷ୍ଠିତ 'ମହିଳା-ଶିକ୍ଷା-ସଶକ୍ତୀକରଣ' ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡ. ଅଚ୍ୟୁତ ସାମନ୍ତ ମେଳାର ଆୟୋଜକଙ୍କୁ ଏପରି ଏକ ଅଭିନବ ତଥା ବିଶାଳ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିପାରିଥିବାରୁ ପ୍ରଶଂସା କରିଥିଲେ। ଏଥିସହ ସେ ଉପସ୍ଥିତ ମହିଳା ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଜଣାଇଥିଲେ କି ପ୍ରତି ଉଦ୍ୟୋଗୀ ଅନ୍ତତଃ ୧୦ ଜଣ ମହିଳାଙ୍କୁ ସହାୟତାର ହାତ ବଢ଼ାଇ ଯୋଗ୍ୟ କରନ୍ତୁ। ଏହା ଫଳରେ ପୂରା ଦୃଶ୍ୟପଟ୍ଟରେ ଏକ ବିଶାଳ ପରିବର୍ତ୍ତନ ଆସିବ। ସେ ଆହୁରି ମଧ କହିଥିଲେ ଯେ ନାରୀ ସଶକ୍ତୀକରଣ କେବଳ ସହରାଞ୍ଚଳରେ ସୀମିତ ହେବା ଉଚିତ ନୁହେଁ, ଗ୍ରାମୀଣ ମହିଳାମାନେ ମଧ ଏହି ଧାରାରେ ସାମିଲ ହେବା ଦରକାର। ଗ୍ରାମାଞ୍ଚଳର ମହିଳାଙ୍କ ଭିତରେ ବହୁ ସମ୍ଭାବନା ରହିଛି। ସେଠାରେ ବହୁ ଦକ୍ଷ ଏବଂ ପ୍ରତିଭାସଂପନ୍ନ ମହିଳା ଅଛନ୍ତି। ସେମାନଙ୍କୁ ଯଦି ଉଚିତ ଭାବେ ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରାଯିବ ତେବେ ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ହୋଇପାରିବ।

# ମାନବ ସେବାରେ ରେଡକ୍ରସ୍ ଜୟଯାତ୍ରା ଅବ୍ୟାହତ : ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ




ଭଦ୍ରକ, ୦୮/୦୫ (ନି.ପ୍ର): ପ୍ରତିବର୍ଷ ମଇ ୮ ତାରିଖରେ ପାଳନ କରାଯାଇ ଆସୁଥିବା ବିଶ୍ୱ ରେଡ଼କ୍ରସ ଦିବସ ଭଦ୍ରକ ଜିଲ୍ଲାସ୍ତରରେ ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ପାଳନ କରାଯାଇଛି । ଏଥି ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ତଥା ଏ.ପି.ଡ଼ି. ଏବଂ ଜିଲ୍ଲା ରେଡ଼କ୍ରସର ଉପସଭାପତି କୁଶଳ ଚନ୍ଦ୍ର ନାଏକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରେଡ଼କ୍ରସ ପତାକା ଉତ୍ତୋଳନ କରିବା ସହିତ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଦିବସ ପାଳନ ଉପଲକ୍ଷେ ସ୍ୱତନ୍ତ୍ର ଭୁର୍ଜନ ଅଧିକାରୀ ଏବଂ ଜିଲ୍ଲା ରେଡ଼କ୍ରସ୍‌ର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥିଙ୍କ ସହ ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ମନୋଜ ପାତ୍ର, ଅନ୍ୟତମ ସମ୍ମାନିତ ଅତିଥିଭାବେ ଡ଼େପୁଟୀ କଲେକ୍ଟର କସ୍ତୁରୀବାଳା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ କରି ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ତାଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଯୁଦ୍ଧ ପ୍ରପିଡ଼ିତ ଆହତ ସୈନ୍ୟଙ୍କୁ ଚିକିତ୍ସା, ସାହାଯ୍ୟ ଘଟଣାରୁ ରେଡ଼କ୍ରସ୍ ସଂଗଠନ ଜନ୍ମ ନେଇଥିଲେ ବି ଆଜି ତାର କାର୍ଯ୍ୟ ପରିସର କେତେ ବ୍ୟାପକ ହୋଇଛି, ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟା, ଭୂମିକମ୍ପ, ଦୁର୍ଘଟଣା ଆଦି ବିଭିନ୍ନ କ୍ଷେତ୍ରରେ ଦୁର୍ଗତ ମାନଙ୍କ ସେବାରେ ରେଡ଼କ୍ରସର ଜୟଯାତ୍ରା କିପରି ଅବ୍ୟାହତ ରହିଛି ଅତିଥି ଓ ଉପସ୍ଥିତ ସଦସ୍ୟମାନେ ବକ୍ତବ୍ୟ ପ୍ରସଙ୍ଗରେ ବର୍ଣ୍ଣନା କରିବା ସହିତ ହେନେରୀ ଡୁନାଣ୍ଟଙ୍କ ଜୀବନୀ, ରେଡ଼କ୍ରସ ସୋସାଇଟି ଗଠନର ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଭଦ୍ରକ ଜିଲ୍ଲା ରେଡ଼କ୍ରସ୍‌ର ଆୟ ବ୍ୟୟ ସମ୍ବନ୍ଧରେ ସୂଚନା ଦେବା ସହ ଭଦ୍ରକ ଜିଲ୍ଲା ଡ଼ାକ୍ତରଖାନାକୁ ଆମ୍ବୁଲାନସ୍ ଯୋଗାଣ ଏବଂ ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ଦୁର୍ଗତ ଲୋକଙ୍କୁ ସାହାଯ୍ୟ ପ୍ରଦାନ ସମ୍ବନ୍ଧରେ ସଭାପତି ଶ୍ରୀଯୁକ୍ତ ମଣ୍ଡଳ ପ୍ରକାଶ କରିଥିଲେ । ସୂଚନା ଯୋଗ୍ୟକି ୨୦୨୧-୨୨ ବର୍ଷରେ ରେଡ଼କ୍ରସର ସମୁଦାୟ ଆୟ ୪୯,୨୨.୫୩୭ ଟଙ୍କା ଥିବା ବେଳେ ବ୍ୟୟ କରାଯାଇଛି ୨୪,୧୩,୦୨୪ ଟଙ୍କା । ଆଗରପଡ଼ାର ଗୋପିନାଥ ଦାସ , ଧାମନଗର ମଞ୍ଜୁଲତା ସ୍ୱାଇଁ ନୂତନ ଆଜୀବନ ସଦସ୍ୟ ଭାବେ ଆଜି ରେଡ଼କ୍ରସ୍‌ରେ ଯୋଗଦାନ କରିଥିଲେ ।

## ସର୍ପାଘାତରେ ଯୁବକର ମୃତ୍ୟୁ



ବାଲିଆପାଳ, ୦୮/୦୫ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପଂଚାୟତ ପଂଚରୁଖି ଗ୍ରାମର ଜୈନିକ ଯୁବକର ସର୍ପାଘାତରେ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ହେଲେ ଜୟ କିଶୋର ରାଉତ(୪୫) । ପରିବାର ଲୋକ କହିବାଅନୁଯାୟୀ ଜୟକିଶୋର ସନ୍ଧ୍ୟାରେ ଘର ପାଖରେ ଥିବା ଗାଧୁଆ ଘରକୁ ଯାଇଥିଲେ । ସେଠାରୁ ଫେରୁଥିବା ବେଳେ ଗୋଡରେ କେହି କାମୁଡି ଦେଇଥିଲା । ଘଟଣାସ୍ଥଳରେ ଜୟକିଶୋର ପଡିଯାଇ ଚେତାଶୂନ୍ୟ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ଏନେଇ ବାଲିଆପାଳ ଥାନାରେ ଅଭିଯୋଗ କରାଯିବା ସହ ଆସନ୍ତା କାଲି ଶବବ୍ୟବଚ୍ଛେଦ କରାଯିବ । ଏହି ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ମେରୁଦଣ୍ଡ ଜନିତ ରୋଗ ନିରାକରଣ ପାଇଁ ବିସ୍ତସ୍ତରୀୟ ଗଣ ଦୌଡ

ଜଳେଶ୍ୱର, ୦୮/୦୫ (ନି.ପ୍ର): ମେରୁଦଣ୍ଡ ଜନିତ ରୋଗର ନିରାକରଣ, ଚିକିତ୍ସା ଓ ସଚେତନତା ଲାଗି ଏକ ସମୟରେ ସମଗ୍ର ବିଶ୍ୱରେ ଗଣଦୌଡ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଉଇନସ୍ ଫର ଲାଇଫ ୱାଲର୍ଡ ପକ୍ଷରୁ ଜଳେଶ୍ୱର ଠାରେ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୪.୩୦ରେ ଦିଗାମ୍ବରୀ ଆଇଟିଆଇ ଠାରୁ ଏହି ଗଣ ଦୌଡ ଆରମ୍ଭ ହୋଇ ଷ୍ଟେସନଛକଠାରେ ଶେଷ ହୋଇଥିଲା । ଏହି ଦୌଡକୁ ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଶିକ୍ଷାବିତ୍ ଡ. ଅଜିତ୍ ମହାନ୍ତି ପୌରହିତ୍ୱ କରିଥିଲେ । ରେଡବୁଲ ସଂଗଠନର କ୍ଷେତ୍ର ପ୍ରତିନିଧି ଅଂଶୁମାନ ମହାନ୍ତି ଯୋଗ ଦେଇଥିବା ବେଳେ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ, ସୁକୁମାର ରଣା, ମଧୁଛନ୍ଦା ମହାନ୍ତି, ପଣ୍ଡିତ ରବିନାରାୟଣ ମିଶ୍ର, ଶ୍ରୀକାନ୍ତ ଦାସ, ନନ୍ଦନ ଦତ୍ତ, ପ୍ରଣବ ଗିରି, ପ୍ରକାଶ ଦିନ୍ଦା, ସୁମତି ମହାନ୍ତି, କାର୍ତ୍ତିକ ମହାପାତ୍ର, ଉତ୍ତମ ଗିରି, ରଂଜନ ଦେ ପ୍ରମୁଖ ଯୋଗ ଦେଇଥିଲେ ।

## ଧର୍ମଶାଳା ବିଜେପିର ସମୀକ୍ଷା ବୈଠକ

ଧର୍ମଶାଳା,୦୮/୦୫ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବିଜେପି ପକ୍ଷରୁ ଜାରକାଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଗୌତମ ରାୟ, ଜିଲା ପ୍ରଭାରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଭାଜପା ପୂର୍ବ ସଂଗଠନର ଶାରଦା ପ୍ରସାଦ ଶତପଥୀ, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ବ୍ରଜ କିଶୋର ଭୂୟାଁ ଓ ଭଦ୍ରକ ଜିଲାର ସାଙ୍ଗଠନିକ ମୁଖ୍ୟ ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇ ପଂଚାୟତ ନିର୍ବାଚନ ଫଳାଫଳ ସମ୍ପର୍କରେ ୫୪ ଗୋଟି ପଂଚାୟତର ବିଜେପି କର୍ମକର୍ତାଙ୍କ ସହ ଆଲୋଚନା କରିବା ସହିତ ୨୦୨୪ ସାଧାରଣ ନିର୍ବାଚନରେ ଦଳ କିପରି ସଫଳତା ପାଇବ ଏନେଇ ଆଲୋଚନା କରାଯାଇଥିଲା ।

## ୫ ଥର ଆବେଦନ ପରେ ବି ମିଳିଲାନି ଭତ୍ତା



ଖଇରା,୦୮/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ଗ୍ରାମ ପଞ୍ଚାୟତ ଅଧୀନ ଶାଳଗଡିଆ ପାଇକସାହି ଗ୍ରାମର ଭାମା ନାଇକଙ୍କର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେଉଛି । ସ୍ୱାମୀ ମରିବାର ୬ବର୍ଷ ହେଲାଣି । ପୁଅ ହୋହୂ ଆଉ ତାଙ୍କ ମୁହଁକୁ ଚାହୁଁ ନାହାନ୍ତି । ଏଭଳି ପରିସ୍ଥିତିରେ ସାମାଜିକ ସୁରକ୍ଷା ଯୋଜନାରେ ବିଧବା ଭତ୍ତାଟିଏ ପାଇଁ ୫ ଥର ଆବେଦନ କରି ବିଫଳ ହେଲେଣି । ପଞ୍ଚାୟତର ଯୁବ ନେତା ଦୈତାରୀ ପଣ୍ଡା ଓ ଭାର୍ଗବ ପାତ୍ର ଙ୍କୁ ତାଙ୍କର ଏହି ଦୁଃଖ ଜଣାଇବା ରେ ସେମାନେ ଜିଲାପାଳଙ୍କୁ ଜଣାଇବାକୁ ପ୍ରତିଶୃତି ଦେଇଛନ୍ତି । ଯଦି ଭାମା ଭତ୍ତା ସମସ୍ୟା ସମାଧାନ ନହୁଏ ତେବେ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ।

## ମାତୃ ଦିବସ ଉପଲକ୍ଷେ ଏକ ବ୍ଲଡ ଡୋନେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ତମାଣ୍ଡ ସ୍ୱିରଙ୍ଗ ଭିଲା ଆସୋସିଏଶନ ରେ ମାତୃ ଦିବସ ଉପଲକ୍ଷେ ଏକ ବ୍ଲଡ଼ ଡୋନେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଆସୋସେଶନ ସଭାପତି ସେଖ ମୀରାଜୁଲ ହକ ସହ ସଂପାଦକ ସୌଭାଗ୍ୟ ନାୟକ, ସୁରେଖା ମିରେଲି ଗ୍ରୁପ ର ନିର୍ଦ୍ଦେଶକ ସୁରେଶ ସୁରେକା,ଜିତୁ ମହାପାତ୍ର,ସ୍ମୃତି ମହାପାତ୍ର,ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଆଜିର ଏହି ପବିତ୍ର ଦିନକୁ ଏଭଳି ଢଙ୍ଗରେ ପାଳନ କରିଛି ସ୍ୱିରଙ୍ଗ ଭିଲା ଆସୋସେଶନ ଏହି ରକ୍ତ ଦାନ ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ଶ୍ରୀମଦ୍ ଆଦିଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ

ଭଦ୍ରକ, ୦୮/୦୫ (ନି.ପ୍ର): ଶ୍ରୀମଦ୍ ଆଦିଶଙ୍କରାଚାର୍ଯ୍ୟ ଜୟନ୍ତୀ ଗରଦପୁରଠାରେ ଅଧିବକ୍ତା ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ପଣ୍ଡିତ ମଧୁସୂଦନ ତ୍ରିପାଠୀଙ୍କ ବେଦ ପାଠ ପରେ ଶିକ୍ଷୟତ୍ରୀ ମନୋରମା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଜୟନ୍ତୀ ସଭାରେ ମୁଖ୍ୟ ବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟ ଅତିଥି ଭାବରେ ଭଦ୍ରକ ପୌରପାଳିକାର ପୌରପାଳ ଗୁଲମକ୍ସୀ ଦଲୱାଜି ହବିବ୍ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମଣ କୁମାର ମହାନ୍ତି ଯୋଗ ଦେଇଥିଲେ । ସନାତନ ଧର୍ମର ଆଦ୍ୟ ପ୍ରବର୍ତ୍ତକ ଆଦିଶଙ୍କରାଚାର୍ଯ୍ୟଙ୍କ ବାଣୀ ଓ ଧାର୍ମିକ ଚେତନାକୁ ମୁଖ୍ୟ ବକ୍ତା ଅତ୍ୟନ୍ତ ସାବଲୀଳ ଭାବେ ବର୍ଣ୍ଣନା କରି ପରବର୍ତ୍ତୀ ସମୟରେ ସନାତନ ଧର୍ମ କିଭଳି ହିନ୍ଦୁ ଧର୍ମରେ ରୂପାନ୍ତରିତ ହୋଇଥିଲା ତାହା ବର୍ଣ୍ଣନା କରିଥିଲେ । ମୁଖ୍ୟଅତିଥି ମହୋଦୟା ଭଦ୍ରକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶତତ ଚେଷ୍ଟିତ ହେବା ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଦ୍‌ଭାବ ତଥା ଭାଇଚାରାକୁ ବଜାୟ ରଖିବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ସଭାରେ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଅଧିକ୍ଷକ ହୃଷିକେଶ ମହାନ୍ତି, ସନ୍ତୋଷ କୁମାର ମହାପାତ୍ର (କ), ସନ୍ତୋଷ ମହାପାତ୍ର (ଖ), କୈଳାସ ଚନ୍ଦ୍ର ଦାସ, ଶକୁନ୍ତଳା ଦାସ, ଝରଣା ଦାସ, ମନୋରମା ପାଢ଼ୀ, ରାମଚନ୍ଦ୍ର କର, ରବିନାରାୟଣ ଜେନା, ଶିକ୍ଷକ ଅଶୋକ ସାହୁ, ପ୍ରଫୁଲ୍ଲ ଦାସ, ପ୍ରମୁଖ ଯୋଗ ଦେଇଥିଲେ ।

## ବାଗ୍ମୀ ରଜତ କରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ସୁସାହିତ୍ୟିକ, ଜଗନ୍ନାଥ ସଂସ୍କୃତି ର ଅନନ୍ୟ ଗବେଷକ ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶୋକବାର୍ତା ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ରଜତ କର ଓଡ଼ିଆ ସାରସ୍ୱତ ଜଗତକୁ ବହୁ ଭାବରେ ସମୃଦ୍ଧ କରିଯାଇଛନ୍ତି । ଭଞ୍ଜ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ଓଡ଼ିଆ ସଂସ୍କୃତି ଓ ପରମ୍ପରା ବିଶେଷ କରି ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ରେ ତାଙ୍କର ଅବଦାନ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ. ତାଙ୍କ ବିୟୋଗରେ ଓଡିଶା ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକ ସନ୍ତପ୍ତ ପରିବାର କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ପରଲୋକ ଗତ ଆତ୍ମାର ସଦଗତି କାମନା କରିଛନ୍ତି ।

## ଜନନୀ ପରିବାର ପକ୍ଷରୁ ବିଶ୍ୱ ମାତୃଦିବସ ପାଳିତ



ବାଲିଆପାଳ, ୦୮/୦୫ (ନି.ପ୍ର): ମା ଶବ୍ଦଟିରେ ଭରିରହିଛି ଅମୃତ ମୟ ଅନୁଭବ । ଥରେ ଡାକିଦେଲେ ସବୁ ବିପଦକୁ ତୁଚ୍ଛ କରି ସାମ୍ନାକୁ ଡେଇଁପଡେ ଯିଏ ସେ ହେଉଛି ମା । ଆଜି ଜନନୀ ପରିବାର ପକ୍ଷରୁ ବାଲିଆପାଳ ବସଷ୍ଟାଣ୍ଡ ଠାରେ ଆୟୋଜିତ ବିଶ୍ୱ ମାତୃଦିବସ ଅବସରରେ ଆୟୋଜିତ ସଭାରେ ଅତିଥିମାନେ ଉପସ୍ଥିତ ରହି ଏହିପରି ବକ୍ତବ୍ୟ ପ୍ରଦାନ କରିଥିଲେ । ଜନନୀ ପରିବାରର ଆବାହକ ଜ୍ୟୋତ୍ସ୍ନା ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ବିଜୁ ଜନତା ଦଳର ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା, ବାଲିଆପାଳ ବ୍ଲକ ଅଧକ୍ଷା ରଞ୍ଜିତା ନାୟକ,ବିଜେପି ନେତ୍ରୀ ଶାରଦା ଗିରି,ଅଭୟ ମୁନି,ମହିନୀ ମୁନି, ମଧୁସୂଦନ ମୁନି, ସାମ୍ବାଦିକ ଦିଲିପ ଦାସ ଏବଂ ସମାଜସେବୀ କ୍ଷୀତିଶ ଜେନା ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଜନନୀ ପରିବାରର ବ୍ଲକ ସଭାପତି ସେହ୍ନଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଭଦ୍ରା ରାଉତ, ସବିତା ବେହେରା, ମିନତୀ ଦଳାଇ, ସୁଭଦ୍ରା ବେହେରା, ପ୍ରମିଳା ବେହେରା, କାଂଚନ ମନ୍ତ୍ରୀ, ଲକ୍ଷ୍ମୀ ବେହେରା ପ୍ରମୁଖ ମହିଳାମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ଜିକେଭଞ୍ଜର ହସ୍‌ପିଟାଲର ବିଭିନ୍ନ ସମସ୍ୟା ନେଇ ବିଜେପି ପ୍ରତିନିଧି ଦଳର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା



ଜଳେଶ୍ୱର, ୦୮/୦୫ (ନି.ପ୍ର): ଜଳେଶ୍ୱର ଠାରେ ଥିବା ଜିକେ ଭଞ୍ଜର ହସ୍‌ପିଟାଲ ସମଗ୍ର ଉତ୍ତର ବାଲେଶ୍ୱରକୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବେଳେ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ ନ ଥିବାରୁ ଆଜି ବିଜେପିର ଏକ ପ୍ରତିନିଧି ଦଳ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଡାକ୍ତରଖାନାଟି ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ୫୫ କି.ମି. ଦୂରରେ ଥିବା ବେଳେ ଏହା ଉପରେ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକର ରୋଗୀମାନେ ଭରସା କରିଥାନ୍ତି । ଏହା ସହିତ ପଶ୍ଚିମବଂଗର ପଶ୍ଚିମ ଓ ପୂର୍ବ ମେଦିନୀପୁର ଜିଲାର ରୋଗୀମାନେ ମଧ୍ୟ ନିର୍ଭର କରିଥାନ୍ତି । ଏହା ଜାତୀୟ ରାଜପଥ ୬୦ ଓ ରାଜ୍ୟ ରାଜପଥ ୫୭ର ଅନତୀ ଦୂରରେ ଥିବାରୁ ବହୁ ସମୟରେ ଦୁର୍ଘଟଣା ଜନିତ ଜରୁରୀ ଚିକିତ୍ସାର ଆବଶ୍ୟକତା ହୋଇଥାଏ । ଏଠାରେ ଥିବା ଏକ୍ସରେ ମେସିନ୍‌ଟି ଦୀର୍ଘଦିନ ଧରି ଅଚଳ ହୋଇଥିଲେ ମଧ୍ୟ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ, ନେତୃମଣ୍ଡଳୀ ଓ ପରିଚାଳନା କମିଟିର ଦୃଷ୍ଟି ନ ଥିବାରୁ ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଥିଲେ । ଆଜିର ବୈଠକରେ ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ଅରୁଣ ବେଜ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ମହିଳାମୋର୍ଚ୍ଚା ସଭାନେତ୍ରୀ ସୁବାସିନୀ ଜେନା, ସୁମତି ରଣା, ଯୁବମୋର୍ଚ୍ଚା ସଭାପତି ରବୀନ୍ଦ୍ର ପାତ୍ର, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ଦେବଯାନୀ ଅଣ୍ଡିଆ, ଜଗନ୍ନାଥ ଗୋଛାୟତ, ରଂଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଉ ନାହାନ୍ତି ପଦ୍ମଶ୍ରୀ....

୧୯୩୪ ମସିହାର ଅକ୍ଟୋବର ୨ ତାରିଖରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ କୁଳମଣି କର ଓ ମାତାଙ୍କ ନାମ ଇନ୍ଦୁମତୀ ଦେବୀ । ସେ ରେଭେନ୍ସା କଲିଜେଟ ସ୍କୁଲର ଛାତ୍ର ଥିଲେ ଓ ପରେ ଅର୍ଥନୀତିରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ । ଜଗନ୍ନାଥ ଧର୍ମ ଓ ରୀତିନୀତିକୁ ନେଇ ସେ ଅନେକ ସାହିତ୍ୟ ରଚନା କରିଥିଲେ । ୨୦୦୬ରେ ଜନ ଜୀବନରେ ଜଗନ୍ନାଥ, ୨୦୦୮ରେ ଅନନ୍ୟ ଜଗନ୍ନାଥ ଅନୁଭୂତିରେ, ୧୯୭୧ରେ ଅନ୍ଧପୁତୁଳି, ୧୯୬୭ରେ ଚନ୍ଦନ ହଜୁର, ୧୯୯୯ରେ ଜଣାଣ ଜଣାଉଛି ଜଗନ୍ନାଥଙ୍କୁ, ୧୯୯୯ରେ ବାଇଶି ପାବଚ୍ଛ ଓ ୨୦୦୭ରେ ଜନମାନସରେ ଭଞ୍ଜ ତାଙ୍କ ଦ୍ୱାରା ରଚିତ ପୁସ୍ତକ ବେଶ ଲୋକପ୍ରିୟ ହୋଇପାରିଥିଲା । ରଜତ କର ଜଣେ ଶିକ୍ଷାବିତ୍ ଭାବେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଦୀର୍ଘ ବର୍ଷ କାମ କରିଥିଲେ ଓ ଏସସିଇଆଇଟିର ନିର୍ଦ୍ଦେଶକ ଭାବେ ଚାକିରିରୁ ଅବସର ଗ୍ରହଣ କରିଥିଲେ । ସେ ଆକାଶବାଣୀର ବିଭିନ୍ନ କାର୍ଯ୍ୟକ୍ରମରେ ଅଭିନୟ କରିବା ସହିତ ଅନେକ ନାଟକ ମଧ୍ୟ ରଚନା କରିଛନ୍ତି । ତାଙ୍କୁ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାର ମିଳିଥିବା ବେଳେ ୨୦୦୯ରେ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ୨୦୧୧ରେ ଗୋଦାବରୀଶ ମିଶ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଆଜି ତାଙ୍କ ଦେହାନ୍ତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି ।

### ଛୋଟପିଲାଙ୍କୁ କରୋନା....

ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ଛାତ୍ରଙ୍କ ଠାରେ କରୋନା ଲକ୍ଷଣ ନଥିବା ବେଳେ ସମସ୍ତ ଛାତ୍ର ସୁସ୍ଥ ଅଛନ୍ତି । ଖବର ପାଇ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି । ଗତ ୪ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ଆରଆରଟି ଟିମ୍ ପକ୍ଷରୁ ହଷ୍ଟେଲରେ ରହୁଥିବା ୨୫୭ ଜଣ ପିଲାଙ୍କ ଆରଟିପିସିଆର ଟେଷ୍ଟ କରାଯାଇଥିଲା । ଏଥିରେ ୪୪ଜଣ ଛାତ୍ରଙ୍କ ନମୂନା ପଜିଟିଭ ବାହାରିଛି । ସଂକ୍ରମଣ ନବ୍ୟାପିବା ପାଇଁ ହଷ୍ଟେଲ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ସେହିପରି ବିଷମକଟକ ବ୍ଲକ ହାଟମୁନିଗୁଡ଼ା ସରକାରୀ ବିଦ୍ୟାଳୟରେ ମଧ ୨୦ ଜଣ ଛାତ୍ର କରୋନା ପଜିଟିଭ ହୋଇଛନ୍ତି ।

### ବିଶ୍ୱ ରେଡ୍‌କ୍ରସ୍ ଦିବସ....

ଚାଲିବା ଆବଶ୍ୟକ ବୋଲି ପୋଲିସ କମିସନରେଟ ରେଡକ୍ରସ୍‌ର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ତଥା ବରିଷ୍ଠ ଆଜୀବନ ସଦସ୍ୟ ଅଧିବକ୍ତା ଦିଲ୍ଲିପ ଦାଶଶର୍ମା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପ୍ରସନ୍ନ ରଥ, ମମତା ପାଢ଼ି, ଶିତଳ ଚନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ବାସନ୍ତୀ ତ୍ରିପାଠୀ, ଗୋପୀ ମୋହନ ପଟ୍ଟନାୟକ, ସମରଞ୍ଜନ ମହାନ୍ତି, ସମରେନ୍ଦ୍ର କୁମାର ବିଶ୍ୱାଳ, ଆଦିତ୍ୟ ମହାନ୍ତି ଓ ମାନସ ସ୍ୱାଇଁ ଆଦି ଆଜୀବନ ସଦସ୍ୟ ସଦସ୍ୟା ମାନେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

### ପୁରୀ ଠାରୁ ୯୦ କିମି....

ଶ୍ରୀ ଜେନା ଆହୁରି କହିଛନ୍ତି, ସମୁଦ୍ର ଭିତରକୁ ଯାଇଥିବା ଓଡ଼ିଶା ସବୁ ମାଛଧରା ଡଙ୍ଗା ଆଜି ସୁଦ୍ଧା ଫେରି ଆସିଛି । ପ୍ରାୟ ୫୬ଟି ବୋଟ ସମୁଦ୍ର ମଧ୍ୟରେ ରହିଥିଲା । ସେହିପରି ଚିଲିକାରେ ଚଳାଚଳ କରୁଥିବା ୧୦୦୦ ବୋଟ ମଧ୍ୟରୁ ଅନେକ ଆଜି ଫେରି ଆସିଛନ୍ତି । କାଲି ବିଭାଗ ଏହା ଉପରେ ଗୁରୁତ୍ୱ ଦେଇ ସବୁ ଡଙ୍ଗାକୁ ଫେରାଇ ଆଣିବ । ବାତ୍ୟା ଯୋଗୁ ୭ରୁ ୧୧ ସେମି ଭିତରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି । ଗ୍ରୀଷ୍ମ କାଳରେ ବର୍ଷା ହେବ । ଏବେ ଖରା ଯୋଗୁ ନଦୀ ନାଳ ଓ ମାଟି ଶୁଖିଲା ରହିଛି । ତେଣୁ ବର୍ଷା ହେଲେ ମଧ ବନ୍ୟାର ଆଶଙ୍କା ନାହିଁ । ତଥାପି ଜିଲ୍ଲା ଓ ମନ୍ୟୁସିପାଲ ଅଧିକାରୀମାନଙ୍କୁ ପାଣି ଜମି ରହିବା ସମସ୍ୟା ଉପରେ ଦୃଷ୍ଟି ରଖିବାକୁ କହିଛୁ । ଦରକାର ପଡ଼ିଲେ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ । ସତର୍କତା ସ୍ୱରୂପ ଗଞ୍ଜାମ ଜିଲ୍ଲାରେ ୨ଟି, ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ, ସାତପଡ଼ା, ପୁରୀ, ଅସ୍ତରଙ୍ଗ-କୋଣାର୍କରେ ଗୋଟିଏ ଲେଖାଏ ଓଡ୍ରାଫ ଟିମ୍ ମୁତୟନ ହେବେ ।

### ୨ ବର୍ଷ ପରେ ଭକ୍ତଙ୍କ ଲାଗି....

ମଧ୍ୟରୁ 'ଚାର ଧାମ' ମଧ୍ୟରୁ ଅନ୍ୟତମ । ଯେଉଁଥିରେ ଯମୁନୋତ୍ରୀ, ଗାଙ୍ଗୋତ୍ରୀ ଏବଂ କେଦାରନାଥ ମଧ ଅନ୍ତର୍ଭୁକ୍ତ । ଏହା ଉତ୍ତରାଖଣ୍ଡର ବଦ୍ରିନାଥ ସହରରେ ଅବସ୍ଥିତ । ଏହି ଧାମ ପ୍ରତିବର୍ଷ ଛଅ ମାସ ପାଇଁ ଖୋଲା ରହେ । ଅକ୍ଷୟ ତୃତୀୟାର ଶୁଭ ଅବସରରେ ଉତ୍ତର ପ୍ରଦେଶ ଜିଲ୍ଲାର ଗାଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ମନ୍ଦିରର ଦ୍ୱାର ଖୋଲିବା ସହିତ ଚାରିଧାମ ଯାତ୍ରା ଆରମ୍ଭ ହୋଇଥିଲା । ଯାତ୍ରୀମାନଙ୍କ ସୁବିଧାକୁ ଧ୍ୟାନରେ ରଖି ଉତ୍ତରାଖଣ୍ଡ ସରକାର ଯାତ୍ରୀମାନଙ୍କ ରହିବା, ଖାଦ୍ୟ ଏବଂ ପାର୍କିଂ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଛନ୍ତି । ଭକ୍ତମାନଙ୍କୁ ଆସିବା ପୂର୍ବରୁ ରାଜ୍ୟ ପୋର୍ଟାଲରେ ପଞ୍ଜିକରଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି ।

### ନବକଳେବର ପାଇଁ ନୂଆଦିଲ୍ଲୀ....

ଗୋଷ୍ଠୀରେ ଭାଗ ହୋଇ ଦିଲ୍ଲୀ ଗସ୍ତ କରିଥିବା ଜଣା ପଡିଛି । ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ସମର୍ଥକ ବିଧାୟକଙ୍କୁ ନେଇ ପୁର୍ବରୁ ରାଜଧାନୀରେ ଡେରା ପକାଇଥିବା ବେଳେ, ଅନ୍ୟତମ ଦାବିଦାର ମହମ୍ମଦ ମୋକିମ ରବିବାର ଅନ୍ୟ କିଛି ବିଧାୟକଙ୍କ ସହ ଗସ୍ତ କରିଛନ୍ତି । କୁହାଯାଉଛି ସୋମବାର ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ଦଳକୁ ମିଳିବ ନୂଆ ମୁଖିଆ । ତେଣୁ ମୁଣ୍ଡ ଉପରେ ଥିବା ବ୍ରଜରାଜନଗର ଉପ-ନିର୍ବାଚନରେ ଦଳର ଲଢେଇ ବୟାନ କରିବ ଯେ, ରାହୁଲଙ୍କ ମନ୍ତ୍ର ରାଜ୍ୟ କଂଗ୍ରେସକୁ କେତେ ସୁଧାରି ପାରୁଛି ।

### ଫାର୍ମା କମ୍ପାନୀ ଉପରେ....

ଚଢାଉ କରିଥିଲ । ଏହି ସମୟରେ ବେଆଇନ ଭାବେ ଫାର୍ମା କମ୍ପାନୀ ଚଳାଉଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନସିବିର ଏଡିଜି ସଞ୍ଜୟ କୁମାର ସିଂହ କହିଛନ୍ତି, ଅବୈଧ କମ୍ପାନୀରେ ରେଡ ବେଳେ ୩.୭୧ କୋଟି ନଗଦ ଟଙ୍କା, ମାଦକ ଦ୍ରବ୍ୟ, ମୋଇବାଲ ଫୋନ, ଲାପଟପ ସହ ଅନ୍ୟାନ୍ୟ ଇଲେକଟ୍ରୋନିକ୍ସ ଉପକରଣ ଜବତ କରିଛି । ଏହି ସବୁ ଗ୍ୟାଜେଟ ଜରିଆରେ ଅନଲାଇନ ଫାର୍ମାସୀର ବ୍ୟବସାୟ କରୁଥିଲେ ଅଭିଯୁକ୍ତ । ଜେଆର ଇନଫେନିଟିର କର୍ମଚାରୀ ଆମେରିକା ସହ ଅନ୍ୟ ଦେଶରେ ଇମେଲ, ଭିଓଆଇପି ବା ଭଏସ ଓଭର ଇଣ୍ଟରନେଟ ପ୍ରୋଟୋକଲରେ ଗ୍ରାହକଙ୍କ ସହ ସମ୍ପର୍କ କରି ଏହି ମାଦକ ସାମଗ୍ରୀ ବିକ୍ରି କରୁଥିଲେ । ଯେତେବେଳେ ଜଣେ ଗ୍ରାହକ ଉତ୍ପାଦ ଏବଂ ଦର ନେଇ ସନ୍ତୁଷ୍ଟ ହୋଇଥାଏ ସେତେବେଳେ କମ୍ପାନୀର କର୍ମଚାରୀ ଗ୍ରାହକଙ୍କ ନାମ, ଠିକଣା, ଇମେଲ ଆଇଡିର ତଥ୍ୟ ଏକାଠି କରିଥାନ୍ତି । ପରେ ପେମେଣ୍ଟର ଲିଙ୍କ ସେୟାର କରାଯାଇଥାଏ । ଗ୍ରାହକଙ୍କୁ ପେମେଣ୍ଟ ପାଇଁ ଅନେକ ଅପସନ ଦିଆଯାଇଥାଏ । ଏଥିରେ ଆକାଉଣ୍ଟ ଟ୍ରାନସଫର, କ୍ରେଡିଟ କାର୍ଡ, ପେ-ପଲ, ବିଟକଏନ ଆଦି ରହିଛି । ଗିରଫ ହୋଇଥିବା ଅଭିଯୁକ୍ତ ପାଖରେ ଭାରତରୁ ଆମେରିକା ଏବଂ ଆମନେରିକା ଏକ ହଜାରରୁ ଅଧିକ ବେଆଇନ ସିପମେଣ୍ଟ ରହିଛି ।

## ଗୋଟିଏ ଦିନରେ ୭୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୨୦୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୮୬୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୬୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୨, କନ୍ଧମାଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୧ ଜଣ ଓ ରାୟଗଡା ଜିଲ୍ଲାରେ ୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଷ୍ଟେଟ ପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଓମେନ୍ସ ସଂଗଠନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର,୦୮/୦୫ (ନି.ପ୍ର): ବିଶ୍ୱ ମାତୃ ଦିବସ, ବିଶ୍ୱ ରେଡକ୍ରସ ଦିବସ ଏବଂ ବିଶ୍ୱ ଥାଲାସେମିଆ ଦିବସ ଅବସରରେ ଓଡ଼ିଶାର ପୁରାତନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓମେନ୍ସ' ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ଶିକ୍ଷାକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ବିଶିଷ୍ଟ ସମାଜସେବୀ ଶୋଭାଦେବୀ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ଶିଶୁ ଥାଲାସେମିଆ ରୋଗରେ ପୀଡ଼ିତ । ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ସାତଶହରୁ ଉର୍ଦ୍ଧ୍ୱ ଶିଶୁ ଏହି ରୋଗରେ ପୀଡ଼ିତ ବୋଲି ମତ ପ୍ରକାଶ ପାଇଛି । ଦୈନିକ ରୋଗୀମାନଙ୍କ ନିମନ୍ତେ ଆବଶ୍ୟକତା ପଡୁଥିବା ରକ୍ତ ଠାରୁ କମ୍ ପରିମାଣର ରକ୍ତ ମହଜୁଦ୍ ଥିବାରୁ ଅନେକ ଥାଲାସେମିଆ ପୀଡ଼ିତ ଶିଶୁମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓମେନ୍ସ ସଂଗଠନ ତରଫରୁ ଏଭଳି ପ୍ରୟାସ କରାଯାଇଛି । ଓମେନ୍ସର ସଂଗଠନର ଅଧକ୍ଷା ଶ୍ରୀମତୀ ସରୋଜିନୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨ ନମ୍ବର ୱାର୍ଡ଼ର କର୍ପୋରେଟର, ସମାଜସେବୀ ସୁଧା ମହାପାତ୍ର, କୃଷ୍ଣ ପ୍ରସାଦ ବାରିକ, ଗିରିଶ ମିଶ୍ର, ସୋନାଲି ମଧୁସ୍ମିତା ମହାନ୍ତି, ବାପୁଜୀ ପ୍ରଧାନ, ସୁମିତ୍ରା ମଧୁସ୍ମିତା ମହାନ୍ତି ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

# ଦୁଇଟି ମନରେଗା ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ଗଞ୍ଜାମ, ୦୮/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଘଟଣାରୁ ଜଣାପଡିଛି ଯେ, ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ବୁରୁପଡା ପଚାଂୟତର ଦୁଇଟି ମନରେଗା ପ୍ରକଳ୍ପ ଶେରଗଡ ବ୍ଲକର ଗୋଠଗାଁ ପଚାଂୟତର ପୁନାନ୍ଦ ଗାଁରେ ସୂଚନା ଫଳକ ଲଗାଇ ଅତି ଚଂଚକତାର ସହିତ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ମନରେଗାରେ କଂସାରୀ ନାଳ ଠାରୁ ହତାନାଳ ପର୍ଯ୍ୟନ୍ତ ପୁନଃଉଦ୍ଧାର କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା, ଆର୍ଥିକ ବର୍ଷ ୨୦୧୯-୨୦ ରେ କରାଯାଇଛି। ସେହିଭଳି କଂସାରୀ ନାଳ ଠାରୁ ବାଉରିବନ୍ଧ ପର୍ଯ୍ୟନ୍ତ ମାଟିନାଳ ପୁନଃଉଦ୍ଧାର କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା, ଆର୍ଥିକ ବର୍ଷ ୨୦୨୧-୨୨ରେ କାର୍ଯ୍ୟ କରାଯାଇଛି। ଉପରୋକ୍ତ ଦୁଇଟି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଶେରଗଡ ବ୍ଲକ କିମ୍ବା କ୍ଷୁଦ୍ର ଜଳସମ୍ପଦ ବିଭାଗର ଅନୁମତି ନିଆଯାଇ ନାହିଁ। ନାମଫଳକ ଲଗାଇବା ସହିତ ମାଟି ଚଂଛାର କିଛି ଫଟୋ କରି ଅତି ଚତୁରତାର ସହିତ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଦୁଇଟି ପ୍ରକଳ୍ପ ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ତଦନ୍ତ କରାଯାଇ ଏଥିରେ ସଂପୃକ୍ତ ଜିଆରଏସ, ପିଇଓ, ସରପଂଚ ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସାମାଜିକ କର୍ମୀ ସମରଜିତ୍ ମହାନ୍ତି ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ,ପ୍ରମୁଖ ସଚିବ, ପଚାଂୟତରାଜ,ନିର୍ଦ୍ଦେଶକ ଭିଜିଲାନ୍ସ, ଓଡିଶା, ଜିଲ୍ଲାପାଳ, ଗଞ୍ଜାମ, ପିଡି, ଗଞ୍ଜାମ, ଏସପି, ଭିଜିଲାନ୍ସ, ବ୍ରହ୍ମପୁରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତରେ ବିଳମ୍ବ ହେଲେ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନିଆଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ୧୨ରୁ ମୀର୍ଜା ପୋଖରୀ ଚନ୍ଦନ ଯାତ୍ରା



ବାଲେଶ୍ୱର,୦୮/୦୫ (ନି.ପ୍ର): ମହାମାରୀ କରୋନା ଯୋଗୁଁ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ମିର୍ଜା ପୋଖରୀ ଚନ୍ଦନ ଯାତ୍ରା ଚଳିତ ବର୍ଷ ଯାକଜମକ ହେଉଛି। ଆସନ୍ତା ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମକୁ ନେଇ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ ବୋଲି ଉତ୍ସବ କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତବର୍ଷ କୋଭିଡ କଟକଣା ଉଠିଯାଇଥିବାରୁ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଚନ୍ଦନଯାତ ଆୟୋଜନ ହେବାକୁ ଯାଉଥିବା ସେ କହିଛନ୍ତି। ପ୍ରତି ସଂଧ୍ୟାରେ ଶୋଭାଯାତ୍ରା ମଧ୍ୟରେ ରାଧାକୃଷ୍ଣ ବିଗ୍ରହଙ୍କ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହେବ। ସେହିପରି ପ୍ରଥମ ଓ ଦ୍ୱିତୀୟ ସଂଧ୍ୟାରେ ଭଜନ ଓ ଭକ୍ତିଗୀତର କାର୍ଯ୍ୟକ୍ରମ, ତୃତୀୟ ସଂଧ୍ୟାରେ ଡ୍ୟାନ୍ସ, ଚତୁର୍ଥ ଓ ପଞ୍ଚମ ସଂଧ୍ୟାରେ ସଙ୍ଗୀତ ବିଚିତ୍ରା ମେଲୋଡ଼ି ପ୍ରୋଗ୍ରାମ ଅନଷ୍ଠିତ ହେବ। ଚନ୍ଦନ ଯାତ ମେଳାରେ ଜିଲା ଓ ଜିଲା ବାହାରୁ ବହୁ ଦୋକାନୀ ଆସିବାକୁ ଜାଗା ଚିହ୍ନଟ କରିଥିବା ବେଳେ ପିଲାଙ୍କ ପାଇଁ ରାମଦୋଳି ବିଶେଷ ଆକର୍ଷଣ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ଶାନ୍ତିଶୃଙ୍ଖଳାର ସହ ଏବର୍ଷର ଚନ୍ଦନ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି, ଗିରିଜା ଶଙ୍କର ଦାସ, ସହକାରୀ ସଭାପତି ଅଶୋକ କୁମାର ତ୍ରିପାଠୀ, ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ଉପ-ସମ୍ପାଦକ ବୀରେନ୍ଦ୍ର କର, ସହକାରୀ ସମ୍ପାଦକ ରୁଦ୍ରନାରାୟଣ ଦାସ, କୋଷାଧ୍ୟକ୍ଷ ସୌର୍ଯ୍ୟସୁନ୍ଦର ସେନ ପ୍ରମୁଖଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଭଦୁଆ ଗାଁରେ ହନୁମାନ ମନ୍ଦିର ପ୍ରତିଷ୍ଠା ଓ ୧୦୮ କଳସ ଶୋଭାଯାତ୍ରା

ଜଳେଶ୍ୱର, ୦୮/୦୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ୍ ଅଧିନ କାଳିକ ପଂଚାୟତର ଭଦୁଆ ଗାଁରେ ଏକ ହନୁମାନ ମନ୍ଦିର ପ୍ରତିଷ୍ଠା ହୋଇ ଯାଇଛି । ସକାଳ ଗ୍ରାମର ସତାଧିକ ମହିଳା କଳାସ ଯାତ୍ରାରେ ୩ କି.ମି. ଆସି ଗୁରୁଦାସପୁର ଠାରେ ସୁବର୍ଣ୍ଣରେଖା ନଦୀରୁ ପବିତ୍ର ପାଣି ୧୦୮ଟି କଳସରେ ନେଇ ମନ୍ଦିର ପ୍ରରିକ୍ରମା କରିଥିଲେ । ଏଥିରେ ଆଖାପାଖ ୫ଟି ଗ୍ରାମର ଲୋକମାନେ ସାମିଲ ଥିବା ବେଳେ ଦିନ ଯାକ ଯଜ୍ଞ ଓ ହୋମ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ । ଉକ୍ତ ମନ୍ଦିରଟି ସରକାରୀ ଓ ସ୍ଥାନୀୟ ଲୋକ ସହାୟତାରେ ନିର୍ମାଣ ହୋଇଥିବା ଗ୍ରାମବାସୀ କହିଛନ୍ତି ।

# ବରିଷ୍ଠ କବି ଡ. ହୃଷିକେଶ ମଲ୍ଲିକଂକୁ 'ବିଶ୍ୱଭାରତୀ ପ୍ରାକ୍ତନୀ, ଓଡ଼ିଶା'ର 'ସୃଜନୀ ସମ୍ମାନ'



ଭୁବନେଶ୍ୱର, ୦୮/୦୫ (ନି.ପ୍ର): 'ବିଶ୍ୱଭାରତୀ ପ୍ରାକ୍ତନୀ, ଓଡ଼ିଶା' ପକ୍ଷରୁ ପ୍ରାକ୍ତନୀର ଉପଦେଷ୍ଟା ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେଂଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ , ବରିଷ୍ଠ ସମାଲୋଚକ ଓ ବିଶିଷ୍ଟ ଭାଷାବିତ୍ ପ୍ରଫେସର ଡ. ବସଂତ କୁମାର ପଂଡାଂକ ଦ୍ୱାରା ଓଡ଼ିଶା ସାହିତ୍ୟ ଏକାଡେମିର ସଭାପତି ତଥା କେଂଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି, ସମାଲୋଚକ ଓ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ଡ. ହୃଷିକେଶ ମଲ୍ଲିକଂକୁ ତାଂକ ବାସ ଭବନରେ ମର୍ଯ୍ୟାଦାଜନକ 'ବିଶ୍ୱଭାରତୀ ପ୍ରାକ୍ତନୀ ସୃଜନୀ ସମ୍ମାନ' ପ୍ରଦାନ କରାଯାଇଅଛି। ଏହି ଅବସରରେ ଅନୁଷ୍ଠାନର ସଂପାଦିକା ମମତା ଷଡ଼ଂଗୀ, ଉପ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଯୁଗ୍ମ ସଂପାଦକ ଅନଂତ ଜେନା, ଅଧ୍ୟାପିକା ନିହାରିକା ରାୟ ପ୍ରାକ୍ତନୀ ତରଫରୁ ଉପସ୍ଥିତ ଥିଲେ। ଗତ ୨୭.୦୩.୨୦୨୨ ତାରିଖରେ ବିଶ୍ୱଭାରତୀ ପ୍ରାକ୍ତନୀ, ଓଡ଼ିଶାର ବାର୍ଷିକୋତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବାର ଥିଲା, କିଂତୁ ଡ. ମଲ୍ଲିକ ଓଡ଼ିଶା ସାହିତ୍ୟ ଏକାଡେମି କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ହେତୁ ଏହି ପୁରସ୍କାର ଗ୍ରହଣ କରିପାରି ନଥିଲେ।

# ଆଇଆଇଏମ ନାଗପୁରର ସ୍ଥାୟୀ କ୍ୟାମ୍ପସକୁ ଲୋକାର୍ପଣ କଲେ ରାଷ୍ଟ୍ରପତି

ନାଗପୁର/ଭୁବନେଶ୍ୱର, ୦୮/୦୫ (ନି.ପ୍ର): ଶିକ୍ଷାନୁଷ୍ଠାନ ଗୁଡ଼ିକ କେବଳ ଶିକ୍ଷା ଗ୍ରହଣ କରିବାର ସ୍ଥାନ ନୁହେଁ ବରଂ ଏହା ହେଉଛି ସେହି ସ୍ଥାନ ଯାହା ଆମ ଭିତରର ଲୁକ୍କାୟିତ ପ୍ରତିଭାକୁ ମାର୍ଜିତ କରିଥାଏ । ରବିବାର ଆଇଆଇଏମ ନାଗପୁରର ନୂତନ ସ୍ଥାୟୀ କ୍ୟାମ୍ପସକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିବା ଅବସରରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଆମେ ଏପରି ଏକ ଯୁଗରେ ଅଛୁ ଯେଉଁଠି ନବସୃଜନ ଓ ଉଦ୍ୟମିତାକୁ ପ୍ରଂଶସା କରାଯିବା ସହ ପ୍ରୋତ୍ସାହନ ମଧ୍ୟ ଦିଆଯାଉଛି । ନବସୃଜନ ଓ ଉଦ୍ୟମିତା ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଆମ ଜୀବନ ପଥକୁ ସୁଗମ କରିବା ସହ ଅନେକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବାର ସୁଯୋଗ ଦେଉଅଛି। ଆଇଆଇଏମ ନାଗପୁରର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ନିଯୁକ୍ତି ଅନ୍ୱେଷଣ କରିବା ପାଇଁ ନୁହେଁ ବରଂ ନିଯୁକ୍ତିଦାତା ହେବା ପାଇଁ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବ ବୋଲି ଶ୍ରୀ କୋବିନ୍ଦ ମତପ୍ରକାଶ କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ଶିକ୍ଷା ହେଉଛି ସଶକ୍ତିକରଣର ମାଧ୍ୟମ। ବିଦ୍ୟା ଅନ୍ଧକାରରୁ ଆଲୋକ ପ୍ରଦାନ କରେ। ସେହିପରି ଜ୍ଞାନ ଏବଂ ଶିକ୍ଷା ଦାରିଦ୍ୟରୁ ସମ୍ପନ୍ନତା ତଥା ଲୋକ କଲ୍ୟାଣର ମୂଳ ଚାବିକାଠି ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ଭାରତ ଠାରୁ ଅନେକ ଆଶା ରଖୁଛି। ଆଇଆଇଏମ, ନାଗପୁର ଭାରତକୁ ଶିକ୍ଷା ଅର୍ଥନୀତିରେ ବିକଶିତ କରିବାରେ ନେତୃତ୍ୱ ନେବ । ଏହା ପ୍ରଗତିଶୀଳ ଅର୍ଥନୀତି ଓ ବିଶ୍ୱ ସମେତ ଭାରତରୁ ମଧ୍ୟ ନେତୃତ୍ୱ କରିବ। ରାଷ୍ଟ୍ରୀୟ ଶିକ୍ଷା ନୀତି(ଏନଇପି)କୁ ଆଦର୍ଶ କରି ଆଇଆଇଏମ ନାଗପୁର ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ପାଇଁ ନୂଆ ଗତିପଥ ପ୍ରସ୍ତୁତ କରିବ ଏବଂ ଏକବିଂଶ ଶତାବ୍ଦୀରେ ଭାରତକୁ ନିଯୁକ୍ତିଦାତା ଭାବରେ ସ୍ଥାପନ କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଆଇଆଇମ, ନାଗପୁରର ଛାତ୍ରଛାତ୍ରୀମାନେ କିଛି ଦାୟିତ୍ୱ ନେଇ ଉତ୍ସାହର ସହ ସମାଜକୁ କିଛି ଦେବାର ନୂଆ ପ୍ରଥା ଆରମ୍ଭ କରନ୍ତୁ। ଆମର ସେବା ପରମ୍ପରାକୁ ଆଗେଇ ନେଇ ଜିଲ୍ଲାରେ ଥିବା ସ୍କୁଲ, କଲେଜକୁ ପୋଷ୍ୟ ଭାବେ ଗ୍ରହଣ କରି ଏହି ସବୁ ଶିକ୍ଷାନୁଷ୍ଠାନକୁ ବିକଶିତ କରିବାର ଦାୟିତ୍ୱ ନିଅନ୍ତୁ।

# ୨୪ ଘଂଟା ମଧ୍ୟରେ କୋଭିଡ ପାଇଁ ୩,୬୦,୬୧୩ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ, ୦୮/୦୫ : ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୩,୬୦,୬୧୩ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୮୪,୦୬,୯୩,୦୮୨ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ୨ଟି ଗ୍ରନ୍ଥ ଉନ୍ମୋଚିତ



ବାଲେଶ୍ୱର,୦୮/୦୫ (ନି.ପ୍ର): ସାଧାରଣତଃ ଲେଖକ, ସମ୍ପାଦକ ଓ ପ୍ରକାଶକଙ୍କୁ ସାରସ୍ୱତ ତ୍ରିଭୁଜର ତିନିଗୋଟି ବାହୁ ବୋଲି କୁହାଯାଉଥିଲେ ମଧ୍ୟ ପାଠକମାନେ ସେହି ତ୍ରିଭୁଜର ଚତୁର୍ଥ ବାହୁ। ପାଠକ ଗ୍ରହଣ ନକଲେ କିମ୍ବା ସ୍ୱୀକୃତି ନଦେଲେ ପ୍ରତିଭାବାନ୍ ଲେଖକର କୃତି ନିରର୍ଥକ ହୋଇଯାଏ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇଖଣ୍ଡ ଗ୍ରନ୍ଥକୁ ଉନ୍ମୋଚନ କରି ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ବିଷ୍ଣୁ ସାହୁ ମତ ପ୍ରକାଶ କରିଥିଲେ। ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିଉଲାଲ ମହନ୍ତଙ୍କର ଗଳ୍ପଗ୍ରନ୍ଥ ସୁଇସାଇଡ୍ ନୋଟ୍ ଓ ସୁମିତା ବେହେରାଙ୍କର କବିତା ଗ୍ରନ୍ଥ ନିଃଶବ୍ଦ ଅଭିସାର ଲୋକାର୍ପିତ ହୋଇଥିଲା। ନିଃଶବ୍ଦ ଅଭିସାର ଗ୍ରନ୍ଥକୁ ସମୀକ୍ଷା କରି ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ ବହିଟିରେ ଜୀବନ ତଥା ଜୀବନ ସମ୍ପର୍କିତ ଜିଜ୍ଞାସାବୋଧ ଓ ମାନବୀୟ ମୂଲ୍ୟବୋଧର ଏକ ସନ୍ତୁଳିତ ଉପସଂହାର କବିଙ୍କ କବିତାରେ ପ୍ରଦର୍ଶିତ ହୋଇଛି ବୋଲି ପ୍ରକାଶ କରିଥିଲେ। ସେହିପରି ସୁଇସାଡଡ୍ ନୋଟ୍‌କୁ ଆଲୋଚନା କରି ଗବେଷକ ଡ.ଶିରୀଶଚନ୍ଦ୍ର ଜେନା ସମୟର ସ୍ୱର ଓ ସଂକେତକୁ ଗଳ୍ପରେ ପ୍ରସଙ୍ଗ କରିବା ସହ ପ୍ରେମ, ଅନ୍ତର୍ଦ୍ୱନ୍ଦ୍ୱ, ସ୍ୱପ୍ନଭଙ୍ଗ ଓ ବିଷାଦବୋଧକୁ ଗାଳ୍ପିକ ଫୁଟାଇ ପାରଛନ୍ତି ବୋଲି ମତ ରଖିଥିଲେ। ଲେଖକଦ୍ୱୟ ଲେଖକୀୟ ବକ୍ତବ୍ୟରେ ସମାଜ ଓ ପାରିବାରିକ ଜୀବନ ତାଙ୍କର ସାହିତ୍ୟକୁ ପ୍ରଭାବିତ କରିଛି ବୋଲି ପ୍ରକାଶ କରିଥିଲେ। ସ୍ୱାବଲମ୍ବନର ପ୍ରକାଶକ ସନ୍ତୋଷ ବାରିକ ଗ୍ରନ୍ଥଦ୍ୱୟର ସଂକ୍ଷିପ୍ତ ଆଲୋଚନା କରି ଏହାକୁ ଇଣ୍ଟରନେଟ୍ ମାଧ୍ୟମରେ ପଢ଼ିବାର ସୁଯୋଗ ମିଳିପାରିବ ବୋଲି ସୂଚନା ଦେଇଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଅତିଥିଙ୍କୁ ମଞ୍ଚକୁ ଅମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଅମ୍ବିକେଶ୍ୱର ମହାଦେବଙ୍କ ଚଡକଯାତ୍ରା



ଜଳେଶ୍ୱର, ୦୮/୦୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆମ୍ବଳିଅଠା ଗ୍ରାମରେଥିବା ଅମ୍ବିକେଶ୍ୱର ମହାଦେବଙ୍କ ଚଡକ ଯାତ୍ରା ଆଜି ଯାକଜମକରେ ଅନୁଷ୍ଠିତ ହୋଇ ଯାଇଛି । ବୈଶାଖ ମାସ ପ୍ରଥମ ଦିନରେ ବ୍ରତଧାରୀ (ଭକ୍ତା) ମାନେ ପଇତା ଧାରଣ କରି ନିଷ୍ଠାର ସହିତ ବ୍ରତ ପାଳନ କରିଥାନ୍ତି । ଦୀର୍ଘ ୨୨ ଦିନ ଧରି ଭକ୍ତାମାନେ ମହାଦେବଙ୍କ ସେବା କରିଆସୁଥିବା ବେଳେ ଆଜି ଅନ୍ତିମ ଦିବସରେ ବ୍ରତ୍ ଉଦ୍‌ଯାପନ ହୋଇଛି। ଘଟୋଉଳନ ଦିନ ହାକାଣ୍ଡ ପୋଖରୀଠାରେ ଭକ୍ତମାନେ ନିଶାଭାଗ ରାତିରେ କାମିନୀ ଓ ଗଣେଶ ଦେବତାଙ୍କ ଘଟୋଉଳନ କରି ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରି ମନ୍ଦିରରେ ସ୍ଥାପନ କରିଥିଲେ । ପ୍ରତିଦିନ ଭକ୍ତାମାନେ ମନ୍ଦିର ସେବାକାର୍ଯ୍ୟ ସହିତ ମହାମେଳି ଦିନ ଗ୍ରାମର ବହୁ ଶ୍ରଦ୍ଧାଳୁ ଭାଗ ନେଇ ଘର ଘର ବୁଲି ରଙ୍ଗ ଖେଳିଥିଲେ । ଆଜି ଉଦ୍‌ଯାପନୀ ଉତ୍ସବରେ ଭକ୍ତାମାନେ ହାକାଣ୍ଡ ପୋଖରିରେ ପହଞ୍ଚି ସ୍ନାନ ସାରି ନନ୍ଦିଙ୍କୁ ପୂଜାର୍ଚ୍ଚନା କରିଥିଲେ । ଭକ୍ତାମାନଙ୍କୁ କାନ୍ଧରେ ବସାଇ ହାକାଣ୍ଡ ପୋଖରୀ ପରିକ୍ରମା ପରେ ସୁସଜ୍ଜିତ ରଥାରୁଢ଼ କରାଯାଇଥିଲା । ପ୍ରାୟ ୨ କିମି. ଧରି ଉକ୍ତ ରଥକୁ ଶ୍ରଦ୍ଧାଳୁମାନେ ଏକ ବିଶାଳ ପଟୁଆରରେ ଟାଣି ଟାଣି ମନ୍ଦିର ନିକଟରେ ସଂଧ୍ୟାରେ ପହଞ୍ଚାଇଥିଲେ। ସେଠାରେ ଭକ୍ତାମାନେ ମନ୍ଦିର ପରିକ୍ରମା ପରେ ବ୍ରତ ସମାପନ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଉତ୍ତର ବାଲେଶ୍ୱରର ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ଏପରି କାର୍ଯ୍ୟ ଅନୁଷ୍ଠିତ ହେଉଥିବା ବେଳେ କେବଳ ଅମ୍ବିକେଶ୍ୱର ମହାଦେବଙ୍କ ଚଡକଯାତ୍ରାରେ ବିଶାଳ ରଥ ଦ୍ୱାରା ଭକ୍ତାମାନେ ମନ୍ଦିର ନିକଟକୁ ଆସିଥାନ୍ତି । ଏହାକୁ ଦେଖିବା ଲାଗି ଓଡିଶା ଓ ପଶ୍ଚିମବଂଗର ବହୁ ଦର୍ଶକ ଏଠାକୁ ଆସିଥାନ୍ତି ।

# ଆକତପୁରରେ ଇସ୍କନ ମନ୍ଦିର ପାଇଁ ଭୂମିପୂଜନ

ବାଲେଶ୍ୱର,୦୮/୦୫ (ନି.ପ୍ର): ବାଲେଶ୍ୱର ସହରର ଆକତପୁର ଅଞ୍ଚଳରେ ନୂତନ ଇସ୍କନ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗ ମାୟାପୁରର ଇସ୍କନ ଆଶ୍ରମର ସ୍ୱାମୀ ପୁରୁଷୋତ୍ତମ ମହାରାଜ ଏଥିରେ ଯୋଗଦେଇ ଭୂମିପୂଜନ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ ପ୍ରମୁଖ ଏଥିରେ ଯୋଗଦେଇ ମାନବ ଜୀବନ ଓ ସମାଜବାଦରେ ଆଧ୍ୟାତ୍ମିକତାର ଆବଶ୍ୟକତା ତଥା ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପ୍ରଭୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାନାଥ ସାହୁ, ବିଜୟ ଭୂୟାଁ, ଅଶ୍ୱିନୀ କୁମାର ଜେନା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଭୂମିପୂଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଜଭବନରେ ପ୍ରଦର୍ଶିତ ହେଲା ଚଳଚ୍ଚିତ୍ର 'ପରିଚୟ'

ଭୁବନେଶ୍ୱର, ୦୮/୦୫ (ନି.ପ୍ର): ରାଜଭବନରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପରିଚୟ'ର ସ୍ୱତନ୍ତ୍ର ପ୍ରଦର୍ଶନ ହୋଇଯାଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉପସ୍ଥିତ ରହି ଚଳଚ୍ଚିତ୍ରଟି ଉପଭୋଗ କରିବା ସହିତ ଏପରି ସୃଜନ ପ୍ରୟାସକୁ ପ୍ରଶଂସା କରିଛନ୍ତି । ସେ ଚଳଚ୍ଚିତ୍ରର ବିଷୟକୁ ଭାବ-ଉଦ୍ରେକକାରୀ ଓ ଏହାର ବାର୍ତ୍ତା ପ୍ରଭାବଶାଳୀ ବୋଲି ଉଲ୍ଲେଖ କରିଛନ୍ତି । 'ପରିଚୟ'ର ପ୍ରଯୋଜକ ଓ ନିର୍ଦ୍ଦେଶକ ସାତ୍ୟକି ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗୋଟିଏ ଜାରଜର ଆତ୍ମପରିଚୟ ଅନ୍ୱେଷଣ ଏବଂ ସମାଜର ଅବହେଳା ଓ ଉଦାସୀନତା ଚଳଚ୍ଚିତ୍ରର ଭାବବସ୍ତୁ ବୋଲି ପ୍ରକାଶ କରିଥିବାବେଳେ ଚଳଚ୍ଚିତ୍ରର ସହ-ପ୍ରଯୋଜିକା ଶୁଚିସ୍ମିତା ମିଶ୍ର ଚଳଚ୍ଚିତ୍ର ନିର୍ମାଣର ପ୍ରେରଣା ଓ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟପାଳ ପ୍ରଫେସର ଲାଲ ନିର୍ଦ୍ଦେଶକ ସାତ୍ୟକି ମିଶ୍ରଙ୍କ ସମେତ ଚଳଚ୍ଚିତ୍ରସଂପୃକ୍ତ କଳାକାର ଓ ବୈଷୟିକ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା ଡ. ପଞ୍ଚାନନ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୦୮/୦୫ (ନି.ପ୍ର): ଓଡ଼ିଆ ତଥା ହିନ୍ଦି ନାଟ୍ୟଜଗତର ଅଭିନେତା, ନିର୍ଦ୍ଦେଶକ ଏବଂ ସମ୍ବଲପୁରସ୍ଥିତ 'ସ୍ୱର' ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ପଞ୍ଚାନନ ମିଶ୍ରଙ୍କ ପ୍ରଥମ ଶ୍ରଦ୍ଧାଞ୍ଜଳି ସ୍ମାରକୀ 'ଚନ୍ଦ୍ରଭାଗା' ତଥା 'ନାଚ୍' ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ 'ଚନ୍ଦ୍ରଭାଗା'ର ବର୍ଷୀୟାନ୍ ଉପଦେଷ୍ଟା ଡ. ପ୍ରହ୍ଲାଦଚରଣ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ପ୍ରତିଷ୍ଠାତା ସଦସ୍ୟ ଅବନୀ ଜେନାଙ୍କ ସଂଚାଳନରେ ଅନୁଷ୍ଠିତ ହୋଇଯାଇଛି। ଡ. ପଞ୍ଚାନନ ମିଶ୍ର ହିନ୍ଦୀର 'ଭୁଖା' ଚଳଚ୍ଚିତ୍ରରେ ଅଭିନୟ କରି ପ୍ରଶଂସିତ ହେବା ସହ ଶତାଧିକ ନାଟକରେ ଅଭିନୟ ତଥା ନିର୍ଦ୍ଦେଶନା ଦେଇ ରାଜ୍ୟ ତଥା ରାଜ୍ୟ ବାହାରେ ବହୁବାର ପ୍ରଶଂସିତ ହୋଇଥିବାବେଳେ ରାଜ୍ୟ ସଂଗୀତ ନାଟକ ଏକାଡେମୀର ସଦସ୍ୟ ଭାବରେ ମନୋନୀତ ହୋଇଥିଲେ। ଦୀର୍ଘ ୧୨ବର୍ଷ କାଳ 'ଚନ୍ଦ୍ରଭାଗା' ଆୟୋଜିତ ମହାବିଦ୍ୟାଳୟସ୍ତରୀୟ ଜାତୀୟ ବହୁଭାଷୀ ନାଟକ ପ୍ରତିଯୋଗିତାରେ ସେ ମୁଖ୍ୟ ବିଚାରକ ଦାୟିତ୍ୱ ତୁଲାଇ ଆସୁଥିବାବେଳେ ଗତ କରୋନା ମହାମାରୀ ସମୟରେ ପୀଡ଼ିତ ହୋଇ ପ୍ରାଣତ୍ୟାଗ କରିଥିଲେ। କବି ଶ୍ରୀଦେବଙ୍କ ପ୍ରାରମ୍ଭିକ ସୂଚନାନ୍ତେ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଉପସ୍ଥିତ 'ଚନ୍ଦ୍ରଭାଗା'ର ସଦସ୍ୟ ଶୁଭେଚ୍ଛୁ ଶିକ୍ଷାବିତ୍ ନିର୍ମଳା ମହାନ୍ତି, ବାସନ୍ତୀ ପାଣି, ଜ୍ୟୋତିର୍ମୟୀ ଶତପଥୀ, ଯାତ୍ରା ସମୀକ୍ଷକ କୈଳାସ ଦାସ, ଅନ୍ନପୂର୍ଣ୍ଣାର ବରିଷ୍ଠ ଅଭିନେତା ନିର୍ଦ୍ଦେଶକ କମଳଲୋଚନ ଦାଶ, ନାଟ୍ୟକାର ମୀନାକୁମାରୀ ସାମଲ, ସୌମ୍ୟରଞ୍ଜନ ପ୍ରଧାନ, ସାମ୍ବାଦିକ ରତିକାନ୍ତ ପାତ୍ର, ଅଧାପକ ଡ. ଶଶିକାନ୍ତ ମହାନ୍ତି, ଦିଲ୍ଲୀପ ରଥ, କବି ସିତାଂଶୁ ଲେଙ୍କା, କବି ପ୍ରଶାଂତ ମଲ୍ଲିକ୍, କବି ସୁନୀଲ୍ ପଣ୍ଡା, ବିଶ୍ୱଜିତ୍ ଡାକୁଆ, ଅଙ୍କିତ୍ ଧଳ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ। ସର୍ବାଗ୍ରେ ଡକ୍ଟର ପଞ୍ଚାନନ ମିଶ୍ରଙ୍କ ବିଧବାପତ୍ନୀ କୁନ୍ତଳା ମିଶ୍ର ସମ୍ବଲପୁରରୁ ଭର୍ଚୁଆଲ୍ ମୋଡ୍‌ରେ ଶୋକାଞ୍ଜଳି ବାର୍ତ୍ତା ପ୍ରଦାନ କରି 'ଚନ୍ଦ୍ରଭାଗା'ର କର୍ମକର୍ତ୍ତାଙ୍କ ସହ ସବୁଦିନେ ସହଭାଗୀ ହୋଇ ରହିବେ ବୋଲି ବଚନାବଦ୍ଧ ହୋଇଥିଲେ।

# ଜ୍ୟୋତି ହସପିଟାଲ ନିର୍ଦ୍ଦେଶକ ଫାଦର ପଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର,୦୮/୦୫ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠରେ ଥିବା ଜ୍ୟୋତି ହସପିଟାଲର ନିର୍ଦ୍ଦେଶକ ଫାଦର ଡ. ପଲ କୁନମ ପରମପଥଙ୍କର ମିତ୍ରପୁର ଚର୍ଚ୍ଚକୁ ଯାଜକ ଭାବେ ବଦଳିକୁ ନେଇ ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସପିଟାଲ ପେକ୍ଷାଳୟରେ ୭ ତାରିଖ ସଂଖ୍ୟାରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୋଭିଡ ସମୟରେ ଜିଲା ପ୍ରଶାସନକୁ ଫାଦର ପଲଙ୍କ ସହଯୋଗକୁ କେବେ ମୂଲ୍ୟାଙ୍କନ କରାଯାଇ ନପରେ ବୋଲି କହିଥିଲେ। ଜିଲାର ଅନ୍ୟାନ୍ୟ କୋଭିଡ ହସପିଟାଲ ମଧ୍ୟରେ ଜ୍ୟୋତି ହସପିଟାଲ ସବୁଠାରୁ ଉତ୍କୃଷ୍ଟ ସେବା ଯୋଗାଇଥିବା ବେଳେ ଏଥିପାଇଁ ନିର୍ଦ୍ଦେଶକ ଫାଦର ପଲ ହିଁ ପ୍ରଶଂସାର ପାତ୍ର ବୋଲି ସେ ମତ ପ୍ରକାଶ କରିଥିଲେ। ନୂତନ ଭାବେ ଦାୟିତ୍ୱ ନେଇଥିବା ଫାଦର ପିଟର ଅର୍କେଲଠାରୁ ମଧ୍ୟ ଜିଲା ପ୍ରଶାସନ ଅନୁରୂପ ଭାବେ ସହଯୋଗ ଆଶା କରୁଛି ବୋଲି ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ। ବାଲେଶ୍ୱର ରୋମାନ କ୍ୟାଥଲିକ ଡାୟୋସିସର ଅବସରପ୍ରାପ୍ତ ବିଶପ ତଥା ଜ୍ୟୋତି ହସପିଟାଲର ପ୍ରତିଷ୍ଠାତା ଥୋମାସ ଥିରୁଥାଲିଲ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ଫାଦର ପଲଙ୍କ କାର୍ଯ୍ୟାବଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ଫାଦର ପଲଙ୍କ ପ୍ରଚେଷ୍ଟାରୁ ମାତ୍ର ୪୦ ଶଯ୍ୟାକୁ ନେଇ ଆରମ୍ଭ ହୋଇଥିବା ହସପିଟାଲ ଏବେ ଡାୟୋଲିସିସ ଓ ଟ୍ରମା କେୟାର ସହିତ୨୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶିଆଲିଟି ହସପିଟାଲରେ ପରିଣତ ହୋଇପାରିଛି ବୋଲି ସେ କହିଥିଲେ। ଡାୟୋସିସର ଭାରପ୍ରାପ୍ତ ବିଶପ ତଥା ପ୍ରଶାସନିକ ଅଧିକାରୀ ଫାଦର ଆଇଜାକ ଏଥିରେ ଯୋଗଦେଇ ଫାଦର ପଲଙ୍କ ସେବା ଓ ତ୍ୟାଗପୂର୍ଣ୍ଣ କାର୍ଯ୍ୟଧାରା ଅନ୍ୟାମନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେଂଟ ଥୋମାସ ନର୍ସିଂ ସ୍କୁଲର ଉପାଧ୍ୟକ୍ଷା ସିଷ୍ଟର ଜିଷା, ଜ୍ୟୋତି ହସପିଟାଲର ଅଧୀକ୍ଷକ ସିଷ୍ଟର ସୁମାରାଣୀ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜ୍ୟୋତି ହସପିଟାଲ ଡାକ୍ତର, ନର୍ସିଂ ଷ୍ଟାଫ, ନର୍ସିଂ ସ୍କୁଲର କର୍ମଚାରୀ, ଛାତ୍ରୀ ତଥା ସହରର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଫାଦର ପଲଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତରରେ ଫାଦର ପଲ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲେ। ମିତ୍ରପୁର ଚର୍ଚ୍ଚକୁ ବଦଳିକୁ ନେଇ ସନ୍ତୋଷ ପ୍ରକାଶ କରିବା ସହିତ ସେ ହୃଦୟ ସହକାରେ ଲୋକଙ୍କ ସେବା କରୁଥିବାରୁ ଯେଉଁଠାକୁ ଗଲେ ବି ଭଗବାନଙ୍କର ଆଶୀର୍ବାଦ ତାଙ୍କ ଉପରେ ରହିବ ବୋଲି କହିଥିଲେ। ଏଠାରେ ୨୦ ବର୍ଷ ଧରି ତାଙ୍କ କାର୍ଯ୍ୟକାରିତା ସମୟରେ ଜ୍ୟୋତି ହସପିଟାଲର ସମସ୍ତ ପରିଚାଳନା ସଦସ୍ୟ, ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ସହଯୋଗ ମିଳିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ନୂତନ ନିର୍ଦ୍ଦେଶକ ଫାଦର ପିଟରଙ୍କୁ ସେମାନେ ମଧ୍ୟ ଅନୁରୂପ ସହଯୋଗ କରିବେ ବୋଲି ସେ ଆଶାପ୍ରକାଶ କରିଥିଲେ। ନବନିଯୁକ୍ତ ନିର୍ଦ୍ଦେଶକ ଫାଦର ପିଟର ଆର୍କେଲ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଡାକ୍ତର କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ଅର୍ଚ୍ଚନା, ଜ୍ୟୋତି ହସପିଟାଲର କର୍ମଚାରୀ, ନର୍ସିଂ ସ୍କୁଲର ଛାତ୍ରୀ ପ୍ରମୁଖଙ୍କ ଦ୍ୱାରା ବିବିଧ ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo